

ରୋହିତଙ୍କ ଦ୍ରୁତ ଶତକ

▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-204 • BHUBANESWAR • THURSDAY • 18 JANUARY 2024 • PAGE-20 • ₹ 6.00

• ବର୍ଷ-୪୧ • ସଂଖ୍ୟା-୨୦୪ • ଭୁବନେଶ୍ୱର • ଗୁରୁବାର • ୧୮ ଜାନୁଆରୀ ୨୦୨୪ • ପୃଷ୍ଠା-୨୦ • ଟ.୬.୦୦

DSPL-551

ଆମ ଓଡ଼ିଶା ନବୀନ ଓଡ଼ିଶା

ସହରାଞ୍ଚଳ ଓଡ଼ିଶା ରୂପାନ୍ତରଣ

ଅର୍ନ୍ତଜାତୀୟ କନକ୍ଲେଭ୍

ବିକେନ୍ଦ୍ରିତ | ବ୍ୟାପକ | ଗୋଷ୍ଠୀକୈନ୍ଦ୍ରିକ

୧୮ ରୁ ୨୦ ଜାନୁଆରୀ ୨୦୨୪ | ଭୁବନେଶ୍ୱର

5T ଅନ୍ତର୍ଗତ ଏକ ପଦକ୍ଷେପ



ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଭର୍ଚୁଆଲ ମୋଡ୍‌ରେ ଶୁଭ ଉଦ୍‌ଘାଟନ
୧୮ ଜାନୁଆରୀ ୨୦୨୪, ପୂର୍ବାହ୍ନ ୧୧ ଘଟିକା

OIPR-13001/13/0055/2324

- ଓଡ଼ିଶା ଅର୍ବାନ ଏକାଡେମୀ ଉତ୍ସର୍ଗ
- ଓଡ଼ିଶା ସହରାଞ୍ଚଳ ପରିମଳ ନୀତି ୨୦୨୪ର ଶୁଭାରମ୍ଭ
- ରାଜ୍ୟ ତଥା ଦେଶର ସହରାଞ୍ଚଳ ବିଶାରଦମାନଙ୍କ ସହ ରୂପାନ୍ତରଣ ବିଷୟବସ୍ତୁ ଉପରେ ଆଲୋଚନା
- ଓଡ଼ିଶା ମଡେଲ୍‌କୁ ବିଶ୍ୱସ୍ତରର ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶନ
- କମ୍ୟୁନିଟି ଚାମ୍ପିଅନ୍‌ମାନଙ୍କୁ ସମ୍ବର୍ଦ୍ଧନା
- ସହଭାଗିତାକୁ ଅଗ୍ରାଧିକାର

#OdishaontheMove

urbanodisha.gov.in @HUDDeptOdisha hudd_odisha

● ମଣିପୁରରେ ଉଗ୍ରବାଦୀ ଆକ୍ରମଣ

# ୨ ଯବାନ ସହିଦ, ମହିଳା ମୃତ

**ଇମ୍ଫାଲ,୧୭।୧(ଏଜେନ୍ସି):** ମଣିପୁରରେ ବୁଧବାର କୁକି ଆତଙ୍କବାଦୀ ସେନା ଉପରକୁ ଆକ୍ରମଣ କରିଛନ୍ତି। ଏଥିରେ ଦୁଇ ଯବାନ ସହିଦ ହୋଇଥିବା ବେଳେ ଜଣେ କୁକି ମହିଳା ମଧ ପ୍ରାଣ ହରାଇଛନ୍ତି। ଅନ୍ୟ ତିନି ଜଣ ଗୁରୁତର ଥିବା ଜଣାପଡ଼ିଛି। ବୁଧବାର ମୋରେ ସହରସ୍ଥିତ ସେନା କ୍ୟାମ୍ପ ଉପରକୁ କୁକି ଆତଙ୍କବାଦୀମାନେ ବୋମା ପକାଇବା ସହ ଗୁଳି ବର୍ଷଣ କରିଥିଲେ। ଏହି ଘଟଣାରେ ମଣିପୁର ରାଇଫଲସ୍‌ର ଦୁଇ ଜଣ ଯବାନ ସହିଦ ହୋଇଥିଲେ। ସେହିପରି ତେଙ୍ଗନୌପଲ ଜିଲ୍ଲାରେ କୁକି ଆତଙ୍କବାଦୀମାନେ ସେନା କ୍ୟାମ୍ପ ଉପରକୁ ବୋମା ମାଡ଼ କରିଥିଲେ। ଏଥିରେ ତିନି ଯବାନ ଆହତ ହୋଇଥିବା କୁହାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦୁଇ ଦୁଇଟି ଘଟଣାରେ ସେନା ଉପରକୁ ଆକ୍ରମଣ ଘଟଣାକୁ ନେଇ ପୁଣି ସ୍ଥିତି ବିଗିଡିବା ଆଶଙ୍କା ସୃଷ୍ଟି ହୋଇଛି। ଏହି ଘଟଣା ପରେ ବିଭିନ୍ନ ସ୍ୱର୍ଶକାତର ଜିଲ୍ଲାରେ ସେନାକୁ ଆଲର୍ଟ କରିଦିଆଯାଇଛି। ମଣିପୁରର ସ୍ଥିତି କ୍ରମଶଃ ଶାନ୍ତ ହୋଇଥିଲା ବେଳେ କୁକି ବିଦ୍ରୋହୀଙ୍କ ଦ୍ୱାରା ପୁଣିଥରେ ହିଂସା ସୃଷ୍ଟି କରାଯାଇପାରେ ବୋଲି ଗୁଇନ୍ଦା ସୂଚନା ମିଳିଥିଲା। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କେତେକ ସ୍ଥାନରେ ରାତି ୧୨ଟାରୁ ସକାଳ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଥିଲା। କିନ୍ତୁ ଏହାମଧ୍ୟରେ ଏଭଳି ଦୁଇଟି ଘଟଣା ଘଟିଛି। ■

# ପୁଣି ହ୍ରାସ ପାଇଲା ଚୀନ୍ ଜନସଂଖ୍ୟା

**ବେଜିଂ, ୧୭।୧ (ଏଜେନ୍ସି):** କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଚୀନ୍ ଜନସଂଖ୍ୟା ହ୍ରାସ ପାଇଛି। ୨୦୨୩ରେ ଚୀନ୍‌ର ଜାତୀୟ ଜନ୍ମହାର ରେକର୍ଡ ହ୍ରାସ ପାଇଥିଲା। ଗତ ବର୍ଷ ୯୦ ଲକ୍ଷ ଶିଶୁ ଜନ୍ମ ହୋଇଥିଲେ। ଏହାର ପୂର୍ବ ବର୍ଷ ୨୦୨୨ରେ ୯୫ ଲକ୍ଷ ଶିଶୁ ଜନ୍ମ ହୋଇଥିଲେ ଏବଂ ଜନ୍ମହାର ୬.୭୭ ପ୍ରତିଶତ ଥିଲା। ୨୦୨୩ରେ ଏହା ୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ଅର୍ଥାତ୍ ୨୦୨୨ରେ ପ୍ରତି ହଜାର ଲୋକରେ ୬.୭୭ ଶିଶୁ ଏବଂ ୨୦୨୩ରେ ୬.୩୯ ଶିଶୁ ଜନ୍ମ ହୋଇଥିଲେ। ସେହିପରି ୨୦୨୨ରେ ଚୀନ୍ ଜନସଂଖ୍ୟା ୧.୪୧୧୮ ବିଲିୟନ ଥିବାବେଳେ ୨୦୨୩ରେ ଏହା ୧.୪୦୯କୁ ହ୍ରାସ ପାଇଥିଲା। ଅର୍ଥାତ୍ ବର୍ଷକରେ ଜନସଂଖ୍ୟା ୨୭ ଲକ୍ଷ ୫ ହଜାର ହ୍ରାସ ପାଇଛି। ରିପୋର୍ଟ ଅନୁଯାୟୀ ଚୀନ୍‌ରେ ଶିଶୁ ଜନ୍ମ କରିବାର ଖର୍ଚ୍ଚ ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁଁ ଲୋକେ ଗରିବ ହୋଇ ଯାଉଛନ୍ତି। ଏହା ସହିତ ଆର୍ଥିକ ମାନ୍ଦାବସ୍ଥା ଏବଂ କରୋନା କଟକଣାର ମଧ ପ୍ରଭାବ ପଡ଼ିଛି। ତେଣୁ ଲୋକେ ସନ୍ତାନ ଜନ୍ମ କରିବାକୁ ଚାହୁଁନାହାନ୍ତି। ■

# ତୁରନ୍ତ ବଙ୍ଗଳା ଛାଡ଼ିବାକୁ ନୋଟିସ୍


ମହୁଆ ମୋଇତ୍ର

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଟଙ୍କା ନେଇ ପ୍ରଶ୍ନ ପଚାରିବା ମାମଲାରେ ଲୋକସଭାରୁ ବହିଷ୍କୃତ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ର ପୂର୍ବତନ ସାଂସଦ ମହୁଆ ମୋଇତ୍ରଙ୍କୁ ତୁରନ୍ତ ସରକାରୀ ବଙ୍ଗଳା ଖାଲି କରିବାକୁ କୁହାଯାଇଛି। ଡାଇରେକ୍ଟୋରେଟ ଅଫ୍ ଇଷ୍ଟେଟସ ପକ୍ଷରୁ ମହୁଆଙ୍କୁ ମଙ୍ଗଳବାର ପଠା ଯାଇଥିବା ନୋଟିସରେ ଏହା କୁହାଯାଇଛି। ଏହା ପୂର୍ବରୁ ତାଙ୍କୁ ୨ ଥର ନୋଟିସ୍ ଜାରି କରାଯାଇଥିଲା। ପରେ ଗତ ୮ ତାରିଖରେ ନୋଟିସ ଜାରି କରି ଏ ପର୍ଯ୍ୟନ୍ତ କାହିଁକି ବଙ୍ଗଳା ଖାଲି କରିନାହାନ୍ତି ବୋଲି ପଚରା ଯାଇଥିଲା। ମହୁଆର ଏହାର ଉତ୍ତର ନ ଦେବାରୁ ଏବଂ ଘର ଖାଲି ନ କରିବାରୁ ତୃତୀୟ ଥର ପାଇଁ ନୋଟିସ ଜାରି କରାଯାଇଛି। ଖୁବଶୀଘ୍ର ଅଧିକାରୀ ତାଙ୍କ ବାସଭବନରେ ପହଞ୍ଚିବେ ଏବଂ ବଙ୍ଗଳା ଖାଲି କରିବାକୁ ସୁନିଶ୍ଚିତ କରିବେ ବୋଲି ସୂଚନା ମିଳିଛି। ■

# ଏଏମ୍ୟୁରୁ ଆତଙ୍କବାଦୀ ଛାତ୍ର ଗିରଫ



**ଅଲିଗଡ଼, ୧୭।୧ (ଏଜେନ୍ସି):** ଉତ୍ତରପ୍ରଦେଶର ଆତଙ୍କବାଦୀ ନିରୋଧୀ ଦଳ (ଏଟିଏସ୍)କୁ ବଡ଼ ସଫଳତା ମିଳିଛି। ବୁଧବାର ଅଲିଗଡ଼ ମୁସଲିମ ୟୁନିଭର୍ସିଟି (ଏଏମ୍ୟୁ)ରୁ ଆଉ ଜଣେ ଆତଙ୍କବାଦୀ ଛାତ୍ର ଫୈଜାନ ବଖତିୟାର ୟୁସୁଫକୁ ଗିରଫ କରାଯାଇଛି। ସେ ଆଇଏସ୍‌ଆଇଏସ୍ ଶାଖା ପାଇଁ କାମ କରୁଥିଲା। ଶପଥ ନେଇ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଉ ଥିଲା। ଜେରା ସମୟରେ ପ୍ରୟାଗରାଜର ଅସରଫଠାରୁ ଶପଥ ନେଇଥିଲା ବୋଲି ଫୈଜାନ କହିଥିଲା। ପୁଲିସ ଏହି ଆତଙ୍କବାଦୀ ଉପରେ ୨୫ ହଜାର ଟଙ୍କା ପୁରସ୍କାର ଘୋଷଣା କରିଥିଲା। ଦୀର୍ଘ ଦିନ ହେଲା ତାକୁ ଖୋଜୁ ଥିଲା। ଫୈଜାନକୁ ଏଏମ୍ୟୁ ନିକଟରୁ ଧରାଯାଇଛି। ସେ ପ୍ରୟାଗରାଜ କରେଲିର ବାସିନ୍ଦା। ଏହି ଆତଙ୍କବାଦୀ ଏଏମ୍ୟୁରେ ସାମାଜିକ କାର୍ଯ୍ୟରେ ମାଷ୍ଟର (ଏମଏସ୍‌ଡବ୍ଲ୍ୟୁ) କରୁଥିଲା। ଡିଜି ପ୍ରଶାନ୍ତ କୁମାର କହିଛନ୍ତି ଯେ ଉତ୍ତରପ୍ରଦେଶରେ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ଫୈଜାନ ଏବଂ ତାର ସହଯୋଗୀଙ୍କୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଥିଲା। ଏହା ପୂର୍ବରୁ ଏଏମ୍ୟୁରୁ ୮ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନ ପରେ ଆତଙ୍କବାଦୀଙ୍କ ନେଟୱର୍କ ପୂରା ଧ୍ୱସ୍ତ ହୋଇଯାଇଥିଲା। ଏହା ପରଠାରୁ ଫୈଜାନ ଫେରାର ଥିଲା।

# ଭୂପେନ୍ଦ୍ର ସିଂହ ହୁଡ୍ଡାଙ୍କୁ ଇଡି ଜେରା

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଜମି ଦୁର୍ନୀତି ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ସିଂହ ହୁଡ୍ଡାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜେରା କରିଛି। ବୁଧବାର ସକାଳୁ ତାଙ୍କୁ ଦିଲ୍ଲୀରେ ପଚରାଉଚୁରା କରାଯାଉଛି। ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମାନେସରର ବିଲ୍ଡରଙ୍କୁ ଲାଭ ପହଞ୍ଚାଇଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ଏହି ମାମଲାରେ ଇଡି ଦ୍ୱିତୀୟ ଅତିରିକ୍ତ ଆରୋପପତ୍ର ଦାଖଲ କରିଥିଲା। ଏଥିରେ ଏବିଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ, ଏହାର ମାଲିକ ଅତୁଲ ବଂଶଲ, ପତ୍ନୀ ସୋନା ବଂଶଲ, ମହାମାୟା ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ୍, ଶଶିକାନ୍ତ ଚୌରାସିଆ, ଦିଲୀପ ଲଲୱାନୀ, ବରିନ୍ଦର ଉପଲ, ରବିନ୍ଦର ତନେଜା, ଟିଡିଆଇ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ, ୱିଜଡୋମ ରିୟଲଟୋର୍ସ ପ୍ରାଇଭେଟ ଲିମିଟେଡ ଏବଂ ଏବି ରିଫୋର୍ମ୍ସ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡର ନାମ ସାମିଲ ରହିଛି।

# ୧୪ ୟୁବିଟି ବିଧାୟକଙ୍କୁ ହାଇକୋର୍ଟ ନୋଟିସ୍

**ମୁମ୍ବାଇ,୧୭।୧(ଏଜେନ୍ସି):** ଉଦ୍ଧବ ଠାକରେ ୟୁବିଟି ଗୋଷ୍ଠୀ ଶିବସେନାର ୧୪ ବିଧାୟକଙ୍କୁ ବମ୍ବେ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ସେନା ବନାମ ସେନା ଲଢେଇକୁ ନେଇ ନିକଟରେ ବାଚସ୍ପତି ରାହୁଲ ନରୱେକର ସିନ୍ଦେ ଗୋଷ୍ଠୀକୁ ପ୍ରକୃତ ଶିବସେନା ବୋଲି କହିଥିଲେ। ଏହାସହ ଉଦ୍ଧବ ଗୋଷ୍ଠୀ ବିଧାୟକଙ୍କ ସହ ସମସ୍ତ ବିଧାୟକମାନଙ୍କ ଯୋଗ୍ୟତା ବଜାୟ ରହିବ ବୋଲି ମଧ କହିଥିଲେ। କିନ୍ତୁ ଉଦ୍ଧବ ଗୋଷ୍ଠୀର ବିଧାୟକମାନଙ୍କ ଯୋଗ୍ୟତାକୁ ନେଇ ସିନ୍ଦେ ଗୋଷ୍ଠୀ ପ୍ରଶ୍ନ ଉଠାଇବା ସହିତ ମୁଖ୍ୟ ସଚେତକ ଭରତସେଟ ଗୋଗାୱେଲ ବାଚସ୍ପତିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବମ୍ବେ ହାଇକୋର୍ଟ ବୁଧବାର ଏହି ଆବେଦନ ଉପରେ ଶୁଣାଣି କରି ବାଚସ୍ପତି ରାହୁଲ ନରୱେକରଙ୍କ ସହିତ ଉଦ୍ଧବ ଗୋଷ୍ଠୀର ୧୪ ଜଣ ବିଧାୟକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

# ବାଣ କାରଖାନାରେ ବିସ୍ଫୋରଣ; ୨୩ ମୃତ

**ବ୍ୟାଙ୍କକ, ୧୭।୧ (ଏଜେନ୍ସି):** ଥାଇଲାଣ୍ଡ ସୁପିହାନ ପ୍ରଦେଶରେ ଥିବା ଏକ ବାଣ କାରଖାନାରେ ବୁଧବାର ଦ୍ୱିପହରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏହି ଦୁର୍ଘଟଣାରେ ୨୩ ଜଣଙ୍କ ମୃତ୍ୟୁ ହୋଇଛି। ୭ ଜଣ ଗୁରୁତର ଆହତ ହୋଇଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଉଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନିଆଁକୁ ଲିଭା ଯାଇ ନ ଥିଲା। ଏଥିପାଇଁ ସେନାର ସହାୟତା ନିଆଯାଉଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ି ନାହିଁ। ତେବେ କାରଖାନାର ୱାୟରିଂ ବହୁତ ପୁରୁଣା ଥିଲା। ତେଣୁ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣା ସମୟରେ କାରଖାନାରେ ୩୦ରୁ ଅଧିକ କର୍ମଚାରୀ ଥିଲେ।

● ପାକିସ୍ତାନ ଉପରେ ଇରାନର ଆକ୍ରମଣ ; ବଢ଼ିଲା ଉତ୍ତେଜନା

# ଇରାନ ରାଷ୍ଟ୍ରଦୂତଙ୍କୁ ବିଦାକଲା ପାକିସ୍ତାନ

**ଇସଲାମାବାଦ,୧୭।୧(ଏଜେନ୍ସି)**

- ଇରାନରୁ ନିଜ ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣିଲା
- କୌଣସି ଉଚ୍ଚ ପ୍ରତିନିଧିଦଳଙ୍କୁ ଇରାନ୍ ଯିବାକୁ ମନାକଲା ପାକିସ୍ତାନ





ପାକିସ୍ତାନ ମାଟିରେ ଇରାନର ଆକ୍ରମଣ ଘଟଣାକୁ ନେଇ ଆଞ୍ଚଳିକ ସ୍ତରରେ ଉତ୍ତେଜନା ବଢ଼ିଛି। ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଜୈସ୍ ଅଲ-ଅଦଲ ଆତଙ୍କବାଦୀଙ୍କ ଆଡ୍ଡାକୁ ନିଶାଣ କରି ଗତକାଲି ଇରାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। କିନ୍ତୁ ଇରାନର ଏଭଳି ଦୁଃସାହସିକତାକୁ ନେଇ ପାକିସ୍ତାନ ଗର୍ଜିଛି। ଏଭଳି ଘଟଣାରେ ପାକିସ୍ତାନ ଇରାନକୁ ଉଚିତ ଜବାବ ଦେବାକୁ ଧମକ ଦେଇଥିଲା ବେଳେ ଏବେ ଉଭୟ ରାଷ୍ଟ୍ର ମଧ୍ୟରେ କୂଟନୀତିକ ଯୁଦ୍ଧ ଆରମ୍ଭ ହୋଇଛି। ବୁଧବାର ପାକିସ୍ତାନ ସରକାର ଇରାନରୁ ଏହାର ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣିଛି। ସେହିପରି ଇସଲାମାବାଦରୁ ମଧ ଇରାନୀ ରାଷ୍ଟ୍ରଦୂତଙ୍କୁ ବିଦା କରିଦେଇଛି। ଇରାନ ପାକିସ୍ତାନର ସାର୍ବଭୌମତ୍ୱ ନଷ୍ଟ କରି ଏହାର ବାୟୁସୀମା ଅତିକ୍ରମ କରିବା ସହିତ ପାକିସ୍ତାନ ମାଟିରେ ଆକ୍ରମଣ କରିଛି। ଏହି ଘଟଣାରେ ଦୁଇ ଜଣ ଶିଶୁଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ତିନି ଜଣ ଆହତ ହୋଇଥିବା ବେଳେ ଏହା ଆନ୍ତର୍ଜାତିକ ଆଇନ ବିରୁଦ୍ଧ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ ଇରାନ ବୈଦେଶିକ ମନ୍ତ୍ରାଳୟ ନିକଟରେ ଦୃଢ ବିରୋଧ ପ୍ରକାଶ କରାଯାଇଛି ବୋଲି ମନ୍ତ୍ରାଳୟ କହିଛି।

# ଚୋରିକରି ଇସ୍ତଫା ଦେଲେ ମହିଳା ସାଂସଦ



**ୱେଲିଂଟନ୍, ୧୭।୧(ଏଜେନ୍ସି) :** ନ୍ୟୁଜିଲାଣ୍ଡରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଏଠାକାର ଜଣେ ମହିଳା ସାଂସଦ ଦୋକାନରୁ ଚୋରି କରି ଧରା ପଡ଼ିଛନ୍ତି। ଏ ବିଷୟରେ ଜଣାପଡ଼ିବା ପରେ ଦେଶର ପ୍ରଥମ ଶରଣାର୍ଥୀ ସାଂସଦ ଗୋଲରିଜ ଘାରମନ (୪୩) ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ୨୦୧୭ରେ ଶପଥ ଗ୍ରହଣ କରିଥିଲେ। ରିପୋର୍ଟ ଅନୁଯାୟୀ ଗୋଲରିଜ ୨ଟି ପୋଷାକ ଦୋକାନରୁ ଚୋରି କରିଥିବା ଅଭିଯୋଗ ହୋଇଛି। ଏହି ନିନ୍ଦନୀୟ କାର୍ଯ୍ୟ ପାଇଁ ସେ କ୍ଷମା ମାଗିଛନ୍ତି। ଏହା ଉପରେ ସେ ସ୍ପଷ୍ଟୀକରଣ ଦେଇଛନ୍ତି। ଅବସାଦ ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ଏପରି କରିଥିଲେ ବୋଲି କହିଛନ୍ତି। ସାଂସଦ ହେବା ପୂର୍ବରୁ ଗୋଲରିଜ ମିଳିତ ଜାତିସଂଘ (ୟୁଏନ୍) ରେ ମାନବାଧିକାର ମାମଲାର ଓକିଲ ଥିଲେ। ସେ ଇରାନ ବଂଶୋଭବ।

# ମନ୍ଦିର ପରିସରରେ ପହଞ୍ଚିଲା ରାମଲଲାଙ୍କ ମୂର୍ତ୍ତି

## ପ୍ରାଣ-ପ୍ରତିଷ୍ଠାକୁ ବିରୋଧକରି ହାଇକୋର୍ଟରେ ମାମଲା



**ଅଯୋଧ୍ୟା, ୧୭।୧ (ଏଜେନ୍ସି):** ନୂତନ ମନ୍ଦିରରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଅଯୋଧ୍ୟା ଉତ୍ସବ ମୁଖର। ଏଥିପାଇଁ ଆରମ୍ଭ ହୋଇଥିବା ଅନୁଷ୍ଠାନ ଦ୍ୱିତୀୟ ଦିନରେ ପହଞ୍ଚିଛି। ବୁଧବାର ଗର୍ଭଗୃହରେ ପ୍ରତିଷ୍ଠା ହେବାକୁ ଥିବା ରାମଲଲାଙ୍କ ୨୦୦ କେଜି ଓଜନର ନୂଆ ମୂର୍ତ୍ତିକୁ ମନ୍ଦିର ପରିସରକୁ ନିଆଯାଇଛି। ଏହି ମୂର୍ତ୍ତିକୁ ଧରି ନଗର ଭ୍ରମଣ କରିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଅଧିକ ଓଜନ ଯୋଗୁ ରାମଲଲାଙ୍କ ୧୦ କେଜିର ରୁପା ମୂର୍ତ୍ତିକୁ ଧରି ନଗର ପରିକ୍ରମା କରାଯାଇଥିଲା। ଏହା ପୂର୍ବରୁ ନିର୍ମୋହୀ ଆଖଡ଼ାର ମହନ୍ତ ଦିନେନ୍ଦ୍ର ଦାସ ଏବଂ ପୂଜାରୀ ସୁନୀଲ ଦାସ ନୂତନ ମନ୍ଦିରର ଗର୍ଭଗୃହରେ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପକ୍ଷରେ ଅଯୋଧ୍ୟାର ନୂତନ ମନ୍ଦିରରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ଉପରେ କଟକଣା ଲଗାଇବା ପାଇଁ ଆହ୍ଲାବାଦ ହାଇକୋର୍ଟରେ ଆବେଦନ କରାଯାଇଛି। ଗାଜିଆବାଦର ଭୋଲା ଦାସ ଏହି ଆବେଦନ କରିଛନ୍ତି। ସେ ଶଙ୍କରାଚାର୍ଯ୍ୟଙ୍କ ମନ୍ତବ୍ୟକୁ ଆଧାର କରି ସନାତନ ପରମ୍ପରା ବିରୋଧରେ ଯାଇ ପ୍ରାଣ ପ୍ରତିଷ୍ଠା କରାଯାଉଥିବା କହିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ଫାଇଦା ନେବା ପାଇଁ ବିଜେପି ଏପରି କରୁଛି ବୋଲି ଅଭିଯୋଗ କରାଯାଇଛି।

● ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ବିପୁଳ ସମର୍ଥନ

# ଭାଗନେଲେ ୧୫ କୋଟିରୁ ଅଧିକ ଅଂଶଗ୍ରହଣକାରୀ

**ନୂଆଦିଲ୍ଲୀ,୧୭।୧(ଏଜେନ୍ସି):** ମାତ୍ର ଦୁଇ ମାସ ମଧ୍ୟରେ ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ଦେଶବ୍ୟାପୀ ବିପୁଳ ଜନ ସମର୍ଥନ ମିଳିଛି । ଏଥିରେ ୧୫ କୋଟିରୁ ଅଧିକ ଉତ୍ସାହୀ ବ୍ୟକ୍ତି ଅଂଶଗ୍ରହଣ କରିଛନ୍ତି । ଏହି ବିଶାଳ ଜନଭାଗିଦାରୀ ଏକ ସମୃଦ୍ଧ ଏବଂ ସମାବେଶୀ ଭାରତ ଗଠନ ଦିଗରେ ମାର୍ଗ ପ୍ରସ୍ତୁତି କରିଛି। ଦେଶବ୍ୟାପୀ ସରକାରୀ ଯୋଜନା ଗୁଡ଼ିକର ଶତ ପ୍ରତିଶତ ଲାଭ ପହଞ୍ଚାଇବା ଏବଂ ଏହ ସମ୍ପର୍କରେ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ବିଶେଷ ଭୂମିକା ଗ୍ରହଣ କରିଛି ।ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ତେଲଙ୍ଗାନା ଆଦି ରାଜ୍ୟରେ ଏହି ଅଭିଯାନ ଆରମ୍ଭ ହେବା ପରେ ଅଧିକରୁ ଅଧିକ ଲୋକ ଏହି ଯାତ୍ରାରେ ସାମିଲ ହେଉଥିବା ଦେଖାଯାଇଛି। ୨୦୨୩ ଡିସେମ୍ବର ୧୩ ତାରିଖ ଏବଂ ଯାତ୍ରାର ଚତୁର୍ଥ ସପ୍ତାହ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମ ୨.୦୬ କୋଟି ଲୋକଙ୍କ ପାଖରେ ପହଞ୍ଚିଥିବା ବେଳେ ଡିସେମ୍ବର ୨୨ ସୁଦ୍ଧା ଏହି ସଂଖ୍ୟା ୫ କୋଟିକୁ ବୃଦ୍ଧି ପାଇଛି । ପରବର୍ତ୍ତୀ ୪ ସପ୍ତାହ ମଧ୍ୟରେ ଭିବିଏସ୍‌ୱାଇ ଯାତ୍ରାରେ ୧୦ କୋଟି ବ୍ୟକ୍ତି ସାମିଲ ହୋଇଛନ୍ତି। ଜାନୁଆରୀ ୧୭ ତାରିଖ ସୁଦ୍ଧା ବିକଶିତ ଭାରତ ସଂକଳ୍ପ ଯାତ୍ରା ଡ୍ୟାସବୋର୍ଡ ଅନୁଯାୟୀ ୨.୨୧ ଲକ୍ଷ ଗ୍ରାମ ପଞ୍ଚାୟତ ଏବଂ ୯,୫୪୧ ସହରାଞ୍ଚଳରେ ୧୫.୩୪ କୋଟି ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଛନ୍ତି । ଏହି ଯାତ୍ରା ‘ଜନ ଭାଗିଦାରୀ’ ଭାବନାକୁ ପ୍ରତିଫଳିତ କରିଛି। ସହର ଓ ଗ୍ରାମରେ ଆଇଇସି ଭ୍ୟାନ୍ ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ସରକାରଙ୍କ କଲ୍ୟାଣକାରୀ ଯୋଜନା ପହଞ୍ଚାଇବା ଏହି ଯାତ୍ରାର ମୂଳ ଲକ୍ଷ୍ୟ ରହିଛି।

● ଇଣ୍ଡିଆ ମେଣ୍ଟରେ ଛିଡୁନି ଆସନବଣ୍ଟା ଅଙ୍କ

# କଂଗ୍ରେସ-ଏସ୍‌ପି, ଆର୍‌ଜେଡି-ଜେଡିୟୁ ମତଭେଦ

## ମୁଖ୍ୟମନ୍ତ୍ରୀ ମାନ୍ ଓ କେଜ୍ରିୱାଲଙ୍କୁ ହିଟ୍‌ଲର କହିଲା କଂଗ୍ରେସ

**ନୂଆଦିଲ୍ଲୀ,୧୭।୧(ଏଜେନ୍ସି)**



ବିରୋଧୀ ଇଣ୍ଡିଆ ମେଣ୍ଟର ସଦସ୍ୟ ଦଳଙ୍କ ମଧ୍ୟରେ ବାରମ୍ବାର ବୈଠକ ଏବଂ ଆଲୋଚନା ଚାଲିଥିଲେ ବି ଆସନ ବଣ୍ଟନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ କୌଣସି ନିଷ୍ପତ୍ତି ହୋଇପାରୁ ନାହିଁ ।ବରଂ ଏହି ପ୍ରସଙ୍ଗକୁ ନେଇ ବେଳକୁ ବେଳ ସଦସ୍ୟ ଦଳ ମଧ୍ୟରେ ବିବାଦ ବଢିବାରେ ଲାଗିଛି। ଉତ୍ତର ପ୍ରଦେଶରେ ଆସନ ବଣ୍ଟନକୁ ନେଇ ବୁଧବାର କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ଭିତରେ ଆଲୋଚନା ହୋଇଥିଲେ ମଧ ଏଥିରେ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଉଭୟ ଦଳ ଅଧିକ ଆସନ ଦାବିରେ ଅଟଳ ରହିଛନ୍ତି। ସେହିଭଳି ବିହାରରେ ଆସନ ବଣ୍ଟାକୁ ନେଇ ଆରଜେଡି ଏବଂ ଜେଡିୟୁ ମଧ୍ୟରେ ଆଲୋଚନା ହୋଇଥିବା ବେଳେ ଏଥିପାଇଁ ମଧ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ବରଂ ଉଭୟ ଦଳର ନେତା ମୁହାଁମୁହିଁ ହୋଇଛନ୍ତି। ତେବେ ଆସନ ବଣ୍ଟନ କାର୍ଯ୍ୟ ଏତେ ସହଜ ନୁହେଁ ଏବଂ ଏଥିପାଇଁ ଆହୁରି ସମୟ ଲାଗିବ ବୋଲି ଆରଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ କହିଛନ୍ତି। ଅନ୍ୟପକ୍ଷରେ ପଞ୍ଜାବରେ ଆସନ ବଣ୍ଟନ ବୁଝାମଣାକୁ ନେଇ କଂଗ୍ରେସ ଏବଂ ଆମ ଆଦମୀ ପାର୍ଟି(ଆପ୍) ମଧ୍ୟରେ ବିବାଦ ଲାଗି ଆସିଥିଲା ବେଳେ ଆପ୍ ଏଠାକାର ସମସ୍ତ ୧୩ ସଂସଦୀୟ କ୍ଷେତ୍ରରେ ଏକାକୀ ଲଢିବ ଏବଂ ବିଜୟୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍ କହିଛନ୍ତି। ମାନ୍‌ଙ୍କ ଏଭଳି ଟିପ୍ପଣୀକୁ ନେଇ କଂଗ୍ରେସ କ୍ଷୁବ୍ଧ ହେବା ସହିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଏବଂ ମାନ୍‌ଙ୍କୁ ହିଟଲର୍ ବୋଲି କହିଛି।

● ଏଏସ୍‌ଇଆର ରିପୋର୍ଟରେ ଦାବି

# ୨ୟ ଶ୍ରେଣୀ ପାଠ ପଢ଼ିପାରୁନାହାନ୍ତି ଏକ ଚତୁର୍ଥାଂଶ ଯୁବବର୍ଗ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି)**

ଦେଶର ଶିକ୍ଷା ବ୍ୟବସ୍ଥାକୁ ନେଇ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଏହା ସମସ୍ତଙ୍କ ଚିନ୍ତା ବୃଦ୍ଧି କରିଦେଇଛି। ସାକ୍ଷରତା ହାର ବଢ଼ି ଚାଲିଥିଲେ ମଧ ଶିକ୍ଷାର ମାନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏବେ ୧୪ରୁ ୧୮ ବର୍ଷ ବୟସର ୮୬ ପ୍ରତିଶତ ପିଲା ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ପାଠ ପଢୁଛନ୍ତି। ମାତ୍ର ଏମାନଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ (୨୫ ପ୍ରତିଶତ) ଯୁବ ଗୋଷ୍ଠୀ ନିଜ ଆଞ୍ଚଳିକ ଭାଷାରେ ଥିବା ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ି ପାରୁନାହାନ୍ତି। ସେହିପରି ଅତିକମ୍‌ରେ ୪୨.୭ ପ୍ରତିଶତ ଯୁବ ଗୋଷ୍ଠୀ ଇଂରାଜୀ ବାକ୍ୟ ପଢ଼ି ପାରୁନାହାନ୍ତି। ବୁଧବାର ଜାରି ‘ଆନୁଆଲ ଷ୍ଟାଟସ ଅଫ୍ ଏଜୁକେଶନ ରିପୋର୍ଟ (ଏଏସ୍‌ଇଆର)’ରେ ଏହି ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ ୨୦୧୭ରେ ୭୬.୬ ପ୍ରତିଶତ ପିଲା ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ି ପାରୁଥିଲେ। ୨୦୨୩ରେ ଏହି ସଂଖ୍ୟା ହ୍ରାସ ପାଇ ୭୩.୬ ପ୍ରତିଶତରେ ପହଞ୍ଚି ଯାଇଛି। ‘ଏଏସ୍‌ଇଆର ବାୟଣ୍ଡ ବେସିକ୍ସ’ ରିପୋର୍ଟ ଦ୍ୱାରା କରୋନା ସମୟରେ କରାଯାଇଥିବା ଦାବି ଭୁଲ୍ ସାବ୍ୟସ୍ତ ହୋଇଯାଇଛି। ସେତେବେଳେ ଜୀବିକା ଉପରେ ସଙ୍କଟ ଦେଖାଦେଇଥିବାରୁ ଅନେକ ଶିଶୁ ପାଠପଢ଼ା ଛାଡ଼ିଥିଲେ ବୋଲି କୁହାଯାଇଥିଲା। ଏଏସ୍‌ଇଆର ରିପୋର୍ଟ ଅନୁଯାୟୀ ପଢୁ ନ ଥିବା ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଅଧିକ ବୟସ୍କ ସାମିଲ ଅଛନ୍ତି। ୧୮ ବର୍ଷ କିମ୍ବା ତାଠାରୁ ଅଧିକ ବୟସର ୩୨ ପ୍ରତିଶତରୁ ଅଧିକ ଯୁବ ବର୍ଗ ପାଠ ପଢୁ ନାହାନ୍ତି। ସେହିପରି ୧୪ ବର୍ଷରୁ କମ୍ ବୟସର ୩.୯ ପ୍ରତିଶତ, ୧୬ ବର୍ଷରୁ କମ୍ ୧୦.୯ ପ୍ରତିଶତ ଏବଂ ୧୮ ବର୍ଷରୁ କମ୍ ବୟସର ୩୨.୬ ପ୍ରତିଶତ ଯୁବଗୋଷ୍ଠୀ ପାଠ ଛାଡ଼ି ସାରିଛନ୍ତି। ୨୦୧୦ରେ ୬ରୁ ୧୪ ବର୍ଷ ବୟସର ୯୬.୬ ପ୍ରତିଶତ ପିଲା ବିଦ୍ୟାଳୟ ଯାଉଥିଲେ। ଏହା ୨୦୧୪ରେ ୯୬.୭, ୨୦୧୮ରେ ୯୭.୨ ଏବଂ ୨୦୨୨ରେ ୯୮.୪ ପ୍ରତିଶତ ଥିଲା। ଝିଅଙ୍କ ତୁଳନାରେ ଅଧିକ ପୁଅ ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ, ମାଥ୍ (ଏସ୍‌ଟିଇଏମ୍)ରେ ନାମ ଲେଖାଉଛନ୍ତି। ଏବେ ଦେଶର ମାତ୍ର ୫.୬ ପ୍ରତିଶତ ଯୁବ ବର୍ଗ ଧନ୍ଦାମୂଳକ ଶିକ୍ଷା କିମ୍ବା ଅନ୍ୟ ସମ୍ବନ୍ଧିତ ପାଠ୍ୟକ୍ରମରେ ପ୍ରଶିକ୍ଷଣ ନେଉଛନ୍ତି। ୨୦୧୭ରେ ୩୯.୫ ପ୍ରତିଶତ ଯୁବ ବର୍ଗ ତୃତୀୟ-ଚତୁର୍ଥ ଶ୍ରେଣୀର ସରଳ ଗଣିତର ଉତ୍ତର ଦେଇପାରୁ ଥିଲେ। ଏହା ୨୦୨୩ରେ ୪୩.୩ ପ୍ରତିଶତରେ ପହଞ୍ଚିଛି। ମାତ୍ର ଅଧାରୁ ଅଧିକ ଲୋକ ହରଣ (ଭାଗ) ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଦେଇପାରୁନାହାନ୍ତି। ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ୨୬ ରାଜ୍ୟର ୨୮ ଜିଲ୍ଲାରେ ସର୍ଭେ କରାଯାଇଥିଲା। ୧,୬୬୪ ଗାଁକୁ ମଧ ସାମିଲ କରାଯାଇଥିଲା। ୧୪ରୁ ୧୮ ବର୍ଷର ମୋଟ ୩୪,୭୪୫ ଛାତ୍ରଛାତ୍ରୀଙ୍କ ତଥ୍ୟ ସଂଗ୍ରହ ହୋଇଥିଲା। ସର୍ଭେରେ ସାମିଲ ଯୁବ ବର୍ଗଙ୍କୁ ୫ ପ୍ରକାରର କାର୍ଯ୍ୟ ଦିଆଯାଇଥିଲା। ଏଥିରେ ପଢ଼ିବା, ଗଣିତ, ଇଂରାଜୀ, ଦକ୍ଷତା ପରୀକ୍ଷା, ଗଣନା ପାଇଁ ସାଧାରଣ ଜ୍ଞାନ ବ୍ୟବହାର କରିବାକୁ କୁହାଯାଇଥିଲା।

**ଇଂରାଜୀ ପଢ଼ିପାରୁନାହାନ୍ତି ୪୨.୭ ପ୍ରତିଶତ**



# ‘ସେଣ୍ଟର ଫର୍ ପଲିସି ରିସର୍ଚ୍ଚ’ର ଲାଇସେନ୍ସ ରଦ୍ଦ

## ଅଧ୍ୟକ୍ଷ ଅଛନ୍ତି ମଣିଶଙ୍କର ଆୟରଙ୍କ ଝିଅ



**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଦେଶର ପ୍ରମୁଖ ଏନ୍‌ଜିଓ ମଧ୍ୟରେ ସାମିଲ ‘ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ସିପିଆର)’ର ଫରେନ କଣ୍ଟ୍ରିବ୍ୟୁସନ ରେଗୁଲେସନ ଆକ୍ଟ (ଏଫ୍‌ସିଆରଏ) ଲାଇସେନ୍ସକୁ କେନ୍ଦ୍ର ସରକାର ରଦ୍ଦ କରିଦେଇଛନ୍ତି। ଏହି ଏନ୍‌ଜିଓ ବିଦେଶରୁ ପାଣ୍ଠି ସଂଗ୍ରହ ପାଇଁ ଥିବା ନିୟମ ଉଲ୍ଲଙ୍ଘନ କରିଛି। ଏହା ପୂର୍ବରୁ ଗତ ବର୍ଷ ଫେବୃଆରୀରେ ୬ ମାସ ପାଇଁ ସିପିଆରର ଲାଇସେନ୍ସକୁ ନିଲମ୍ବନ କରିଦିଆଯାଇଥିଲା। ଜୁଲାଇରେ ପୁଣି ଏହାକୁ ଆଉ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ ୨୦୨୨ ସେପ୍ଟେମ୍ବରରେ ଆୟକର ବିଭାଗ (ଆଇଟି) ସିପିଆର କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ସେହିଦିନଠୁ ଏହି ଏନ୍‌ଜିଓ ଆୟକର ବିଭାଗର ରାଡାରରେ ଥିଲା। କଂଗ୍ରେସ ନେତା ମଣିଶଙ୍କର ଆୟରଙ୍କ ଝିଅ ୟାମିନି ଆୟର ଦିଲ୍ଲୀ ସ୍ଥିତ ଏହି ସଂସ୍ଥାର ସିଇଓ ଅଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ ସିପିଆରକୁ ପାଣ୍ଠି ଦେଇଥିବା ସଂସ୍ଥା ମଧ୍ୟରେ ବିଲ୍ ଆଣ୍ଡ ମିଲିଣ୍ଡା ଗେଟ୍ସ, ହେଭଲେଟ ଫାଉଣ୍ଡେସନ, ବିଶ୍ୱ ବ୍ୟାଙ୍କ, ଫୋର୍ଡ ଫାଉଣ୍ଡେସନ, ବ୍ରାଉନ ୟୁନିଭର୍ସିଟି ସାମିଲ ରହିଛି। ଗତ ବର୍ଷ କେନ୍ଦ୍ରର ନିଲମ୍ବନ ନିର୍ଦ୍ଦେଶକୁ ବିରୋଧ କରି ସିପିଆର ହାଇକୋର୍ଟ ଯାଇଥିଲା। ସେତେବେଳେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଏହି ଏନ୍‌ଜିଓର ପାଣ୍ଠି ଅଟକାଇବାର ଆବଶ୍ୟକତା ରହିଛି। କାରଣ ଖରାପ ଉଦ୍ଦେଶ୍ୟ ରଖି ଏହି ସଂସ୍ଥାକୁ ପାଣ୍ଠି ଦିଆଯାଉଛି। ଏହା ଦ୍ୱାରା ଦେଶର ଆର୍ଥିକ ସ୍ୱାର୍ଥ ପ୍ରଭାବିତ ହୋଇପାରେ।




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-204 ♦BHUBANESWAR ♦THURSDAY ♦18 JANUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୦୪ ♦ଭୁବନେଶ୍ୱର ♦ଗୁରୁବାର ♦୧୮ ଜାନୁଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦







# ଐତିହାସିକ, ମହାର୍ଘ୍ୟ

## ଅକଳ୍ପନୀୟ ଉପଲବ୍ଧି | ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ







### ତ୍ରିଦିନାତ୍ମକ ମହାଯଜ୍ଞରେ ପୂର୍ଣ୍ଣାହୁତି ଦେଲେ ଗଜପତି ମହାରାଜ

### ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ମୋଚନ ହେଲା ଶ୍ରୀସେତୁ, ଶ୍ରୀମାର୍ଗ

■ ପୁରୀ,୧୭।୧(ସମିସ)

ସାକାର ହୋଇଛି ଦୀର୍ଘ ଶତାବ୍ଦୀର ଆଶା। ପୂରଣ ହୋଇଛି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଅକଳ୍ପନୀୟ ଆକାଂକ୍ଷା। ଶ୍ରୀକ୍ଷେତ୍ର ଇତିହାସରେ ଯୋଡ଼ି ହୋଇଛି ସ୍ୱର୍ଣ୍ଣାଭ ଅଧ୍ୟାୟ। ପରିକ୍ରମା ଲୋକାର୍ପଣ ନିମନ୍ତେ ଚାଲିଥିବା ତ୍ରିଦିନାତ୍ମକ ମହାଯଜ୍ଞରେ ଗଜପତି ମହାରାଜା ପୂର୍ଣ୍ଣାହୁତି ଦେଇଛନ୍ତି। ବଡ଼ଦାଣ୍ଡ, ସିଂହଦ୍ୱାର, କୋଟିକୋଟି ଜଗନ୍ନାଥପ୍ରେମୀଙ୍କୁ ସାକ୍ଷୀ ରଖି ପୌଷ ଶୁକ୍ଳ ସପ୍ତମୀର ଦିବ୍ୟ ମୁହୂର୍ତ୍ତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବେଦପାଠ, ମନ୍ତ୍ର ଧ୍ୱନି ଓ ନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଛି ସମଗ୍ର ଶ୍ରୀକ୍ଷେତ୍ର। ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପ ଅରୁଣ ସ୍ତମ୍ଭ ନିକଟରୁ ମହାପ୍ରଭୁଙ୍କ ନିକଟରେ ରାଜ୍ୟ ଓ ରାଜ୍ୟବାସୀଙ୍କ କଲ୍ୟାଣକାମନା କରିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କରିଛନ୍ତି। ଏହା ସହିତ ଭକ୍ତଙ୍କ ପାଇଁ ପରିକ୍ରମା ମାର୍ଗ ଉନ୍ମୁକ୍ତ ହୋଇଛି। ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀର ଭବ୍ୟ ରୂପ ସାରା ବିଶ୍ୱ ଦେଖିଛି।

ଐତିହାସିକ 'ପରିକ୍ରମା' ପ୍ରକଳ୍ପର ଲୋକାର୍ପଣ ପାଇଁ ବୁଧବାର ସକାଳୁ ଆରମ୍ଭ ହୋଇଥିଲା ମହାଯଜ୍ଞର ଅନ୍ତିମ ପର୍ବ। ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋପୂଜା, ପଞ୍ଚକର୍ମ, ବାସ୍ତୁଶୋଧନ ଓ ଅଧିବାସ ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଚାରିଦ୍ୱାରରେ ବେଦପାଠ ଓ ଯଜ୍ଞର ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶ୍ରୀକ୍ଷେତ୍ର ଓ ବଡ଼ଦାଣ୍ଡ। ପ୍ରତିଟି ଆହୁତି ସହିତ ଆକାଶରୁ ଝରି ପଡୁଥିଲା ଟୋପାଟୋପା ଅମୃତ ବାରି। ଭକ୍ତ, ଶ୍ରଦ୍ଧାଳୁ, ପଣ୍ଡିତ, ଅତିଥି ସମସ୍ତେ ମହାପ୍ରଭୁଙ୍କ ବିଚିତ୍ର ଲୀଳାରେ ବିମୁଗ୍ଧ ହୋଇ ଯାଇଥିଲେ। ହରିବୋଲ,ହୁଳହୁଳି ଜୟ ଜଗନ୍ନାଥ ଧ୍ୱନୀରେ ଶ୍ରୀକ୍ଷେତ୍ର ଫାଟି ପଡ଼ିଥିଲା। ଭାବ ଭକ୍ତିରେ ଭିଜି ଭିଜି ଏହି ଦିବ୍ୟ ମୁହୂର୍ତ୍ତକୁ ବଡ଼ଦାଣ୍ଡରେ ସାଉଣ୍ଟିଥିଲେ ହଜାର ହଜାର ଭକ୍ତ।

▶ପୃଷ୍ଠା-୧୩

### ଅମୃତ ବାରିରେ ଦେବାଶୀର୍ବାଦ

ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଓ ମହାଯଜ୍ଞର ପୂର୍ଣ୍ଣାହୁତିର ଠିକ୍ ପୂର୍ବରୁ ପୁରୀ ଆକାଶରୁ ଦେବାଶୀର୍ବାଦ ସ୍ୱରୂପ ଝରିଛି ଅମୃତ ବାରି । କର୍ତ୍ତା, ଭକ୍ତ, ଶ୍ରଦ୍ଧାଳୁ, ପୂଜକ, ସେବାୟତଙ୍କୁ ଅପ୍ରତିମ ଆନନ୍ଦ ଓ ଆଶିଷ ସ୍ୱରୂପ ଆକାଶରୁ ପୁଷ୍ପ ବୃଷ୍ଟି ଭଳି ଟୋପାଟୋପା ବର୍ଷା ଶ୍ରୀକ୍ଷେତ୍ର ମାଟିକୁ ଭିଜାଇଛି। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ଏହା ଏକ ଶୁଭ ସୂଚନା ଓ ଯଜ୍ଞ ସଫଳ ହୋଇଥିବା କହିଛନ୍ତି ପଣ୍ଡିତଗଣ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମହାପ୍ରଭୁ ଓ ଦେବତାଙ୍କ ଆଶିଷଲାଭ କରିଛି ବୋଲି ପଣ୍ଡିତମାନେ ମତ ଦେଇଛନ୍ତି । ସାଧାରଣତଃ କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ବର୍ଷା ହେଲେ ଶୁଭ ଫଳ ମିଳେ ବୋଲି ବିଶ୍ୱାସ ରହିଛି। ଆମର ଧାର୍ମିକ ସଂସ୍କୃତିରେ ବର୍ଷା ଆବାହନ କରାଯାଇଥାଏ ଓ ଯଜ୍ଞ ସମୟରେ ବର୍ଷା ହେଲେ ତାହାକୁ ଅତ୍ୟନ୍ତ ଶୁଭ ବୋଲି ଗଣା ଯାଇଥାଏ। ପୁରୀରେ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ସମୟରେ ବର୍ଷା ଏହି ପ୍ରକଳ୍ପ ଉପରେ ଦେବତା ଓ ମହାପ୍ରଭୁଙ୍କ ଆଶୀର୍ବାଦ ପ୍ରଦାନ କରିଛନ୍ତି ବୋଲି ପଣ୍ଡିତମାନେ କହିଛନ୍ତି। ସେହିପରି ଅଙ୍କୁରାରୋପଣ ସମୟରେ ପଞ୍ଚଶସ୍ୟରୁ ମଧ ଅଙ୍କୁରୋଦ୍‌ଗମ ହୋଇଥିବା ଅତି ଶୁଭ ସୂଚନା ଦେଇଛି।

**ପୁରୀ ମାଟି ଭିଜାଇଲା ଟୋପାଟୋପା ବର୍ଷାବିନ୍ଦୁ**

**ପଣ୍ଡିତ କହିଲେ 'ପରିକ୍ରମା' ଲଭିଛି ଦେବାଶିଷ**

### ପରିକ୍ରମା ମାର୍ଗ ପୂର୍ଣ୍ଣ ପ୍ରଦକ୍ଷିଣ କରି ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ



ମଧ୍ୟାହ୍ନର ଖରା, ସାମାନ୍ୟ ବର୍ଷା ଜନିତ ଗୁଳୁଗୁଳି ମଧ୍ୟରେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଛନ୍ତି ସମ୍ପୂର୍ଣ୍ଣ ପରିକ୍ରମାର ପ୍ରଦକ୍ଷିଣ। ମହାପ୍ରଭୁଙ୍କ ଆଶିଷ ଭିକ୍ଷା ସହ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଚାରିପଟେ ପ୍ରାୟ ୧ କିଲୋମିଟର ଦୈର୍ଘ୍ୟର ସମ୍ପୂର୍ଣ୍ଣ ପରିକ୍ରମାକୁ ଚାଲିଚାଲି ପ୍ରଦକ୍ଷିଣ କରିଛନ୍ତି ମୁଖ୍ୟମନ୍ତ୍ରୀ । ଲୋକାର୍ପଣ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଅରୁଣ ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କୁ ଆଶିଷ ଭିକ୍ଷା କରିବା ସହ ରାଜ୍ୟ ଓ ରାଜ୍ୟବାସୀଙ୍କ ମଙ୍ଗଳକାମନା କରିଥିଲେ। ନାମସଂକୀର୍ତ୍ତନ ଦଳ, ସାଧୁସନ୍ଥ, ନିମନ୍ତ୍ରିତ ବିଶିଷ୍ଟ ବ୍ୟକ୍ତି ଏବଂ ଗଜପତି ମହାରାଜାଙ୍କ ସହିତ ମୁଖ୍ୟମନ୍ତ୍ରୀ ଚାଲି ଚାଲି ଶ୍ରୀମନ୍ଦିର ଚତୁଃପାଶ୍ୱର୍ ବୁଲିଥିଲେ। ଗଜପତି ମହାରାଜା ଏବଂ '୫-ଟି' ଅଧ୍ୟକ୍ଷ ପ୍ରକଳ୍ପର ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଟକିନିଖି ବୁଝାଇଥିଲେ। ଭକ୍ତଙ୍କ ସୁବିଧା ପାଇଁ ପ୍ରକଳ୍ପ ମଧ୍ୟରେ କେଉଁଠି କ'ଣ କରାଯାଇଛି ସେ ସବୁକୁ ଦେଖାଇ ଦେଇଥିଲେ। ପରିକ୍ରମା ମାର୍ଗ ପ୍ରଦକ୍ଷିଣ ସମୟରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ହାତଯୋଡି ନମସ୍କାର କରୁଥିଲେ ମୁଖ୍ୟମନ୍ତ୍ରୀ। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ପାଇଁ ଦିନେ ଏମିତି

▶ପୃଷ୍ଠା-୧୩

**ଶ୍ରୀମନ୍ଦିର ଚାରିପଟେ ଚାଲିଲେ ଏକ କିଲୋମିଟର**

**ନଥିଲା କ୍ଳାନ୍ତିବୋଧ; ମୁହଁରେ ଅଫୁରନ୍ତ ଆନନ୍ଦ ଓ ସ୍ଫୂର୍ତ୍ତି**

## ଲୋକକଥା



ସଜମାଛେ ପୋକ ପକେଇବା ପାଇଁ
ଅଛନ୍ତି ତ କେତେ ଲୋକ,
ଭଲକାମ ଦେଖି ସଲସଲ ସତେ
ହୁଏ ତାଙ୍କ ଦିହଯାକ !
ଅଦାଲତ ଦେଲେ ଚେଙ୍କ,
ମାମଲା ଖାରଜ କରିଦେଇ ତାଙ୍କ
କାଟି ପକେଇଲେ ନାକ !!

## ଦୁର୍ଲଭ, ଅନନ୍ୟ, ବିରଳ ଅନୁଭବ

# ଜଗନ୍ନାଥମୟ ସାରା ଓଡ଼ିଶା

■ ଭୁବନେଶ୍ୱର, ୧୭ ।୧ (ସମିସ): କୋଟି ଓଡ଼ିଆର ମଉଡମଣି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଐତିହାସିକ ପରିକ୍ରମା ପ୍ରକଳ୍ପକୁ ବିଧିବଦ୍ଧ ଭାବେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି।ଲୋକାର୍ପଣ ଉତ୍ସବକୁ ନେଇ ରାଜ୍ୟବ୍ୟାପୀ ଜଗନ୍ନାଥମୟ ହୋଇ ଉଠିଥିବା ବେଳେ ଏହି ଭବ୍ୟ ଉତ୍ସବରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସାମିଲ ହୋଇଛନ୍ତି କୋଟିକୋଟି ଓଡ଼ିଆ। ଗାଁଠାରୁ ସହର ଯାଏଁ ପ୍ରତିଟି ସ୍ଥାନରେ ଘଣ୍ଟ, ଘଣ୍ଟି, ମୃଦଙ୍ଗ, କୀର୍ତ୍ତନର ତାଳେ ତାଳେ ମହାପ୍ରଭୁଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଛନ୍ତି ରାଜ୍ୟବାସୀ।ବିଶ୍ୱନିୟନ୍ତାଙ୍କ ପରିକ୍ରମା ପ୍ରକଳ୍ପକୁ ଆଜି ସାରା ବିଶ୍ୱ ଦେଖିଥିବା ବେଳେ ପୁରୀ ଇତିହାସରେ ଚିରକାଳ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି।



ଭାବ, ଭକ୍ତିରେ ଲୀନ ହେଲେ ରାଜ୍ୟବାସୀ

ପୁରୀର ପରିକ୍ରମା ପ୍ରକଳ୍ପକୁ ନେଇ ଆଜି ସାରା ରାଜ୍ୟ ଉତ୍ସବମୁଖର ହୋଇ ଉଠିଛି। ପୁରପଲ୍ଲୀରୁ ସହର ଯାଏଁ ଜନତା ଏକାକାର ହୋଇ ଜଗନ୍ନାଥ ଭକ୍ତିରେ ନିଜକୁ ଲୀନ କରି ଦେଇଛନ୍ତି। ଜଗତର ନାଥ ତଥା ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଏହି ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନେଇ ଆଜି ପୁରୀ ସହରବାସୀ ତ ବେଶ୍ ଉତ୍ସାହିତ ଥିଲେ, ଏହାଠାରୁ ବହୁଗୁଣରେ ଉତ୍ସାହିତ ଥିଲେ ସମଗ୍ର ରାଜ୍ୟବାସୀ। ଏହି ଦିବ୍ୟ ଏବଂ ଭବ୍ୟ କାର୍ଯ୍ୟକ୍ରମକୁ ଚାତକ ପରି ଚାହିଁ ବସିଥିଲେ। ସକାଳୁ ସକାଳୁ ବେଦ ଉଚ୍ଚାରଣ ସହ ମନ୍ତ୍ରୋଧ୍ୱନିରେ ସାରା ପୁରୀ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ସମାନ ଭାବେ ରାଜ୍ୟର କୋଣ ଅନୁକୋଣରେ ଭଜନ, କୀର୍ତ୍ତନରେ ଲୋକେ ନିଜକୁ ଭକ୍ତିଭାବରେ ହଜାଇ ଦେଇଥିଲେ। ଯେଉଁମାନେ ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପୁରୀ ଆସିପାରିବେ ନାହିଁ ସେନେଇ ସରକାର ପଞ୍ଚାୟତସ୍ତରରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବା ବେଳେ ଏଥିରେ ପ୍ରବଳ ଜନ ସମାଗମ ହୋଇଥିଲା। ରାଜ୍ୟର କୋଣ ଅନୁକୋଣରେ ଏଲଇଡି ଜରିଆରେ ପ୍ରକଳ୍ପ

▶ପୃଷ୍ଠା-୧୩

# ପରିକ୍ରମା ବିନ୍ଧାଣି ପାଣ୍ଡିଆନ

## ୪ ବର୍ଷରେ ୪୦୦ରୁ ଅଧିକ ଥର ପ୍ରକଳ୍ପ ସମୀକ୍ଷା

■ ପୁରୀ, ୧୭।୧ (ସମିସ): ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରୀକ୍ଷେତ୍ରକୁ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ଏଥିପାଇଁ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା ଓ ଆଶୀର୍ବାଦ ଅଜାଡ଼ି ଦେଉଛନ୍ତି । ସେହିପରି ପ୍ରକଳ୍ପର ଶ୍ରେୟ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପ୍ରଦାନ କରିଛନ୍ତି। ୨୦୧୯ରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ବାସ୍ତବରେ ଏହାର ପରିକଳ୍ପନା ହୋଇଥିଲା ୨୦୧୬ରୁ। ୨୦୧୬ ନୂଆବର୍ଷରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ପୁରୀରୁ ଫେରିବା ବେଳେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସ୍ଥାନରେ ଜଗନ୍ନାଥଙ୍କ ଫଟୋକୁ ପ୍ରଣାମ କରୁଥିବା ଦେଖିଥିଲେ ତାଙ୍କର ସହଯାତ୍ରୀ ଓ ତତ୍‌କାଳୀନ ବ୍ୟକ୍ତିଗତ ସଚିବ କାର୍ତ୍ତିକ ପାଣ୍ଡିଆନ। ଏହି ସମୟରେ ଗାଡ଼ିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ପାଣ୍ଡିଆନଙ୍କ ସହ ଶ୍ରୀକ୍ଷେତ୍ରର ବିକାଶ ନିମନ୍ତେ ଆଲୋଚନା କରିଥିଲେ ଏବଂ ସେହିଠାରୁ ହିଁ ହୋଇଥିଲା ପରିକ୍ରମାର ପରିକଳ୍ପନା। ୨୦୧୭ରେ ଏଥିପାଇଁ ପ୍ରସ୍ତୁତ ହୋଇଥିଲା ପ୍ରାରମ୍ଭିକ ନକ୍ସା। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଶ୍ରୀ ପାଣ୍ଡିଆନ ଦିନରାତି ଏକ କରି ଦେଇଥିଲେ। ପରିକ୍ରମା ପରିକଳ୍ପନାଠାରୁ

▶ପୃଷ୍ଠା-୧୩

**ଭୋର ୪ରେ କରିଛନ୍ତି ଅନୁଧ୍ୟାନ**

## ବେନାମୀ ସିମ୍‌କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟରେ ଠକେଇ ମାମଲା

# କୋଲକାତାରୁ ଆଉ ଜଣଙ୍କୁ ବାନ୍ଧିଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୧୭ ।୧(ସମିସ):** ବେନାମୀ ସିମ୍‌କାର୍ଡ ଓ ଜାଲ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଠକେଇ ମାମଲା କ୍ରାଇମ୍‌ବ୍ରାଞ୍ଚର ସ୍ପେସାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଆନ୍ତଃରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗର ଆଉ ଜଣେ ସଦସ୍ୟଙ୍କୁ ଗିରଫ କରିଛି। ସେ ହେଲା, ପଶ୍ଚିମବଙ୍ଗ ମେଦିନୀପୁରର ସୌରଭ ମାଇତି (୩୦)। ସୌରଭଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଇ ୪ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଛି ଏସ୍‌ଟିଏଫ୍। ଏଠାରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ। ତାଂଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ମୋବାଇଲ ଫୋନ୍ ଜବତ ହୋଇଛି। ଏହି ମାମଲାରେ ଏସ୍‌ଟିଏଫ୍ ପୂର୍ବରୁ ଗ୍ୟାଙ୍ଗ ମୁଖିଆ ଜମିରୁଦ୍ଦିନ୍, ସମିମ ଇସ୍‌ଲାମ, ସେକ୍ ହାପିଜୁଲ, ସେକ୍ ଜାହାଙ୍ଗୀରଙ୍କୁ ଗିରଫ କରିସାରିଛି।



ଏସ୍‌ଟିଏଫ୍ ତଦନ୍ତରୁ ମିଳିଥିବା ସୂଚନାନୁଯାୟୀ, ଆନ୍ତଃରାଜ୍ୟ ଗ୍ୟାଙ୍ଗର ମୁଖିଆ ଜମିରୁଦ୍ଦିନ ପଶ୍ଚିମବଙ୍ଗରେ ନିଜର ଗ୍ୟାଙ୍ଗ ଆରମ୍ଭ କରି ସାରା ଦେଶରେ ନେଟ୍‌ୱାର୍କ ଚଳାଇଥିଲା। ଗ୍ୟାଙ୍ଗରେ ସୌରଭ, ସମିମ, ହାପିଜୁଲ ଓ ଜାହାଙ୍ଗୀରଙ୍କୁ ସାମିଲ କରି ନିଜର ପ୍ରଭାବ ଆହୁରି ବିସ୍ତାର କରିଥିଲା। ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମାନ୍ତ ସହ ବାଲେଶ୍ୱର, ମୟୂରଭଞ୍ଜ ଅଞ୍ଚଳରେ ସେମାନେ ବେଶ୍ ସକ୍ରିୟ ରହିଥିଲେ। ଏଥିପାଇଁ ସେମାନେ ଲୋକଙ୍କୁ ମାସିକ ୧୫ରୁ ୨୦ ହଜାର ଟଙ୍କା ଦରମା ଦେଇ ଏଜେଣ୍ଟ ରଖୁଥିଲେ। ବିଭିନ୍ନ ରାଜ୍ୟକୁ ଯାଇ ଆହୁରି ନୂଆ ଏଜେଣ୍ଟ ସୃଷ୍ଟି କରୁଥିଲେ। କିଭଳି ଲୋକଙ୍କ ଆଧାରକାର୍ଡ ଓ ଅନ୍ୟାନ୍ୟ ପରିଚୟପତ୍ର ହାତେଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଇବେ, ସେ ସଂପର୍କରେ ବୁଝାଉଥିଲେ। ସେହି ଡକ୍ୟୁମେଣ୍ଟ ଆଧାରରେ ନୂଆନୂଆ ସିମ୍ କାର୍ଡ ମଧ୍ୟ ଆଣୁଥିଲେ। ସେମାନେ ବିଶେଷକରି ଗ୍ରାମାଞ୍ଚଳର ଦୁର୍ବଳ ଓ କମ୍ ପାଠ ପଢ଼ିଥିବା ଲୋକଙ୍କୁ ଟାର୍ଗେଟ୍ କରୁଥିଲେ। ପ୍ରତି ବ୍ୟାଙ୍କ୍ ଆକାଉଣ୍ଟ ପିଛା ସେମାନେ ଏଜେଣ୍ଟଙ୍କୁ ୨ ହଜାର ଟଙ୍କା ଲେଖାଏଁ ଦେଉଥିଲେ। ପରେ ଉକ୍ତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ସେମାନେ ବିଭିନ୍ନ ମାଧ୍ୟମରେ ସାଇବର ଠକ ଓ ଅନ୍ୟ ଅପରାଧୀଙ୍କୁ ବିକ୍ରି କରୁଥିଲେ ଏବଂ ଏଥିପାଇଁ ଆକାଉଣ୍ଟ ପିଛା ୧୫ରୁ ୨୦ ହଜାର ଟଙ୍କା ନେଉଥିଲେ। ଏଭଳି ସେମାନେ ୫ହଜାରରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ ବିକ୍ରି କରିଥିବା ତଦନ୍ତକାରୀ ସଂସ୍ଥା ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ସେ ଆକାଉଣ୍ଟକୁ କିଣି ଅନ୍ୟ ଠକମାନେ ପ୍ରତି ଆକାଉଣ୍ଟରେ ଅତି ବେଶିରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ କାରବାର କରୁଥିଲେ। ଲକ୍ଷେ ଟଙ୍କା ଦେବା ପରେ ତାହାକୁ ଆଉ ବ୍ୟବହାର କରୁନଥିଲେ। ଏହାଛଡ଼ା ପୁଲିସ ଓ ଅନ୍ୟ ତଦନ୍ତକାରୀ ସଂସ୍ଥା ଆକାଉଣ୍ଟଗୁଡ଼ିକୁ ସିଜ୍ କରୁଥିବାରୁ ଠକେଇ ପରେ ବାରମ୍ବାର ଆକାଉଣ୍ଟ ବଦଳାଉଥିଲେ।

## ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୧୭ ।୧(ସମିସ):** ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବିଭିନ୍ନ ପଦ ପାଇଁ ଚାଲିଥିବା ଆବେଦନ ପ୍ରକ୍ରିୟାର ଅବଧି ବୃଦ୍ଧି କରାଯାଇଛି। ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ଏନେଇ ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପ୍ରତି ରାଜସ୍ୱ ନିରୀକ୍ଷକ, ଅମିନ, ଆଇସିଡିଏସ୍ ସୁପରଭାଇଜର ଓ ଷ୍ଟାଟିଷ୍ଟିକାଲ ଫିଲ୍ଡ ସର୍ଭେୟର(ଏସ୍‌ଏଫ୍‌ଏସ୍) ପରି ୫ଟି ପଦରେ ନିଯୁକ୍ତି ପାଇଁ ଆବେଦନ ହେଉଛି। ପୂର୍ବରୁ ଆବେଦନ ଅବଧି ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଥିଲା। ହେଲେ ୱେବସାଇଟ୍ ସାମୟିକ ଭାବେ ଅଚଳ ଓ ଧୀମା ହେଉଥିବା ଯୋଗୁଁ ବହୁ ଆଶାୟୀ ଆବେଦନ କରିପାରୁ ନଥିବା ଅଭିଯୋଗ କରିଥିଲେ। ୱେବ୍‌ସାଇଟ୍ ସ୍ୱାଭାବିକ ହେବା ସହ ଆବେଦନ ଅବଧି ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ସମୁଦାୟ ୨୮୯୫ଟି ପଦରେ ନିଯୁକ୍ତି ପାଇଁ ଏହି ଆବେଦନ ପ୍ରକ୍ରିୟା ଚାଲିଛି।

## ଗୁଡ଼ି ମାଞ୍ଜା ସୂତା ଲାଗି ୬ ଆହତ

**ବାଲେଶ୍ୱର, ୧୭।୧(ସମିସ):** ଗୁଡ଼ି ଉଡ଼ା ମାଞ୍ଜା ସୂତା ଲାଗି ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ୬ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଛଅ ବର୍ଷର ଏକ ଶିଶୁପୁତ୍ର ରହିଛି। ସମ୍ପୃକ୍ତ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଗମ୍ଭୀର ଥିବାରୁ ତାକୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶିଶୁଟିର ନାମ ଅବିନାଶ ମାହାଲ(୬)। ବାଲେଶ୍ୱର ସଦର ଥାନା ଦୁମ୍‌ଦୁମା ଗ୍ରାମର ଶ୍ରୀକାନ୍ତ ମାହାଲଙ୍କ ପୁଅ ହେଉଛନ୍ତି ଅବିନାଶ। ଆଜି ଅବିନାଶଙ୍କୁ ବାଇକରେ ବସାଇ ବାପା ଶ୍ରୀକାନ୍ତ ରାସ୍ତାରେ ଯାଉଥିଲାବେଳେ ମାଂଜା ସୂତା ଅବିନାଶର ଗଳାରେ ଲାଗି ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ରକ୍ତ ଝୁଡୁଝୁଡୁ ଅବସ୍ଥାରେ ଶ୍ରୀକାନ୍ତ ପୁଅକୁ ଧରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିଲେ। ଡାକ୍ତରଙ୍କ ପକ୍ଷରୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଇ ଥିଲା। ହେଲେ ଅବିନାଶର ସ୍ୱାସ୍ଥ୍ୟଗତ ଅବସ୍ଥା ସଙ୍ଗୀନ ଥିବା ଦେଖି ତାକୁ କଟକ ବଡ ଡାକ୍ତରଖାନାକୁ ରେଫର କରାଯାଇଥିଲା। ସେହିଭଳି ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ମଣିଖମ୍ବ ଅଞ୍ଚଳର ସ୍ୱର୍ଗତ ମନମୋହନ ପଣ୍ଡାଙ୍କ ପୁଅ ଅଜିତ ପଣ୍ଡା(୪୮) ଆଜି ନିଜ ବାଇକରେ ଯାଉଥିବାବେଳେ ତାଙ୍କ ହାତ ଓ ଗୋଡ଼ରେ ମାଂଜା ସୂତା ଲାଗି କଟି ଯାଇଥିଲା। ସେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଆସି ଚିକିତ୍ସିତ ହୋଇଛନ୍ତି। ପୌରପାଳିକା ମୋତିଗଞ୍ଜ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ହାତରେ ମାଂଜା ସୂତା ଲାଗିବାରୁ ସେ ଆହତ ହୋଇଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସେ ଘରକୁ ଯାଇଛନ୍ତି। ଏହିଭଳି ଅନ୍ୟ ତିନି ଜଣ ବ୍ୟକ୍ତି ମଧ୍ୟ ମାଂଜା ସୂତା ଦ୍ୱାରା ଆହତ ହୋଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି।

**ଶିଶୁ କଟକ ସ୍ଥାନାନ୍ତର**

## ଡାକ୍ତରଖାନାରେ ଦଲାଲ ନିୟନ୍ତ୍ରଣ ପାଇଁ ନିୟମାବଳୀ ପ୍ରଣୟନ

# ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ମହଲତ

**କଟକ,୧୭ ।୧(ସମିସ):** ସରକାରୀ ହସ୍ପିଟାଲରେ ଆବଶ୍ୟକସଂଖ୍ୟକ ଡାକ୍ତର କର୍ମଚାରୀ ନଥିବା ସାଙ୍ଗକୁ ଭିତ୍ତିଭୂମି ଅଭାବ ଓ ଅନ୍ୟାନ୍ୟ ଅବ୍ୟବସ୍ଥା ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ସତ୍ୟପାଠ ଦାଖଲ କରିପାରିନାହିଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ଡାକ୍ତରଖାନା ପରିସରରେ ଏଜେଣ୍ଟ ବା ଦଲାଲମାନଙ୍କ କାର୍ଯ୍ୟକଳାପ ରୋକିବା ପାଇଁ ନିୟମାବଳୀ ଆଣିବା ଉପରେ ହାଇକୋର୍ଟ ଗତ ଜୁନ୍ ୨୧ର ଶୁଣାଣିରେ ଗୁରୁତ୍ୱାରୋପ କରିବା ସହ ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟସେବା ସୁଧାରିବା ଦିଗରେ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବାକୁ ମଧ୍ୟ କହିଥିଲେ। ଆଜି ଏହି ପ୍ରସଂଗରେ ସତ୍ୟପାଠ ଦେବାକୁ ସରକାର ଆଉ ୩ଦିନ ସମୟ ଲୋଡିଥିଲା ବେଳେ ହାଇକୋର୍ଟ ଏହି ମହଲତ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ସତ୍ୟପାଠ ଦେବାକୁ କହିଛନ୍ତି ହାଇକୋର୍ଟ। ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତିଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ପକ୍ଷରୁ ପୂର୍ବରୁ ଏକ ସତ୍ୟପାଠ ଦାଖଲ ହୋଇଥିଲେ ହେଁ ଆବେଦନକାରୀ ଉଠାଇଥିବା ପ୍ରସଂଗ ତଥା ସ୍ୱାସ୍ଥ୍ୟ ଭିତ୍ତିଭୂମିର ରୋଡମ୍ୟାପ ଉପରେ କିଛି ତଥ୍ୟ ଦିଆଯାଇନଥିଲା। ଏଣୁ ଏହି ସବୁ ଦିଗକୁ ଦୃଷ୍ଟି ରଖିବା ସହ ସ୍ୱାସ୍ଥ୍ୟ ସେବାରେ ସୁଧାର ପାଇଁ କରାଯାଉଥିବା ରୋଡ୍ ମ୍ୟାପ୍ ସମ୍ପର୍କରେ ସାନି ସତ୍ୟପାଠ ଦେବାକୁ ଅଦାଲତ କହିଥିଲେ। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଅଲିଭ-ରିଡଲେ କଇଁଛ ସୁରକ୍ଷା ମାମଲା

# ଖାଲି ପଦ ପୂରଣ ଓ ଟ୍ରାନ୍ସପୋଣ୍ଡର୍ ପ୍ରସଂଗରେ ହାଇକୋର୍ଟଙ୍କ ରିପୋର୍ଟ ତଲବ

**କଟକ,୧୭ ।୧(ସମିସ):** ବିରଳ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ଟ୍ରଲର୍‌ଗୁଡ଼ିକରେ ଟ୍ରାନ୍ସପୋଣ୍ଡର୍ ଲଗାଯିବା ନେଇ ଯେଉଁ ଘୋଷଣା କରାଯାଇଥିଲା, ତାହା କେତେଦୂର କାର୍ଯ୍ୟକାରୀ କରାଯାଇଛି, ସେ ସମ୍ପର୍କରେ ଆଜି ହାଇକୋର୍ଟ ଜବାବ ତଲବ କରିଛନ୍ତି। ସେହିପରି ସାମୁଦ୍ରିକ ଥାନାଗୁଡ଼ିକରେ ଖାଲି ପଦବୀ ପୂରଣ ଦିଗରେ ବର୍ତ୍ତମାନ ସୁଦ୍ଧା କ'ଣ ପଦକ୍ଷେପ ନିଆଯାଇଛି, ସେନେଇ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଏମ୍.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରଣାଳୟର ସଚିବ(ସାମୁଦ୍ରିକ)ଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ପୂର୍ବରୁ ଦିଆଯାଇଥିଲା।

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ଓଡ଼ିଶା ସମେତ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସମୁଦ୍ରରେ ମାଛ ମାରୁଥିବା ପ୍ରାୟ ୧ଲକ୍ଷ ଡଙ୍ଗା, ଯନ୍ତ୍ରଚାଳିତ ବୋଟ୍, ଟ୍ରଲର୍‌ଗୁଡ଼ିକରେ ଟ୍ରାନ୍ସପୋଣ୍ଡର୍ ସ୍ଥାପନ କରାଯିବ। କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ସମ୍ପୃକ୍ତ ରାଜ୍ୟ ସରକାର ୪୦ପ୍ରତିଶତ ଅର୍ଥ ବା ଖର୍ଚ୍ଚ ବହନ କରିବେ ବୋଲି ସତ୍ୟପାଠରେ ଉଲ୍ଲେଖ ରହିଥିଲା। କେନ୍ଦ୍ରୀୟ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ ସଂସ୍ଥା ନିଉ ସ୍ପେସ୍ ଇଣ୍ଡିଆ ଲିମିଟେଡ ଏହି ଯୋଜନା କାର୍ଯ୍ୟକାରୀ କରୁଥିବା କୁହାଯାଇଥିଲା। ବର୍ତ୍ତମାନ ଏହାର ସ୍ଥିତି କଣ ରହିଛି ତାହା ଜଣାଇବାକୁ ରାଜ୍ୟ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ପୁଲିସ ମୁଖ୍ୟାଳୟ ଏଏସପିଙ୍କ ପକ୍ଷରୁ ପୂର୍ବରୁ ଦାଖଲ ସତ୍ୟପାଠରେ କୁହାଯାଇଥିଲା ଯେ ୪୭ଟିଏସଆଇ, ୧୪୩ଟି ସବଇନସ୍ପେକ୍ଟର ପଦବୀ ସହ କନଷ୍ଟେବଳ ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ବର୍ତ୍ତମାନ କେତେ ପଦବୀ ଖାଲି ଅଛି ସେ ସମ୍ପର୍କରେ ଖଣ୍ଡପୀଠ ଜବାବ ମାଗିଛନ୍ତି। ଆମିକସକ୍ୟୁରୀ ଭାବେ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ଏକ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

# କୂଅରୁ ଯମଜ ଶିଶୁଙ୍କ ମୃତଦେହ ଉଦ୍ଧାର

## ହତ୍ୟା ସନ୍ଦେହ; ଗ୍ରାମରେ ଉତ୍ତେଜନା

**ଅନୁଗୋଳ,୧୭।୧(ସମିସ):** ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ବସଲା ଗ୍ରାମ ମୁଣ୍ଡାଡ଼ିପ ଠାରେ ଏକ ଅଭାବନୀୟ ଘଟଣା ଘଟିଛି। ଯମଜ ଶିଶୁଙ୍କ ମୃତ ଶରୀର କୂଅ ଭିତରୁ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଭାଇ ଓ ଭଉଣୀ ଦୁଇଜଣଙ୍କୁ କେହି ହତ୍ୟା କରାଯାଇ କୂଅରେ ଫିଙ୍ଗାଯାଇଥିବା ସ୍ଥାନୀୟ ଲୋକ ସନ୍ଦେହ କରୁଛନ୍ତି। ସୂଚନା ମୁତାବକ ବସଲା ମୁଣ୍ଡାଡ଼ିପ ଅଞ୍ଚଳର ସୁନୀଲ ସାହୁଙ୍କ ଜାଆଁଳା ୩ ବର୍ଷର ଶିଶୁ (ଗୋଟିଏ ପୁଅ ଓ ଗୋଟିଏ ଝିଅ) ପ୍ରତିଦିନ ପରି ଘରେ ଖେଳୁଥିଲେ। ସନ୍ଧ୍ୟା ସମୟରେ ଘରେ ଏହି ଶିଶୁ ଦୁଇଜଣ ଖେଳୁଥିଲା ବେଳେ ତା'ର ମା' କ୍ଷୀର ପାଇଁ ବାହାରକୁ ଯାଇଥିଲେ। ଘରେ ପହଞ୍ଚିବା ପରେ ଦୁଇ ଯମଜ ଶିଶୁ ଘରେ ନଥିଲେ। ପରିବାର ପକ୍ଷରୁ ଚାରିଆଡ଼େ ଖୋଜାଖୋଜି କରିବା ପରେ ଉଭୟ ନିକଟସ୍ଥ କୂଅରେ ପଡିଥିବା ଦେଖିବାକୁ ମିଳିଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ନିକଟସ୍ଥ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ପରିବାର ଲୋକେ ପୁଲିସରେ ଅଭିଯୋଗ କରି ନ ଥିବା ଜଣାପଡ଼ିଛି।

## ୧୪ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ, ୧୭।୧(ସମିସ):ସିଭିଲ ଜଜ୍ କ୍ୟାଡରର ୧୪ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ପ୍ରିତୀଶ କୁମାର ରାଉତରାୟଙ୍କୁ ଚମ୍ପୁଆ ସିଭିଲ ଜଜ୍ (ସିନିଅର ଡିଭିଜନ) ଭାବେ ବଦଳି କରାଯାଇଛି। ସେହିପରି ସୁଶାନ୍ତ କୁମାର ମିଶ୍ରଙ୍କୁ ସିଜେଏମ(ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ) ପୁରୀ, ଡ.ପ୍ରଦୀପ କୁମାର ପ୍ରଧାନଙ୍କୁ ବ୍ରହ୍ମପୁର ସିଭିଲ କୋର୍ଟ ରେଜିଷ୍ଟ୍ରାର, ସତ୍ୟପ୍ରକାଶ ରାୟ ଚୌଧୁରୀଙ୍କୁ ଯାଜପୁର ସିଭିଲ ଜଜ୍ (ସିନିଅର ଡିଭିଜନ), ପ୍ରସନ୍ନ କୁମାର ବେହେରାଙ୍କୁ ପାରଳାଖେମୁଣ୍ଡି ସିଭିଲ କୋର୍ଟ ରେଜିଷ୍ଟ୍ରାର, ମଳୟ କୁମାର ପ୍ରଧାନଙ୍କୁ ସାଲେପୁର ସିଭିଲ ଜଜ୍ (ସିନିଅର ଡିଭିଜନ), ଜନ୍ମେଜୟ ଦାସଙ୍କୁ ଓଡଗାଁ ସିଭିଲ ଜଜ୍ (ସିନିଅର ଡିଭିଜନ), ସତ୍ୟବ୍ରତ ରଣାଙ୍କୁ ନୟାଗଡ଼ ସିଭିଲ ଜଜ୍ (ସିନିଅର ଡିଭିଜନ), ରାଜେନ୍ଦ୍ର କୁମାର ଦାସଙ୍କୁ ଝାରସୁଗୁଡା ସିଭିଲ କୋର୍ଟ ରେଜିଷ୍ଟ୍ରାର, ସୌମ୍ୟରୂପ ସାହୁଙ୍କୁ ରାୟଗଡ଼ା ସିଭିଲ୍ କୋର୍ଟ ରେଜିଷ୍ଟ୍ରାର, ଦେବଜ୍ୟୋତି ମହାପାତ୍ରଙ୍କୁ ରାୟଗଡ଼ା ସିଭିଲ୍ ଜଜ୍ (ସିନିଅର ଡିଭିଜନ), ମନସ୍ୱିନୀ ମହାପାତ୍ରଙ୍କୁ ଅତିରିକ୍ତ ସିଭିଲ ଜଜ୍(ଜୁନିଅର ଡିଭିଜନ) ତଥା ଜେଏମଏଫସି ବରଗଡ଼, ଦେବମାଳିନୀ ଐଶ୍ୱର୍ଯ୍ୟାଙ୍କୁ ଜେଏମଏଫସି(ଏଲଆର ଆଣ୍ଡ ଏଲଟିଭି)ସୋନପୁର ଓ ସୌମ୍ୟଶ୍ରୀ ମହାପାତ୍ରଙ୍କୁ ଓଡଗାଁ ଗ୍ରାମ ନ୍ୟାୟ ଅଧିକାରୀ ଭାବେ ବଦଳି କରାଯାଇଛି।

## ହାତୀ ଆକ୍ରମଣରେ ଜଣେ ମୃତ

**କାଳିଆପାଣି,୧୭।୧(ସମିସ):** ହାତୀ ଆକ୍ରମଣରେ ସୁକିନ୍ଦା ଖଣି ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୁକିନ୍ଦା ରେଞ୍ଜ ରାଁସୋଳ ପାଖ ଜଙ୍ଗଲରେ ଆଜି ଦିନସାରା ୧୦ଟିକିଆ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଢେଙ୍କାନାଳ ବନଖଣ୍ଡ ଅଞ୍ଚଳରୁ ଏହି ହାତୀ ପଲ ଖଣି ଅଞ୍ଚଳରେ ପହଞ୍ଚିଥିବା ଜଣାପଡ଼ିଛି। ଶୌଚ ପାଇଁ ଯାଇଥିବା ଚିଙ୍ଗୁଡ଼ିପାଳ ପଞ୍ଚାୟତ ପୋଡ଼ାହରା ଗାଁର ରାଜୁ ସୋରେନ(୩୪)ଙ୍କୁ ହାତୀ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ତାଙ୍କ ବାମହାତ ପାପୁଲିରେ ମଡ଼ା ପକାଇ ଦେଇଥିଲା। ସ୍ଥାନୀୟ ଲୋକେ ରାଜୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବନ ବିଭାଗ ସହାୟତାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତ ରାଜୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମୟରେ ସନ୍ଧ୍ୟାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# କଂଗ୍ରେସକୁ ଫେରିଆସିଲେ ଗମାଙ୍ଗ ପରିବାର

**ରାୟଗଡ଼ା,୧୭।୧(ସମିସ):** ବିଧିବଦ୍ଧ ଭାବେ ପୁଣି କଂଗ୍ରେସକୁ ଫେରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧାରୀ ଗମାଙ୍ଗଙ୍କ ସମେତ ତାଙ୍କ ପରିବାର। ବୁଧବାର ଦିଲ୍ଲୀଠାରେ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କ ଉପସ୍ଥିତିରେ ବରିଷ୍ଠ କଂଗ୍ରେସ ନେତା ତଥା ଓଆଇସିସିର କୋଷାଧ୍ୟକ୍ଷ ଅଜୟ ମାକନଙ୍କ ଉପସ୍ଥିତିରେ କଂଗ୍ରେସ ଦଳକୁ ଫେରିଛନ୍ତି ଗମାଙ୍ଗ ପରିବାର। ଏ ନେଇ ଦିଲ୍ଲୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଜୟ ମାକନ ସ୍ପଷ୍ଟ କରିଛନ୍ତି। କଂଗ୍ରେସ ନେତା ଡ. ଗମାଙ୍ଗ, ତାଙ୍କ ପତ୍ନୀ ହେମା ଗମାଙ୍ଗ ଓ ପୁଅ ଶିଶିର ଗମାଙ୍ଗଙ୍କୁ ଦଳ ପୁଣି ଥରେ ସ୍ୱାଗତ କରିଥିବାବେଳେ ଓଡ଼ିଶାର ବିକାଶରେ ଗମାଙ୍ଗ ପରିବାରଙ୍କ ବହୁତ ବଡ଼ ଯୋଗଦାନ ରହିଛି ବୋଲି ଶ୍ରୀ ମାକନ କହିଛନ୍ତି। କଂଗ୍ରେସ ଦଳକୁ ଫେରିବା ପରେ ଡ. ଗମାଙ୍ଗ କଂଗ୍ରେସର ବରିଷ୍ଠ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ଖଡଗେଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିଜ ୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷର ରାଜନୈତିକ ଜୀବନରେ ସେ ୪୨ ବର୍ଷ ଧରି କଂଗ୍ରେସ ଦଳରେ ରହିଥିବାବେଳେ



କୋରାପୁଟ ଲୋକସଭା ଆସନରୁ ୮ ଥର ସାଂସଦ ଓ ଥରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କେବଳ କଂଗ୍ରେସ ତାଙ୍କୁ ୧୧ଥର ଟିକଟ ଦେଇଥିଲା। କେନ୍ଦ୍ରରେ ୧୧ ବର୍ଷ ସେ କେନ୍ଦ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ଗତ ୭ ବର୍ଷ ଧରି କଂଗ୍ରେସ ଛାଡ଼ି ବିଜେପିକୁ ଚାଲି ଯାଇଥିବାବେଳେ ନିକଟରେ ସେ ବିଆରଏସ୍ ଦଳରେ ଯୋଗଦେଇଥିଲେ। ଆଗକୁ କଂଗ୍ରେସ ଯେଉଁ ଦାୟିତ୍ୱ ଦେବ ତାହା ନିର୍ବାହ କରିବି; କାରଣ ମୁଁ ସକାରାତ୍ମକ ରାଜନୀତି କରେ ବୋଲି ଡ. ଗମାଙ୍ଗ କହିଛନ୍ତି। ତେବେ ଗମାଙ୍ଗ ପରିବାରଙ୍କ ଘର ବାହୁଡ଼ା ପରେ ଓଡ଼ିଶାରେ କଂଗ୍ରେସ ଦଳରେ କ'ଣ ପ୍ରଭାବ ପଡ଼ିବ ତାହାକୁ ନେଇ ଦଳୀୟ ଚର୍ଚ୍ଚା ଜୋର୍ ଧରିଛି। ଡ. ଗମାଙ୍ଗଙ୍କ ପତ୍ନୀ ହେମା ଗମାଙ୍ଗ ଥରେ ବିଧାୟକ ଓ ଥରେ ସାଂସଦ ଭାବେ ନିର୍ବାଚିତ ହୋଇଥିବାବେଳେ ପୁଅ ଶିଶିର କିନ୍ତୁ ଥରେ କଂଗ୍ରେସ ଓ ବିଜେପିରୁ ଛିଡ଼ା ହୋଇ ହାରିଛନ୍ତି। ଗମାଙ୍ଗ ପରିବାରଙ୍କ ଘର ବାହୁଡ଼ା ପରେ ଦଳ ଆହୁରି ମଜଭୁତ ହେବ ବୋଲି ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ତଥା ମୁଖ୍ୟ ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ ପ୍ରକାଶ କରିଛନ୍ତି। ବରଗଡ଼ର ପୂର୍ବତନ ସାଂସଦ ସଞ୍ଜୟ ଭୋଇ ମଧ୍ୟ ଦଳକୁ ଫେରିଛନ୍ତି।

# ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୭ ।୧(ସମିସ):** ବରିଷ୍ଠ ଓଏଏସ୍ ସୂର୍ଯ୍ୟନାରାୟଣ ଦାସ ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ବୁଧବାର ରାଜ୍ୟ ସରକାର ଓଏଏସ୍ ସ୍ତରରେ ଅଦଳବଦଳ କରି ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଥିବା ଶ୍ରୀ ଦାସଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସେହିପରି ନୟାଗଡ଼ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ସୁଚାରୁ କୁମାର ବଳଙ୍କୁ ଉକ୍ତ ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ପାଟଣାଗଡ଼ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଥିବା ଲମ୍ବୋଦର ଧାରୁଆଙ୍କୁ ନୂଆପଡ଼ା ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଯାଜପୁର ଉପଜିଲ୍ଲାପାଳ ଗୋପୀନାଥ କୁଅଁରଙ୍କୁ ପୁରୀ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କୁ ଭଦ୍ରକ ସିଡିଏମଓ ଅଫିସର ପ୍ରଶାସନିକ ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ପୁରୀ ଉପଜିଲ୍ଲାପାଳ ଭବତାରଣ ସାହୁଙ୍କୁ ଶ୍ରୀମନ୍ଦିର ପ୍ରଶାସନର ଡେପୁଟି ପ୍ରଶାସକ ଭାବେ ନିଯୁକ୍ତି ମିଳିଛି। ସେହିପରି ବଲାଙ୍ଗିର ତହସିଲଦାର ଅମିତ କୁମାର ନାୟକଙ୍କୁ ପାଟଣାଗଡ଼ ଉପଜିଲ୍ଲାପାଳ ଭାବେ ବଦଳି କାରଯାଇଛି।

## ଦୁଷ୍କର୍ମକାରୀକୁ ଆଜୀବନ ଜେଲ୍

**ଯାଜପୁର, ୧୭।୧(ସମିସ):** ନାବାଳିକା ଦୁଷ୍କର୍ମ ମାମଲାରେ ବୁଧବାର ଯାଜପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଅଭିଜିତ ପଲାଇ ଅଭିଯୁକ୍ତ ବୈକୁଣ୍ଠ ନାଥ ମଲ୍ଲିକ ଓରଫ ଦିପୁନା (୩୪)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୪ ଲକ୍ଷ ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ ରହିଛି। ବୈକୁଣ୍ଠର ଘର ବିଂଝାରପୁର ଥାନା ଅନ୍ତର୍ଗତ ଜରୀ ଗ୍ରାମରେ ।୨୦୨୧ ଅପ୍ରେଲ ୧୨ ତାରିଖରେ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାକୁ ସେ ଦୁଷ୍କର୍ମ କରିଥିଲା। ତେବେ ନାବାଳିକା ଜଣକ ଗର୍ଭବତୀ ହେବାରୁ ବୈକୁଣ୍ଠର କଳାକାରନାମା ପଦାକୁ ଆସିଥିଲା। ଏ ନେଇ ଅଭିଯୋଗ ହେବାରୁ ବିଂଝାରପୁର ପୁଲିସ ଏକ ମାମଲା ରୁଜୁ କରି ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଜନ୍ମମାଟିରେ ପହଞ୍ଚିଲା ଓଡ଼ିଆ ଶ୍ରମିକଙ୍କ ଶବ

### ସହଯୋଗର ହାତ ବଢ଼ାଇଲା 'ଓଡ଼ିଶା ମୋ-ପରିବାର'

**ଭୁବନେଶ୍ୱର, ୧୭ ।୧(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ପୁସଙ୍ଗିଆ ଅଞ୍ଚଳର ୨୧ ବର୍ଷୀୟ ଯୁବକ ସନ୍ତୋଷ କୁମାର ପାତ୍ର ୩ ବର୍ଷ ହେଲା ବେଙ୍ଗାଲୁରୁରେ ରହି କାମ କରୁଥିଲେ। ଦୁର୍ଭାଗ୍ୟବଶତଃ, ଗତ ୧୪ ତାରିଖରେ ତାଙ୍କର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଘରେ ବାପା, ମା' ଓ ସାନଭାଇଙ୍କୁ ମୂଲ ଲାଗି ଚଳାଉଥିଲେ ସନ୍ତୋଷ। ପୁଅର ଅଚାନକ ମୃତ୍ୟୁ ସେମାନଙ୍କୁ ଭାଙ୍ଗି ଦେଇଥିଲା। ଶେଷ ମୁହୂର୍ତ୍ତରେ ପୁଅକୁ ଟିକେ ଦେଖିବା ପାଇଁ ବ୍ୟାକୁଳ ହେଉଥିଲେ। ଏହି ଦୁଃଖଦ ଖବର ବିଷୟରେ ଓଡ଼ିଶା ରାଜ୍ୟ ବିହନ ନିଗମର ଅଧ୍ୟକ୍ଷ ବିଜୟ ନାୟକ ଜାଣିବା ପରେ ଓଡ଼ିଶା ମୋ-ପରିବାରକୁ ଅବଗତ କରାଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟଙ୍କ ଓ.ଏସ୍.ଡି ଲକ୍ଷ୍ମୀଧର ବେହେରା ଓଡ଼ିଶା-ମୋ ପରିବାରକୁ ସୂଚନା ଦେଇଥିଲେ। ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ଆବଶ୍ୟକ ପ୍ରକ୍ରିୟାରେ ସଂଯୋଜନା କରାଯାଇଥିଲା ଏବଂ ଉଭୟ ଅନୁଷ୍ଠାନର ଟିମ୍ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଉପସ୍ଥିତ ରହି ସନ୍ତୋଷଙ୍କ ମୃତଶରୀରକୁ କନ୍ଧମାଳସ୍ଥିତ ନିଜ ବାସଭବନକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଓଡ଼ିଶା ମୋ ପରିବାର ପକ୍ଷରୁ ସମସ୍ତ ଯାତାୟାତ ଖର୍ଚ୍ଚ ବହନ କରାଯିବା ସହିତ ସମଗ୍ର ପ୍ରକ୍ରିୟାକୁ ସଂଯୋଜନା କରାଯାଇଥିଲା। ଏହିପରି ନିରନ୍ତର ଭାବେ ଅସହାୟ ଲୋକଙ୍କ ସହାୟତା ପାଇଁ ଓଡ଼ିଶା-ପରିବାର ଏବଂ ଓଡ଼ିଶା-ମୋ ପରିବାର ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଥିବାରୁ ଅନେକ ଗରିବ, ଅସହାୟ ବ୍ୟକ୍ତିଙ୍କ ଅସମୟରେ ସହଯୋଗ ପାଇ ପାରୁଛନ୍ତି।

# ମିଳୁଛି ପ୍ରତିଶ୍ରୁତି; ମିଳୁନାହିଁ ଅନୁଦାନ

**ଭୁବନେଶ୍ୱର,୧୭ ।୧(ସମିସ):** ଦେଶର ବିକାଶ ପାଇଁ ମିଳିତ ଉଦ୍ୟମ ଏକାନ୍ତ ଆବଶ୍ୟକ। ସଙ୍ଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାମ କରିବାର ପ୍ରାବଧାନ ରହିଛି। କେନ୍ଦ୍ର ସରକାର ମଧ୍ୟ ସବୁବେଳେ ଡବଲ୍ ଇଞ୍ଜିନର ଉଦାହରଣ ଦେଉଛନ୍ତି; କିନ୍ତୁ ଓଡ଼ିଶାକୁ ଅନୁଦାନ ଦେବା ବେଳକୁ କେନ୍ଦ୍ର ସରକାରଙ୍କର ସବୁ ନିୟମ ବଦଳି ଯାଉଛି। ଗତ ତିନି ବର୍ଷ ମଧ୍ୟରେ କେନ୍ଦ୍ରୀୟ ଯୋଜନା ବାବଦରେ ଓଡ଼ିଶା ସରକାରଙ୍କୁ ଅନୁଦାନ ହ୍ରାସ ପାଇବା ସହ କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଯୋଜନା ଅନୁଦାନ ବୃଦ୍ଧି କରାଯାଉନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତି ବର୍ଷ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଯେତିକି ଅନୁଦାନ ଦେବା ପାଇଁ କହୁଛନ୍ତି ଦେବା ବେଳକୁ ତା ଠାରୁ ଢ଼େର କମ୍ ଅର୍ଥ ଦେଉଛନ୍ତି।

ସୂଚନା ଅନୁସାରେ ୨୦୨୦-୨୧ରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦରେ କେନ୍ଦ୍ର ସରକାର ୧୮୮୮୪.୧୬ କୋଟି ଟଙ୍କା ଦେବେ ବୋଲି କହିଥିଲେ। କିନ୍ତୁ ହାତକୁ ଆସିଲା ୧୨୬୯୭.୭୬ କୋଟି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ୨୧୮୦୮.୯୬ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ; କିନ୍ତୁ ଦେବା ବେଳକୁ ୫୦% କାଟି ୧୧୮୧୯.୮୬ କୋଟି ଦେଲେ। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨୦୩୯୯.୪୯ କୋଟି ଟଙ୍କାର ଢ଼େର କମ୍ ଅର୍ଥ ମିଳିଛି। ଅନ୍ୟପକ୍ଷରେ ୨୦୨୦-୨୧ରେ କେନ୍ଦ୍ରୀୟ ଯୋଜନା

**■ ଓଡ଼ିଶାକୁ କମୁଛି କେନ୍ଦ୍ରୀୟ ସହାୟତା**
**■ ପ୍ରଭାବିତ ହେଉଛି ଉନ୍ନୟନମୂଳକ ପ୍ରକଳ୍ପ**
**■ ବିନିଯୋଗପତ୍ର ଦେବାରେ ଓଡ଼ିଶା ଆଗୁଆ**

ଅଧୀନରେ ୪୫୬.୨୩ କୋଟି ଟଙ୍କା ମିଳିଥିଲା। ସେହିପରି ୨୦୨୧-୨୨ରେ କେନ୍ଦ୍ରୀୟ ଯୋଜନା ବାବଦରେ ୩୫୬.୧୧ କୋଟି ଏବଂ ୨୦୨୨-୨୩ରେ ୩୯୬ କୋଟି ଟଙ୍କା ମିଳିଛି। ୨୦୧୫-୧୬ ବର୍ଷରୁ ରାଜ୍ୟମାନଙ୍କୁ କେଉଁ ଯୋଜନାରେ କେତେ ଅର୍ଥ ମିଳିବ ରାଜ୍ୟମାନଙ୍କୁ ତାହାର ଆଗୁଆ ସୂଚନା ଦିଆଯାଉ ନାହିଁ। କେନ୍ଦ୍ର ସରକାର ତାଙ୍କ ଅଧୀନରେ ଥିବା ବିଭାଗ ମାନଙ୍କ ପାଇଁ ଯୋଜନାୱାରୀ ବ୍ୟୟ ଅଟକଳ କରିଥାନ୍ତି। ତେଣୁ ରାଜ୍ୟ ସରକାର ବିଗତ ବର୍ଷ ମାନଙ୍କରେ ମିଳିଥିବା କେନ୍ଦ୍ରୀୟ ଅନୁଦାନ ଓ କେନ୍ଦ୍ର ସରକାରଙ୍କ ବ୍ୟୟ ଅଟକଳର ଏକ ଆନୁପାତିକ ଆକଳନ କରି ବିଭିନ୍ନ ଯୋଜନା ପାଇଁ ଆନୁପାତିକ ରାଜ୍ୟ ଅଂଶ ସହ ବ୍ୟୟ ବରାଦ କରିଥାନ୍ତି। ତେବେ ବର୍ଷକୁ ବର୍ଷ କେନ୍ଦ୍ର ଅନୁଦାନ ପରିମାଣ ହ୍ରାସ ପାଇବା ରାଜ୍ୟର ବିକାଶରେ ବଡ଼ ଅନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି।

ବିପର୍ଯ୍ୟୟ ପରିଚାଳନା, ସଡ଼କ ନିର୍ମାଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ, ଖାଦ୍ୟ ଶସ୍ୟ ସଂଗ୍ରହ, ଶକ୍ତି ଭିତ୍ତିଭୂମି ସବୁ କ୍ଷେତ୍ରରେ ଅନୁଦାନ ପରିମାଣ ହ୍ରାସ ପାଉଛି। ଗତ ଆର୍ଥିକ ବର୍ଷରେ ୩୨, ୮୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ପାଇବେ ବୋଲି ରାଜ୍ୟ ସରକାର ଆକଳନ କରିଥିଲେ। ତେବେ ଗତ ବର୍ଷ ଜାନୁଆରୀ ଶେଷ ସୁଦ୍ଧା ରାଜ୍ୟକୁ ମାତ୍ର୧୧, ୧୧୦.୪୫ କୋଟି ଟଙ୍କା ମିଳିଥିଲା। ଯେତେବେଳେ ୨୦୨୧ ଜାନୁଆରୀ ମାସ ସୁଦ୍ଧା କେନ୍ଦ୍ର ଅନୁଦାନ ବାବଦରେ ରାଜ୍ୟ ସରକାର ୧୩, ୨୭୭ କୋଟି ଟଙ୍କା ମିଳିଥିଲା। କେନ୍ଦ୍ରୀୟ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରରୁ ଅନୁଦାନ ପାଇଥାନ୍ତି। ଏହା କମିଯିବା ହେତୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଅର୍ଥାଭାବ ପରିଲକ୍ଷିତ ହେଉଛି। କେବଳ ଅନୁଦାନ ନୁହେଁ ଅଂଶଧନ ଟିକସ ପରିମାଣ ମଧ୍ୟ ହ୍ରାସ ପାଉଛି। ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ପ୍ରତିବର୍ଷ ଆବଶ୍ୟକତା ଓ ବ୍ୟୟଭାର ବଢ଼ୁଛି, ତେଣୁ ଅନୁଦାନ ପରିମାଣ ବୃଦ୍ଧି ପାଇବା ଆବଶ୍ୟକ। ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ସବୁ କ୍ଷେତ୍ରରେ ବ୍ୟୟବରାଦ ପୂର୍ବାପେକ୍ଷା ବଢ଼ୁଛି। ଏପରିସ୍ଥଳେ ଅନୁଦାନ ହ୍ରାସ କରିବା ଅର୍ଥ ହେଉଛି ରାଜ୍ୟ ସରକାରଙ୍କ ଉପରେ ଚାପ ବୃଦ୍ଧି କରିବା। ଯେଉଁଠି କେନ୍ଦ୍ର ସରକାରଙ୍କ ଅନୁଦାନ ନାହିଁ ସେଠାରେ ରାଜ୍ୟ ସରକାର ନିଜ ଉଦ୍ୟମରେ ପ୍ରକଳ୍ପ ନିର୍ମାଣ କରୁଛନ୍ତି।






RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-204 • BHUBANESWAR • THURSDAY • 18 JANUARY 2024 • PAGE-20 • ₹ 6.00

ବର୍ଷ-୪୧ • ସଂଖ୍ୟା-୨୦୪ • ଭୁବନେଶ୍ୱର • ଗୁରୁବାର • ୧୮ ଜାନୁଆରୀ ୨୦୨୪ • ପୃଷ୍ଠା-୨୦ • ଟ.୬.୦୦



# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ




**ଢେଙ୍କାନାଳ, ୧୭।୧ (ସମିସ):**

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ପୌର ପରିଷଦ ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନଙ୍କ ଉଦ୍ୟମ ଯୋଗୁଁ ଆଜି ସାରା ରାଜ୍ୟରେ ଜଗନ୍ନାଥମୟ ହୋଇ ଉଠିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, କାଉନସିଲର ଶୁଭେନ୍ଦୁ ଷଡ଼ଙ୍ଗୀ, ଅଭିମନ୍ୟୁ ପଣ୍ଡା, ମହମ୍ମଦ ସାଗିର, ଦୀପ୍ତି ରଞ୍ଜନ ସେଠୀ, ଲିପିକା ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୌର ପରିଷଦର ଯନ୍ତ୍ରୀ ରଶ୍ମିତା ମିଶ୍ର, ବରିଷ୍ଠ ସହାୟକ ସରୋଜ କୁମାର ରାଉତ, ବିଭୁତି ଭୂଷଣ ସ୍ୱାଇଁ, ଚନ୍ଦ୍ରିକା ପଣ୍ଡା, ପ୍ରମୁଖ ପରିଚାଳନା କରିଥିଲେ।

**କଣିହାଁ:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ଉତ୍ସବରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଅଫିସ ଓ ବ୍ଲକସ୍ତରୀୟ ଡିଜିଟାଲ ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ପରିସରରେ କଣିହା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ମହେଶ୍ୱର ସାମଲ, ଆମ ଓଡ଼ିଶା ନବୀନ ଓଡିଶାର ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ନିର୍ମଳ ସାହୁ ଯୋଗଦେଇ ଶ୍ରୀଜଗନ୍ନାଥ ଫଟୋଚିତ୍ରରେ ଅର୍ଘ୍ୟ ପୁଷ୍ପ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପିତ ଉତ୍ସବକୁ ଅପରାହ୍ନରେ ଡିଜିଟାଲ ପ୍ରସାରଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଥିବା ଜନସାଧାରଣ ବେଶ୍ ଉତ୍ସାହଜନକ ଭାବେ ଉତ୍ସବକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ନିମନ୍ତ୍ରିତ ଅତିଥି ଭାବେ ଯୁବ ସଂଗଠକ ସୁନୀଲ କୁମାର ପ୍ରଧାନ, ନିର୍ମଳ ସାହୁ, ପ୍ରାକ୍ତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ଯୁଗଳ କିଶୋର ସାହୁ, କିଶୋର ଚନ୍ଦ୍ର ବେହେରା, ଶିକ୍ଷାବିତ ରୁଷ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।




**ପାଲଲହଡ଼ା :** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ଉତ୍ସବରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଅଫିସ ଓ ବ୍ଲକସ୍ତରୀୟ ଡିଜିଟାଲ ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକସ୍ତରରେ ସିଧା ପ୍ରସାରଣ କରାଯାଇଥିଲା ବେଳେ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ସିଧାସଳଖ ଭାବରେ ପ୍ରସାରଣ କରାଯାଇଥିଲା। ଗାଁ ମନ୍ଦିରରେ ହୋମ ଯଜ୍ଞ ସାଙ୍ଗକୁ ଭଜନ କାର୍ଯ୍ୟକ୍ରମରେ ଜୟ ଜଗନ୍ନାଥ ଜୟ ଜଗନ୍ନାଥ ନାମ ସଂକୀର୍ତ୍ତନ ଧ୍ୱନୀ, ହରିବୋଲ ହୁଳହୁଳି ଶବ୍ଦରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଏହି ଲୋକାର୍ପିତ ଉତ୍ସବ କାର୍ଯ୍ୟକ୍ରମକୁ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ହୋଇଥିଲା।



**ଭୁବନ:** ଭୁବନ ପଞ୍ଚାୟତ ସମିତି ଓ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଓ ବିଡିଓ କଲ୍ୟାଣ ସୌରଭ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଲଇଡି ଟେଲିଭିଜନ ମାଧ୍ୟମରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧା ପ୍ରସାରଣ କରାଯାଇଥିଲା। ଏହି ଅବସରରେ ଭଜନ କୀର୍ତ୍ତନ, ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରତ୍ୟେକ ପଞ୍ଚାୟତରେ ମଧ୍ୟ ଏଲଇଡି ମାଧ୍ୟମରେ ଜଗନ୍ନାଥ ପ୍ରେମୀ ଭକ୍ତମାନେ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଦେଖିବା ସହିତ ସାମୂହିକ ପ୍ରସାଦ ସେବନ କରିଥିଲେ। ଏନଏସି ତରଫରୁ ଭୁବନ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଲୋକାର୍ପଣ ଉତ୍ସବ ପାଳନ କରାଯାଇଥିଲା। ଏଲଇଡି ମାଧ୍ୟମରେ ଲୋକମାନେ ସିଧା ପ୍ରସାରଣ ଦେଖିଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ

**ଗଁଦିଆ :** ଗଁଦିଆ ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ସରପଞ୍ଚ ସୁଲୋଚନା ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନ୍ତର୍ଯ୍ୟାମୀ ବାରିକ, ଜିଆର୍‌ଏସ୍ ନିଶିକାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ ଦେଖିଥିଲେ। ଏହି ଅବସରରେ ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



**ଆଠମଲ୍ଲିକ:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ଉତ୍ସବରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଅଫିସ ଓ ବ୍ଲକସ୍ତରୀୟ ଡିଜିଟାଲ ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏନଏସି ତରଫରୁ ଆଠମଲ୍ଲିକ ଏନଏସି ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଆଶା କୁମାରୀ ସାହୁ ଯୋଗଦେଇ ଶ୍ରୀ ଜଗନ୍ନାଥ ଫଟୋ ଚିତ୍ରରେ ଅର୍ଘ୍ୟ ପୁଷ୍ପଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ଅବସରରେ ଜଗନ୍ନାଥ ସଂସ୍କୃତି ଆଧାରିତ କାର୍ଯ୍ୟକ୍ରମ ସହ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା। ନିମନ୍ତ୍ରିତ ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଆଠମଲ୍ଲିକ ଓକିଲ ସଙ୍ଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ।

**କିଶୋରନଗର:** କିଶୋରନଗର ବ୍ଲକ ପରିସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ଓ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଇଥିଲା। ଯାହାକି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ବିନୋଦ ବିହାରୀ ବେହେରା, ଜିପିଡିଓ ସତ୍ୟପ୍ରିୟ ସାହୁ, ସୋନାଲୀ ପ୍ରିୟଦର୍ଶିନୀ କାଣ୍ଡି ମିଶନଶକ୍ତିର ସଂଯୋଜକ ଉପେନ୍ଦ୍ର ବହେରା, ଜୀବିକା ମିଶନର ସୁଜିତ ପ୍ରଧାନ, ସାଗରକାନ୍ତ ରାଉତ, ଏବିଡିଓ ଦିଲୀପ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ବିଜୟ ନିଖଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।



# ଶ୍ରମିକ ସମିତିର ପ୍ରଶିକ୍ଷଣ ଶିବିର

**କିଶୋରନଗର, ୧୭।୧ (ସମିସ):** କିଶୋରନଗର କଲେଜ ଛକ ନୂତନ ମାର୍କେଟ କମ୍ପ୍ଲେକ୍ସ ଠାରେ ଓଡିଶା ରାଜ୍ୟ ଶ୍ରମିକ ସମିତି ଲିଃ ଆନୁକୁଲ୍ୟରେ ନୂତନ ପିଇଓ ଏବଂ ଏଫଇଓଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସମିତିର ଅତିରିକ୍ତ ସମ୍ପାଦକ ଯତୀନ ମେହେର, ଏନସିଇଓ ଗୋପିନାଥ ପାଣିଗ୍ରାହୀ, ଏଏସ ବିପିନ କୁମଲ ଯୋଗଦେଇଥିଲେ। ଏଥିରେ ଆଠମଲ୍ଲିକ ବ୍ଲକର ଏବିଏମ ରଂଜନ କୁମାର ସାହୁ, ରଂଜନ କୁମାର ଦେହୁରୀ ପ୍ରତାପ କୁମାର ମେଶୁଆ, ବିଏମ ଲମ୍ବୋଦର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଇଭିଏମ୍ ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ




**ଢେଙ୍କାନାଳ, ୧୭।୧ (ସମିସ):** ଭୋଟରଙ୍କୁ ସଚେତନ କରାଇବା ପାଇଁ ଢେଙ୍କାନାଳ ଜିଲ୍ଲାରେ ଖୋଲିଛି ଇଭିଏମ୍ ପ୍ରଦର୍ଶନ କେନ୍ଦ୍ର। ସାଧାରଣ ନିର୍ବାଚନ ୨୦୨୪ ତଥା ଭୋଟରମାନଙ୍କୁ ଏହି ଇଭିଏମରେ କିପରି ଭୋଟ ଦେବେ ଓ ଆପଣ ଦେଇଥିବା ଭୋଟ ଆପଣଙ୍କ ମନୋନୀତ ପ୍ରାର୍ଥୀଙ୍କୁ ଭୋଟ ପଞ୍ଜିକୃତ ହେଇଛି କି ନାହିଁ ତା'ର ତଥ୍ୟ ମଧ୍ୟ ପ୍ରଦାନ କରିବ। ନିର୍ବାଚନ କମିଶନଙ୍କ ଏହି ପ୍ରୟାସ ଭୋଟରମାନଙ୍କ ପାଇଁ ସୁବିଧା ଆଣିପାରିବ। ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ- ୫୫ ନିର୍ବାଚନ ମଣ୍ଡଳୀଙ୍କ ଦ୍ୱାରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଇଭିଏମ୍ ପ୍ରଦର୍ଶନ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ ସପନ କୁମାର ନନ୍ଦ, ସଦର ଡେପୁଟି କଲେକ୍ଟର ଚନ୍ଦନ ନାୟକ, ମୀରା ନାଏକ ଏବଂ ସହକାରୀ ଜିଲ୍ଲାପାଳ ସୁଶାନ୍ତ ନାୟକ ଉପସ୍ଥିତ ଥିଲେ। ଭୋଟରମାନଙ୍କୁ ଏହି ମେସିନ ଉପରେ ସଚେତନ କରାଯାଇଥିଲା।

# ବ୍ଲକସ୍ତରୀୟ କୃଷକ ସାଥୀ ସଂଘ ବୈଠକ



**ଗଁଦିଆ, ୧୭।୧ (ସମିସ):** ଗଁଦିଆ ବ୍ଲକରେ କୃଷି ବିଭାଗରେ କାର୍ଯ୍ୟରତ ସମସ୍ତ କୃଷକ ସାଥୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଉଲଇ ଗ୍ରାମଠାରେ ଆୟୋଜିତ ବୈଠକରେ ସଂଘର ସଭାପତି ରଞ୍ଜନ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ସଂଘର ସଭାପତି ସନାତନ ସାହୁ, ସଂଘର ସମ୍ପାଦକ ହରିହର ସାହୁ ପ୍ରମୁଖ ଯୋଗଦେଇ କୃଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କର କୃଷି ବିଭାଗର ସମସ୍ତ କାର୍ଯ୍ୟକ୍ରମ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ରବି ଓ ଖରିପ ଋତୁରେ ଆସୁଥିବା ବିହନ, ସାର, ଔଷଧ ଓ କୃଷି ଯନ୍ତ୍ରପାତି ସହ କାଳିଆ, ବଳରାମ ଓ ପିଏମ୍ କିଷାନନିଧି ଯୋଜନା ଚାଷୀମାନଙ୍କ ନିକଟରେ କୃଷି ବିଭାଗ ସମନ୍ୱୟ ରକ୍ଷା କରି ପହଞ୍ଚାଇବା ପାଇଁ ଦାବି ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପଦେଷ୍ଟା ଅଭିରାମ ପଣ୍ଡା, କୋଷାଧ୍ୟକ୍ଷ ମନୋଜ ସାହୁ, ବରିଷ୍ଠ ସଦସ୍ୟ ବିଜୟ ରାଉତ, ଜଗବନ୍ଧୁ ସାହୁ, ପ୍ରଦୀପ୍ତ ଭୂୟାଁ, ରସାନନ୍ଦ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

# ଦେଉଳ ଗ୍ରାମରେ ମକର ଯାତ୍ରା



**ଆଠମଲ୍ଲିକ,୧୭।୧(ସମିସ):** ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବ୍ଲକ କମ୍ପଲା ଗ୍ରାମପଞ୍ଚାୟତ ଦେଉଳି ଗ୍ରାମରେ ମକର ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୂର୍ତ୍ତ ବିଭାଗ ସଚିବ ତଥା ଆଠମଲ୍ଲିକ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ଦିବ୍ୟ ଜ୍ୟୋତିର୍ମୟୀ ବେହେରା, ଆଠମଲ୍ଲିକର ଯୁବନେତା ମହେନ୍ଦ୍ର କୁମାର ସାହୁ, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, କମ୍ପଲା ସରପଞ୍ଚ ସୁଧୀର ସେଠୀ, ପୂର୍ବତନ ସରପଞ୍ଚ କାଶୀନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥିଙ୍କୁ କମିଟି ତରଫରୁ ଢୋଲ ନିଶାଣ, ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ଯୁବ ସମାଜସେବୀ ଦତ୍ତାତ୍ରେୟ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ କମିଟିର ଗୋପବନ୍ଧୁ ମିଶ୍ର, ପାଣ୍ଡବ ବେହେରା, ମିଥୁନ ବେହେରା, ଦେବାନନ୍ଦ ବାହୁକଙ୍କ ସହଯୋଗରେ ଏହି ଯାତ୍ରା ହୋଇଥିଲା।

# ସାନ୍ତାଳ ସମାଜର ବାର୍ଷିକ ପର୍ବ



**କଣିହାଁ, ୧୭।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସୀମାନ୍ତ ବୁଢ଼ାପାଳ ନିକଟସ୍ଥ ପରା ଗ୍ରାମର ଆମ୍ବୁଚୁଆ ସାହିରେ ସାନ୍ତାଳ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ ଭରତ ଟୁଡୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ହିସାବରେ ସମାଜସେବୀ ତପନ କୁମାର ନାୟକ ଉପସ୍ଥିତ ଥିଲେ। ଉଭୟ ପୁରୁଷ ଓ ମହିଳା ମାନେ ସାନ୍ତାଳୀ ଗୀତର ତାଳେତାଳେ ନାଚି ପଞ୍ଚାୟତର ସମସ୍ତ ଗ୍ରାମ ମୁଖ୍ୟ ରାସ୍ତା ପରିକ୍ରମା କରି ମକର ସଂକ୍ରାନ୍ତି ତଥା ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମାଗଣ କରିଥିଲେ। ଶେଷରେ ଅମ୍ବୁଚୁଆ ସ୍ଥିତ ସାନ୍ତାଳୀ ପୀଠରେ ସାନ୍ତାଳ ସମ୍ପ୍ରଦାୟର ଆରାଧ୍ୟ ଦେବତା ମାରାମ୍ବୁରୁ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଓ ଅନୁଗୋଳ ଜିଲ୍ଲାର ସମୁଦାୟ ୨୫ରୁ ଅଧିକ ଗ୍ରାମର ସାନ୍ତାଳ ସମାଜର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଶେଷରେ ଅନ୍ନପ୍ରସାଦ ସେବନ କରାଯାଇଥିଲା। ସାନ୍ତାଳ ସମ୍ପ୍ରଦାୟର ଜିଲ୍ଲା ସଭାପତି ସୁନ୍ଦର ମୁର୍ମୁ, ସମ୍ପାଦକ ସୁଶାନ୍ତ ମାର୍ଡି, ସଦସ୍ୟ କ୍ଷେତ୍ର ମୁର୍ମୁ, ସାଧୁ ବିରୁଲି, ଉତ୍ତମ ଟୁଡୁ, ଶତ୍ରୁଘ୍ନ ବିରୁଲି, ବିଜୁ ଟୁଡୁ ସମେତ ସୁନାରାମ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

## ମହଙ୍ଗା ପଡ଼ିଲା ତହସିଲ କାର୍ଯ୍ୟାଳୟରେ ମଦ ପିଇବା

# ଦୁଇ କର୍ମଚାରୀ ନିଲମ୍ବିତ

**ଢେଙ୍କାନାଳ, ୧୭।୧(ସମିସ):** ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟ ପରିସରରେ ମଦ୍ୟପାନ କରିବା ଘଟଣାରେ ଦୁଇ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏହି ଘଟଣାରେ ଅନ୍ୟମାନେ ସାମିଲ ଥିବା ବେଳେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସଦର ତହସିଲ କାର୍ଯ୍ୟାଳୟ ପରିସରରେ ଖଣି ମାଫିଆଙ୍କ ସହିତ ମଦ ପିଇବା ଘଟଣାରେ ସଦର ଉପଜିଲ୍ଲାପାଳ ସପନ କୁମାର ନନ୍ଦ ମଙ୍ଗଳବାର ତହସିଲର କର୍ମଚାରୀଙ୍କୁ ଡାକି ତଦନ୍ତ କରିଥିଲେ। ଏହି ଘଟଣାରେ ପ୍ରାୟ ୯ ଜଣ କର୍ମଚାରୀ ସାମିଲଥିବା ବେଳେ ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ କର୍ମଚାରୀ ବିରେନ ବିଶ୍ୱାଳ ଏବଂ ରାତ୍ରି ଜଗୁଆଳି ଶରତ ସେଠୀଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହି ଘଟଣାରେ ସାମିଲ ଥିବା ସିନିୟର ରେକର୍ଡ କିପର ଏବଂ ପିଅନଙ୍କୁ ବଦଳି କରାଯାଇଥିବା ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ସଦର ତହସିଲ ଖଣି, ପଥର ମାଫିଆଙ୍କ ଚରାଭୂଇଁ ପାଲଟିଥିବା ବେଳେ ମଦ ଆସର ସହିତ ବିଭିନ୍ନ ପ୍ରକାରର ଅନୈତିକ କାର୍ଯ୍ୟ ମଧ୍ୟ ଚାଲିଥିବା ଚର୍ଚ୍ଚା ହେଉଥିଲା। ଏହି ଘଟଣାରେ ଜଡ଼ିତ ସମସ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ନାଟ୍ୟମ୍ ପକ୍ଷରୁ ନାଟକ 'ବ୍ରହ୍ମ ବିବାଦ ବିସମ୍ବାଦ' ମଞ୍ଚସ୍ଥ

**ଅନୁଗୋଳ,୧୭।୧(ସମିସ):**



ପୁରୀରେ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପରକଳ୍ପର ଭବ୍ୟ ଲୋକାର୍ପଣ ସମାରୋହ ଅବସରରେ ଅନୁଗୋଳରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଆଧାରିତ ନାଟକ ବ୍ରହ୍ମ ବିବାଦ ବି ସମ୍ବାଦ ମଞ୍ଚସ୍ଥ ହୋଇଯାଇଛି। ଏହି ସମାରୋହକୁ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଉଦଘାଟନ କରି ଜଗନ୍ନାଥ ଦର୍ଶନ ଓ ସଂସ୍କୃତି ସୁଦୂର ପ୍ରସାରି ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ ଯୋଗ ଦେଇଥିଲେ। ୩୫ ରୁ ଅଧିକ କଳାକାରଙ୍କୁ ନେଇ ଏହି ନାଟକ ଦର୍ଶକଙ୍କୁ ବେଶ୍ ବାନ୍ଧି ରଖିଥିଲା। ନାଟକରେ ଜଗନ୍ନାଥଙ୍କ ଅପାର ମହିମାଠାରୁ ଆରମ୍ଭ କରି ବ୍ରହ୍ମ ବିବାଦ ଯାଏ ସବୁ କଥା ପ୍ରଦର୍ଶିତ ହୋଇଛି। ଜଣେ ଭକ୍ତକୁ ପ୍ରଭୁ ସିଧା ସଳଖ ଦର୍ଶନ ନ ଦେଇ କିଭଳି ବାରମ୍ବାର ଧର୍ଯ୍ୟର ପରୀକ୍ଷା କରୁଛନ୍ତି ତାହା ବେଶ୍ ମାର୍ମିକ ରୂପେ ପ୍ରଦର୍ଶିତ ହୋଇଛି। ପରୀକ୍ଷା କଲେ ମଧ୍ୟ ଭକ୍ତକୁ ସେ ନିଜର ଅଶେଷ କୃପା ଦାନ କରିଛନ୍ତି। ଯେଉଁମାନେ ଦ୍ୱନ୍ଦ୍ୱ ସୃଷ୍ଟି କରନ୍ତି ଏବଂ ଯୁଗ ଯୁଗ ତ୍ରୁଟିରୁ ଫାଇଦା ଉଠାଇବାକୁ ଚେଷ୍ଟା କରନ୍ତି, ତାଙ୍କୁ ପ୍ରଭୁ କିଭଳି ଦଣ୍ଡ ଦେଇଛନ୍ତି ଏବଂ ସେମାନେ କିଭଳି ଦଣ୍ଡକୁ ଗ୍ରହଣ କରୁଛନ୍ତି। ତାହାକୁ ନେଇ ନାଟକ ଗତିଶୀଳ ହୋଇଛି। ନାଟକଟି ରାଜ୍ୟ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ପ୍ରଦର୍ଶିତ ହୋଇଥିଲା। ନାଟକଟିକୁ ରଚନା କରିଥିଲେ ନବୀନ କୁମାର୍ ପରିଡ଼ା ଏବଂ ନିର୍ଦ୍ଦେଶନା ଦେଇଥିଲେ ସୁଧାଂଶୁ ମୋହନ ଦ୍ୱିବେଦୀ। ନାଟ୍ୟମ ଅନୁଷ୍ଠାନର ସଭାପତି ଶ୍ରୀ ଦ୍ୱିବେଦୀଙ୍କ ସମେତ ସମ୍ପାଦକ ସମୀର ପଟ୍ଟନାୟକ, ନିର୍ଝର ଆଲୀ ଦାମାନି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଟ୍ୟମର କଳାକାରମାନଙ୍କ ମଞ୍ଚ ପ୍ରଦର୍ଶନ ବେଶ୍ ଉପଭୋଗ୍ୟ ହୋଇଥିଲା।

# ଜୟ ଜଗନ୍ନାଥ

।। ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।।



ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ

**"ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ"ର**

ଲୋକାର୍ପଣ ଉତ୍ସବ ଅବସରରେ

**ରୁଚି ପରିବାର**

ପକ୍ଷରୁ ଶୁଭେଚ୍ଛା ଓ ଶୁଭକାମନା ।

RUCHI FOODLINE™
Since 1976
Karlo Dosti Sehat Se.

FROZIT®
"Time Ki Bachat, Eat Fresh Fatafat"

RUCHI FOODLINE Tea
Dum Hardam

FarrmB®
Family of Master Artisans



ସକାଳ
THE SAKALA

# ବହୁମୁଖୀ ଦାରିଦ୍ର୍ୟ ହ୍ରାସରେ ଓଡ଼ିଶାର ସଫଳତା

ନିତି ଆୟୋଗ ଓ ୟୁଏନ୍‌ଡିପି ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ବିଗତ ୯ ବର୍ଷ ଅର୍ଥାତ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାରେ ପ୍ରାୟ ୧କୋଟି ୨ ଲକ୍ଷ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। କେବଳ ସେତିକି ନୁହେଁ, ଦେଶବ୍ୟାପୀ ବହୁମୁଖୀ ଦାରିଦ୍ର୍ୟରୁ ମୁକୁଳିବା ତାଲିକାରେ ଓଡ଼ିଶା ଶ୍ରେଷ୍ଠ ପାଞ୍ଚରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନିରନ୍ତର ଶାସନ ବ୍ୟବସ୍ଥା ସହ ରାଜନୈତିକ ସ୍ଥିରତା ରହିଥିବା ବେଳେ ଏହି ସଫଳତା ଓଡ଼ିଶାକୁ ମିଳିଛି। ତଥ୍ୟ ଅନୁସାରେ ୨୦୦୫ ରୁ ୨୦୧୪ ମଧ୍ୟରେ ଓଡ଼ିଶାରେ ବହୁମୁଖୀ ଦାରିଦ୍ର୍ୟ ଭିତରେ ଥିବା ଲୋକଙ୍କ ସଂଖ୍ୟା ଥିଲା ମୋଟ୍ ଜନସଂଖ୍ୟାର ପ୍ରାୟ ୬୪ ଶତାଂଶ। ୨୦୧୫-୧୬ରେ ଏହି ସଂଖ୍ୟା ୨୯.୩୪ ଶତାଂଶକୁ ହ୍ରାସ ପାଇଥିବା ବେଳେ ୨୦୧୯-୨୧ରେ ୧୫.୬୮ ଶତାଂଶକୁ ହ୍ରାସ ପାଇଛି। ଉତ୍ତର ପ୍ରଦେଶକୁ ଛାଡ଼ି ଦେଲେ ଓଡ଼ିଶା ଦେଶର ଅଧିକାଂଶ ରାଜ୍ୟଙ୍କ ତୁଳନାରେ ଏ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ଏହି ପ୍ରସଙ୍ଗରେ କେତେଗୁଡ଼ିଏ କଥା ସ୍ପଷ୍ଟ କରିଦେବା ଉଚିତ ହେବ। ବହୁମୁଖୀ ଦାରିଦ୍ର୍ୟ ସାଧାରଣ ବା ଅର୍ଥନୈତିକ ଦାରିଦ୍ର୍ୟ ନୁହେଁ। ଯାହାର ଦୈନିକ ରୋଜଗାର ନିର୍ଦ୍ଦିଷ୍ଟ ରୋଜଗାର ସୀମାଠାରୁ କମ୍ ସେ ଆର୍ଥିକ ଦୃଷ୍ଟିରୁ ଗରିବ ଭାବେ ବିବେଚିତ ହୁଏ; କିନ୍ତୁ ବହୁମୁଖୀ ଦାରିଦ୍ର୍ୟର ସଂଜ୍ଞା ଭିନ୍ନ। ଏଥିରେ ସ୍ୱାସ୍ଥ୍ୟ, ଖାଦ୍ୟ, ପୋଷକତତ୍ତ୍ୱ, ଶିକ୍ଷା, ସାମାଜିକ ସ୍ଥିତି, ରୋଜଗାର ସୁଯୋଗ ଓ ଅନ୍ୟାନ୍ୟ ବିଭିନ୍ନ କାରକ ଅନ୍ତର୍ଭୁକ୍ତ। ୟୁଏନ୍‌ଡିପିର ରିପୋର୍ଟ ଅନୁସାରେ ସମଗ୍ର ବିଶ୍ୱରେ ଏବେ ୧୧୦ କୋଟି ଲୋକ ବହୁମୁଖୀ ଦାରିଦ୍ର୍ୟ ବର୍ଗରେ ଅଛନ୍ତି ଏବଂ ସେମାନଙ୍କ ସଂଖ୍ୟା ଦକ୍ଷିଣ-ଏସିଆ ଓ ଆଫ୍ରିକାରେ ଅଧିକ। ଭାରତରେ ମଧ୍ୟ ଏହି ସଂଖ୍ୟା ବେଶ୍ ଅଧିକ। ଏବେ ଭାରତରେ ବହୁମୁଖୀ ଦାରିଦ୍ର୍ୟ ବର୍ଗରେ ଥିବା ଲୋକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୧୧.୨୮ ଶତାଂଶ।

ମିଳିତ ଜାତିସଂଘ ଯେଉଁ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଧାର୍ଯ୍ୟ କରିଛନ୍ତି, ତଦନୁସାରେ ବିଶ୍ୱର ସବୁ ରାଷ୍ଟ୍ର ୨୦୩୦ ସୁଦ୍ଧା ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହେବା ଆବଶ୍ୟକ। ତେଣୁ ଭାରତ ଏହି ଲକ୍ଷ୍ୟ ପୂରଣ ପଥରେ ଅଗ୍ରସର ଏବଂ ଏଥିରେ ପ୍ରତ୍ୟେକ ରାଜ୍ୟ ସରକାର ପ୍ରାଣପଣେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଉଛନ୍ତି। ରିପୋର୍ଟ ଅନୁସାରେ ବିଗତ ୯ ବର୍ଷ ମଧ୍ୟରେ ଭାରତର ୨୪.୮୨ ଶତାଂଶ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହେବା ନିଶ୍ଚିତ ଏକ ଭଲ ଉପଲବ୍ଧି। ୟୁଏନ୍‌ଡିପି ବା ଅନ୍ୟ ଆନ୍ତର୍ଜାତିକ ସଂସ୍ଥା ଏହି ଦାରିଦ୍ର୍ୟ ହ୍ରାସ ବୃଦ୍ଧି ସଂକ୍ରାନ୍ତ ତଥ୍ୟ ପ୍ରକାଶ କରିବାକୁ ନିଜ ପକ୍ଷରୁ ସର୍ବେକ୍ଷଣ କରନ୍ତି ନାହିଁ। ସେମାନେ ସମ୍ପୃକ୍ତ ଦେଶମାନଙ୍କର ଏ ସଂକ୍ରାନ୍ତ ତଥ୍ୟକୁ ନେଇ ତାହାର ବିଶ୍ଳେଷଣ କରି ରିପୋର୍ଟ ପ୍ରସ୍ତୁତ କରନ୍ତି। ତେବେ ଭାରତ ଓ ଓଡ଼ିଶାରେ ଏହି ବହୁମୁଖୀ ଦାରିଦ୍ର୍ୟ ହାର ହ୍ରାସ ଦ୍ରୁତତର ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି।

ଦାରିଦ୍ର୍ୟ ହେଉ ବା ବହୁମୁଖୀ ଦାରିଦ୍ର୍ୟ, ସବୁ କ୍ଷେତ୍ରରେ ରୋଜଗାର ବା ଆୟର ଗୁରୁତ୍ୱ ଅଧିକ। ଅର୍ଥାଭାବ ହିଁ ବିବିଧ ସମସ୍ୟା ସୃଷ୍ଟି କରି ବହୁମୁଖୀ ଦାରିଦ୍ର୍ୟ ଆଣେ। ତେଣୁ ରୋଜଗାର ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ସାମର୍ଥ୍ୟ, ବ୍ୟାଧିମୁକ୍ତ ଜୀବନ, ଉତ୍ତମ ଖାଦ୍ୟ, ଶିକ୍ଷା, ଦକ୍ଷତା ବିକାଶ, ଆବାସ ଓ ନିଯୁକ୍ତି ସୁଯୋଗର ଆବଶ୍ୟକତା ରହିଛି। ମୋଟ ୧୨ଟି ସୂଚକାଙ୍କକୁ ନେଇ ଏହି ବହୁମୁଖୀ ଦାରିଦ୍ର୍ୟ ନିର୍ଣ୍ଣୟ କରାଯାଉଛି। ଏ କ୍ଷେତ୍ରରେ ଯେଉଁ ସାମାଜିକ ସମସ୍ୟାମାନ ରହିଛି, ତାହାର ସମାଧାନ ବିଶେଷ ଗୁରୁତ୍ୱ ଲୋଡ଼େ। ସୁଶାସନ ଏବଂ ସରକାରୀ ଇଚ୍ଛାଶକ୍ତି ବିନା ଏହା ସମ୍ଭବ ନୁହେଁ। ଓଡ଼ିଶା ଏ କ୍ଷେତ୍ରରେ ଭଲ କରୁଛି ଅର୍ଥ ଏହା ରାଜ୍ୟ ସରକାରଙ୍କ ସୁଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଉତ୍ତମ ନେତୃତ୍ୱକୁ ପ୍ରତିପାଦିତ କରୁଛି। ସରକାର ଠିକ୍ ଭାବେ କାମ କରୁଥିବାରୁ ଏହି ପ୍ରଗତି ହାସଲ ହେଉଛି।

ଅଣକୃଷି ନିଯୁକ୍ତିରେ ଅଭିବୃଦ୍ଧି ଓଡ଼ିଶାରେ ଦାରିଦ୍ର୍ୟ ହ୍ରାସରେ ବିଶେଷ ସହାୟକ ହେଉଛି। ଗ୍ରାମାଞ୍ଚଳରେ ଲୋକଙ୍କୁ କ୍ଷୁଦ୍ର ବ୍ୟବସାୟ, ହସ୍ତଶିଳ୍ପ, ଗୋପାଳନ, କୁକୁଡ଼ା, ଛେଳି ଓ ମାଛଚାଷ, ବନୀକରଣ, ଖାଦ୍ୟ ପ୍ରକ୍ରିୟାକରଣ, ଯାନ୍ତ୍ରିକ ମରାମତି କାମ ଜରିଆରେ ସଫଳ ରୋଜଗାରର ପନ୍ଥା ଯୋଗାଇ ଦିଆଯାଉଛି। ବିଶେଷକରି ମହିଳାମାନଙ୍କୁ 'ମିଶନ୍ ଶକ୍ତି' ଜରିଆରେ ସ୍ୱାବଲମ୍ବୀ ହେବାର ଅନେକ ରାସ୍ତା ଖୋଲାଯାଇଛି, ଯାହା ଦ୍ୱାରା ଏବେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗୁଡ଼ିକ ଏମ୍‌ଏସ୍‌ଏମ୍‌ଇ(ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ)ରେ ପରିଣତ ହେଉଛନ୍ତି। ଏହାଦ୍ୱାରା ସାମଗ୍ରିକ ଭାବେ ରାଜ୍ୟର ମୁଣ୍ଡପିଛା ଆୟ ବଢ଼ୁଛି। ଏହାଛଡ଼ା ଦ୍ରୁତ ଶିଳ୍ପାୟନ ଓ ସେବା କ୍ଷେତ୍ରରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି ଏବଂ ଏ ସବୁ କ୍ଷେତ୍ର ସହିତ ପରୋକ୍ଷ ଭାବେ ଜଡ଼ିତ ଆନୁଷଙ୍ଗିକ କ୍ଷେତ୍ରରେ ମଧ୍ୟ ଅନେକ ଲୋକ ରୋଜଗାରର ସୁଯୋଗ ପାଉଛନ୍ତି। ରୋଜଗାରକ୍ଷମ ହେବାକୁ ଯୁବଶକ୍ତିଙ୍କ ଦକ୍ଷତା ବିକାଶ ଓ ତାଲିମ୍ ଦିଗରେ ମଧ୍ୟ ଓଡ଼ିଶା ସରକାର ଯଥେଷ୍ଟ ଧ୍ୟାନ ଦେଉଛନ୍ତି।

ଦାରିଦ୍ର୍ୟର ସମ୍ପୂର୍ଣ୍ଣ ଦୂରୀକରଣ ପାଇଁ ଯେଉଁ ପ୍ରୟାସ ନିରନ୍ତର ଚାଲିଛି, ସେଥିରେ ବିଭିନ୍ନ ଯୋଜନା ମାଧ୍ୟମରେ ଓଡ଼ିଶା ସରକାରଙ୍କ ପଦକ୍ଷେପର ଗୁରୁତ୍ୱ ଅଧିକ। ଗରିବଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଓ ଖାଦ୍ୟ ସୁରକ୍ଷା ନୀତି ହେଉ ଅଥବା ନିଶ୍ଚିତ ରୋଜଗାର ଯୋଜନା, ବିଜୁଳି, ପାନୀୟ ଜଳ, ଆବାସ, ସ୍ୱାସ୍ଥ୍ୟସେବା, ପୁଷ୍ଟିସାଧନ ଆଦି ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ସରକାର ପ୍ରଭାବଶାଳୀ ପଦକ୍ଷେପମାନେ ନେଇଛନ୍ତି। ଚାଷୀଙ୍କୁ ରିହାତି ଦେବା ସହିତ ବିଭିନ୍ନ ଯୋଜନାରେ ବାର୍ଷିକ ଆର୍ଥିକ ସହାୟତା ଯୋଗାଣ ଆଦି ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବାବଦରେ ରାଜ୍ୟ ସରକାର ବିପୁଳ ଅର୍ଥ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଯୋଗାଉଛନ୍ତି। ଦାରିଦ୍ର୍ୟ ବିରୋଧରେ ଯେଉଁ ବହୁମୁଖୀ ରଣନୀତି କାର୍ଯ୍ୟକାରୀ ହେଉଛି, ତାହାର ସକାରାତ୍ମକ ପ୍ରଭାବ ସଦ୍ୟତମ ନିତି ଆୟୋଗଙ୍କ ରିପୋର୍ଟରେ ପ୍ରତିଫଳିତ ହୋଇଛି।

ଲକ୍ଷ୍ୟ କରିବାର କଥା ଯେ ୨୩ ବର୍ଷ ତଳେ ଓଡ଼ିଶା ସବୁକ୍ଷେତ୍ରରେ ଦେଶର ସବୁଠୁ ପଛୁଆ, ଅନଗ୍ରସର ରାଜ୍ୟ ଥିଲା। ଏହି ରାଜ୍ୟରେ ପୁଣି ୨୩% ଆଦିବାସୀ ଓ ୧୭ ଶତାଂଶ ତଫସିଲଭୁକ୍ତ ଜାତିର ଲୋକ ବାସ କରନ୍ତି, ଯେଉଁମାନେ ବିଭିନ୍ନ ଐତିହାସିକ କାରଣ ଯୋଗୁଁ ଦରିଦ୍ର। ତା' ସତ୍ତ୍ୱେ ଏହି ୨୩ ବର୍ଷ ମଧ୍ୟରେ ଓଡ଼ିଶା କେବଳ ଦାରିଦ୍ର୍ୟ ଦୂରୀକରଣ ନୁହେଁ, ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପ୍ରଗତି କରି ଦେଶର ଅନ୍ୟତମ ପ୍ରଗତିଶୀଳ ରାଜ୍ୟରେ ପରିଣତ ହୋଇଛି। ଏହା ନୂଆ ଯୋଜନା ଓ ଶାସନଗତ ଅଭିନବତା କ୍ଷେତ୍ରରେ ଅନ୍ୟ ରାଜ୍ୟଙ୍କ ପାଇଁ ଉଦାହରଣ ପାଲଟିଛି। ଓଡ଼ିଶାର ଏହି ଦ୍ରୁତ ବିକାଶ ଓ ସଫଳତାର ଶ୍ରେୟ ନିଃସନ୍ଦେହରେ କ୍ଷମତାସୀନ ବିଜେଡି ଓ ଏହାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯିବ। ସୁଶାସନର 'ନବୀନ' ନୀତି କେବଳ ଓଡ଼ିଶା ପାଇଁ ନୁହେଁ ଦେଶ ପାଇଁ ମଧ୍ୟ ଆଉ ଏକ ମାଇଲଖୁଣ୍ଟ।

'୫-ଟି' ଓ ଗ୍ରାମାଞ୍ଚଳ ରୂପାନ୍ତରଣ

# ସର୍ବୋଦୟ ମନ୍ତ୍ରରେ ସମାବେଶୀ ବିକାଶ



ଡକ୍ଟର ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ଗାନ୍ଧୀ ସର୍ବୋଦୟ ଭଳି ଓଡ଼ିଶାର '୫-ଟି' (ରୂପାନ୍ତରଣମୂଳକ ପଦକ୍ଷେପ)ର ଆଦର୍ଶ ଢାଞ୍ଚା ହେଉଛି ଏକ 'ଓସେନିକ ସର୍କଲ' ବା 'ସାମୁଦ୍ରିକ ଚକ୍ର'। ଏହାର ସ୍ୱରୂପ ଠିକ ଏମିତି - ପାଣି ଭିତରେ ଯେପରି କେନ୍ଦ୍ରସ୍ଥଳରୁ ଢଉଁରି କାଟି କ୍ରମଶଃ ବଢ଼ିବାରେ ଲାଗିଥାଏ ଏବଂ ତରଙ୍ଗ ସଦୃଶ ଚାରିଦିଗକୁ ଗୋଲାକାରରେ ବଢ଼େ, କେବେ ସଂକୁଚିତ ହୁଏନି। ଏ ପରିକଳ୍ପିତ ସାମାଜିକ-ଚକ୍ରର କେନ୍ଦ୍ରସ୍ଥଳ ହେଉଛି ବ୍ୟକ୍ତି ଏବଂ ଗାଁ। ଏବେ ଏହା ଆଉ କାଳ୍ପନିକ ନୁହେଁ, ବରଂ ଏକ ବାସ୍ତବବାଦୀ ସାମାଜିକ ବ୍ୟବସ୍ଥା। ଓଡ଼ିଶା ସରକାରଙ୍କ ଦ୍ୱାରା ହେଉଥିବା ସମସ୍ତ କାର୍ଯ୍ୟକ୍ରମ ଏଭଳି ଏକ ରଚନାତ୍ମକ ସାମୂହିକ ଓ ପ୍ରଶାସନିକ ଚିନ୍ତାଧାରା ଉପରେ ପ୍ରତିଷ୍ଠିତ। ଓଡ଼ିଶାର ଓସେନିକ ସର୍କଲର କେନ୍ଦ୍ରବିନ୍ଦୁ ହେଉଛନ୍ତି ଗ୍ରାମୀଣ ଜନସାଧାରଣ।

୧୯୪୧ ମସିହା ଡିସେମ୍ବର ମାସ ୮ ତାରିଖରେ ଗୁଜୁରାଟରେ ଏକ ସଭାରେ ଗାନ୍ଧୀ ଏକ ତାଲିକା ପ୍ରସ୍ତୁତ କରିଥିଲେ। ଏହି ତାଲିକାଟିରେ ଆଦର୍ଶ ସମାଜ ପାଇଁ କିଛି ସାମାଜିକ କାର୍ଯ୍ୟକ୍ରମ ଥିଲା। ସେଗୁଡ଼ିକ ଥିଲା - ସାମ୍ପ୍ରଦାୟିକ ସଂହତି, ନିଶା ନିବାରଣ, ଖଦି ଶିଳ୍ପ, ଗ୍ରାମ ସଫେଇ, ମୌଳିକ ଶିକ୍ଷା, ନାରୀ ବିକାଶ, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା, ରାଜଭାଷାର ପ୍ରସାର, ମାତୃଭାଷା ପ୍ରୀତି, ଆର୍ଥିକ ସମତା ଏବଂ ଗ୍ରାମ୍ୟ ବିକାଶ। ଏ ସବୁ ଥିଲା ଏକ 'ସର୍ବୋଦୟ' ସମାଜ ଗଠନ କରିବାର ଉପାଦାନ।

ଏକ ଶତାବ୍ଦୀ ତଳେ ଆରମ୍ଭ ହୋଇଥିବା 'ସର୍ବୋଦୟ' ମଧ୍ୟ ବିବର୍ତ୍ତିତ ହେଉଛି। 'ସର୍ବୋଦୟ'ର ବ୍ୟାପକ ପ୍ରୟୋଗ ଓ ପ୍ରସାର ନେଇ ରିଚାର୍ଡ ଫ୍ଲାଏର 'ସିମ୍ବାୟୋଟିକ କଲଚର' ନାମରେ ଏକ ବହି ଲେଖିଛନ୍ତି। ଉକ୍ତ ପୁସ୍ତକଟି ଗାନ୍ଧୀଙ୍କ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ଏବଂ ଶ୍ରୀଲଙ୍କାରେ ଘଟିଥିବା 'ସର୍ବୋଦୟ' କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବସିତ। ସିମ୍ବାୟୋଟିକ ସଂସ୍କୃତି ଏପରି ଏକ ସମାଜକୁ ବୁଝାଏ, ଯେଉଁଠାରେ ପରିବାରଠାରୁ ନେଇ ପଡ଼ୋଶୀ ପର୍ଯ୍ୟନ୍ତ, ରାଷ୍ଟ୍ର ଏବଂ ବିଶ୍ୱ ପର୍ଯ୍ୟନ୍ତ ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ଲାଭଜନକ ସମ୍ପର୍କ ଏବଂ ସହଯୋଗ ଏକ ଆଦର୍ଶରେ ପରିଣତ ହୋଇଥାଏ। ମାନବ ସମାଜ ଏବେ ଏକ ନୂଆ ସିମ୍ବାୟୋଟିକ ଯୁଗକୁ ଗତି କରୁଛି, ଯାହାର ଅନ୍ୟ ନାମ ହେଉଛି ସଂଯୋଗର ସଂସ୍କୃତି।

ଶ୍ରୀଲଙ୍କାର 'ସର୍ବୋଦୟ ଶ୍ରମଦାନ ଆନ୍ଦୋଳନ' ସହ ରିଚାର୍ଡ ଫ୍ଲାଏର ୩୫ ବର୍ଷ ଧରି ଜଡ଼ିତ। ସେ କୁହନ୍ତି, 'ଆଧୁନିକ ସର୍ବୋଦୟ ହେଉଛି ଏକ ସଂଯୋଗର ପରମ୍ପରା। ମୋ ଦୃଷ୍ଟିରେ ମହାତ୍ମା ଗାନ୍ଧୀଙ୍କ ଏକ ନୂତନ ସମାଜର ପରିକଳ୍ପନା ହେଉ ବା ପର୍ବତ ଉପଦେଶରେ ଯୀଶୁଙ୍କ ଶିକ୍ଷା ଏବଂ ଏ.ଟି. ଆରିଆରତ୍ନେଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଲଙ୍କାର ସର୍ବୋଦୟ ଶ୍ରମଦାନ ଆନ୍ଦୋଳନ, ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି - ତଳସ୍ତରରୁ ଆହୁରି ତଳସ୍ତର ପର୍ଯ୍ୟନ୍ତ ସ୍ଥାନୀୟ ସମୁଦାୟକୁ ସଶକ୍ତ କରିବା।

ଓଡ଼ିଶାର ବିକାଶ ଓ ପ୍ରଗତିରେ ରୂପାନ୍ତରଣମୂଳକ ପଦକ୍ଷେପ, ଯାହା ନୂତନ ସର୍ବୋଦୟ ବା ରିଚାର୍ଡ ଫ୍ଲାଏରଙ୍କ 'ସିମ୍ବାୟୋଟିକ ସଂସ୍କୃତି'ର ଏକ ଢାଞ୍ଚା। ଏହି ପଦକ୍ଷେପଗୁଡ଼ିକ ସାମାଜିକ ସମାବେଶିତା ଓ



ସମାନତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏହା ହିଁ ସାମଗ୍ରିକ କଲ୍ୟାଣ। ଓଡ଼ିଶାର '୫-ଟି' ପଦକ୍ଷେପରେ ଅବହେଳିତ ସମୁଦାୟର ସକ୍ରିୟ ସାମୂହିକ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯାଇଛି। ବ୍ୟକ୍ତିବିଶେଷ, ସମୁଦାୟ, ଗୋଷ୍ଠୀ, ଗ୍ରାମ, ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ସଂଯୋଗର ଶୃଙ୍ଖଳା ତିଆରି କରାଯାଇଛି।

'ସିମ୍ବାୟୋଟିକ ସଂସ୍କୃତି'ର ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି କ୍ଷମତା ଦଖଲ ବା କ୍ଷମତା ପ୍ରୟୋଗ ନୁହେଁ, ବରଂ କ୍ଷମତାରେ ଥିବା ଆଧିପତ୍ୟ ପ୍ରକୃତିକୁ ଏକ ପ୍ରେମପୂର୍ଣ୍ଣ ସେବାରେ ରୂପାନ୍ତରିତ କରିବା। ଅମଲାତନ୍ତ୍ରରୁ ଅତ୍ୟଧିକ କ୍ଷମତାକୁ ଲୋକଙ୍କ ନିକଟକୁ ଫେରାଇ ଆଣିବା ଏବଂ ଶାସନକୁ ଅଧିକ ପ୍ରମାଣଭିତ୍ତିକ ଏବଂ ଦକ୍ଷ କରିବା ପାଇଁ ଓଡ଼ିଶା ପ୍ରଶାସନରେ 'ରିୟଲ ଟାଇମ ଫିଡବ୍ୟାକ୍ ମେକାନିଜିମ୍' କୁ ତ୍ୱରାନ୍ୱିତ କରିବା। ଏହି ଫିଡବ୍ୟାକ୍ ବ୍ୟବସ୍ଥା ତିନୋଟି ରୂପେ କାମ କରେ। ଯଥା ଲୋକଙ୍କ ସମସ୍ୟା ଚିହ୍ନଟ କରିଥାଏ, ସରକାରୀ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ଆକଳନ କରିଥାଏ ଏବଂ ଆବଶ୍ୟକସ୍ଥଳେ ପ୍ରତିକାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସହାୟକ ହୋଇଥାଏ। ଏହାବୋଧେ ଓଡ଼ିଶା ସୁଶାସନରେ ହେଉଥିବା ପ୍ରଶାସନିକ ସଂସ୍କାର ଏବଂ ଏକ ନୂଆ 'ସର୍ବୋଦୟ ସଂସ୍କୃତି'।

ନବୀନଙ୍କ '୫-ଟି'(ରୂପାନ୍ତରଣମୂଳକ ପଦକ୍ଷେପ)ରେ ଥିବା ଉପାଦାନ ହେଉଛି ସ୍ୱଚ୍ଛତା, ପ୍ରଯୁକ୍ତି ବିଦ୍ୟା, ଦଳଗତ କାର୍ଯ୍ୟ, ସମୟ ଓ ରୂପାନ୍ତରଣ। ଏ ସବୁ ପ୍ରଶାସନ ଓ ସାଙ୍ଗଠନିକ କାର୍ଯ୍ୟଧାରାର ପ୍ରମୁଖ ନୀତି। ଖୋଲାପଣ, ଉତ୍ତରଦାୟିତ୍ୱ ଏବଂ ସୂଚନାର ମୁକ୍ତ ପ୍ରବାହ ସହ ପ୍ରଶାସନର ପାରଦର୍ଶୀ ପ୍ରକ୍ରିୟା ରହିବା ଏକାନ୍ତ ଆବଶ୍ୟକ। ଦୁର୍ନୀତିକୁ ରୋକିବା, ସାମାଜିକ ବିଶ୍ୱାସ ବୃଦ୍ଧି କରିବା ଏବଂ ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହେବା ପ୍ରଶାସନର ସ୍ୱଚ୍ଛତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ୱଚ୍ଛତାକୁ ମଧ୍ୟ 'ଗାନ୍ଧୀ-ସର୍ବୋଦୟ'ରେ ଗୁରୁତ୍ୱ ଦିଆଯାଇଛି।

ସ୍ୱାଧୀନତା ପରେ ଶାସନ ବ୍ୟବସ୍ଥାରେ ଖୋଲାପଣ ଓ ସଚ୍ଚୋଟତା ଆସିବ ବୋଲି ଗାନ୍ଧୀ ବିଶ୍ୱାସ କରୁଥିଲେ। ଗାନ୍ଧୀ ଦର୍ଶନ ପରିପ୍ରେକ୍ଷୀରେ ସ୍ୱଚ୍ଛତାର ଅର୍ଥ ଥିଲା ସ୍ପଷ୍ଟ ବାର୍ତ୍ତାଳାପ, ଉତ୍ତରଦାୟିତ୍ୱ ଏବଂ ସହଭାଗୀତାମୂଳକ ନିଷ୍ପତ୍ତି। ସ୍ୱଚ୍ଛତା ସହିତ କାର୍ଯ୍ୟ କରୁଥିବା ନେତା ଏବଂ ଅନୁଷ୍ଠାନଗୁଡ଼ିକ ଶାସନ ପାଇଁ ସମ୍ବଳ ବୋଲି ଗାନ୍ଧୀ କହୁଥିଲେ। ଶାସନରେ ତିନୋଟି ଉପାଦାନ ହେଉଛି - ଜଟିଳ ନିଷ୍ପତ୍ତି ଗ୍ରହଣ, ନୀତି କାର୍ଯ୍ୟାନ୍ୱୟନ ଓ ପ୍ରଶାସନ। ଏହି ପ୍ରକ୍ରିୟାଗୁଡ଼ିକ କିଭଳି ସମାଜର ଆବଶ୍ୟକତାକୁ ପୂରଣ କରିପାରିବ, ତାହା ସୁନିଶ୍ଚିତ କରିବା ପାଇଁ ସମୟର ପ୍ରଭାବୀ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗାନ୍ଧୀଙ୍କ ମତରେ ଅନ୍ୟର ସେବା ସହିତ ବ୍ୟକ୍ତି ନିଜର ଆତ୍ମଉନ୍ନତି ଏବଂ ଆଧ୍ୟାତ୍ମିକ ଅଭିବୃଦ୍ଧିକୁ ମଧ୍ୟ ଗୁରୁତ୍ୱ ସହ ନେବା ଉଚିତ। ଏହାକେବଳ ଦକ୍ଷ ସମୟ ପରିଚାଳନା ଦ୍ୱାରା ହିଁ ସମ୍ଭବ। 'ସର୍ବୋଦୟ' ଭାବନାରେ ଦଳଗତ କାର୍ଯ୍ୟକୁ ଏକ ପ୍ରଗତି ଓ ଲାଭପ୍ରଦ ସାମୂହିକ ନିବେଶ ରୂପେ ଗଣାଯାଏ।

'୫-ଟି'ର ଅନ୍ୟ ଏକ ମନ୍ତ୍ର ହେଉଛି ଦଳଗତ କାର୍ଯ୍ୟ। ଶାସନ ଓ ପ୍ରଶାସନରେ ଥିବା ବିବିଧ ଦୃଷ୍ଟିକୋଣ ଏବଂ ବିଶେଷଜ୍ଞତା, ସାମାଜିକ ସମସ୍ୟା-ସମାଧାନ, ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି, ସାମାଜିକ ଓ ବ୍ୟକ୍ତିଗତ ପ୍ରତିଶ୍ରୁତିବଦ୍ଧତା, ଶିକ୍ଷା ଏବଂ ଅନୁକୂଳତା ପାଇଁ ଦଳଗତ କାର୍ଯ୍ୟର ଆବଶ୍ୟକତା ଅଛି। ପ୍ରଯୁକ୍ତିବିଦ୍ୟା ଓ ପରିବର୍ତ୍ତିତ ଚିନ୍ତାଧାରା ଏକ ସମାବେଶୀ ଆଧୁନିକ ସମାଜ ପାଇଁ ଜୀବନଧାରା। ଏହାର ବ୍ୟାପକ ପ୍ରୟୋଗ ହିଁ ସାମାଜିକ ପରିବର୍ତ୍ତନ ଓ ସାମୂହିକ ସୃଜନଶୀଳତାକୁ ଆଗକୁ ଆଣିବ।

ଶାସନକାଳରେ ନବୀନ ସରକାର ଚାରିଟି ଉପାଦାନ ଉପରେ ଗୁରୁତ୍ୱ ଦେଇଛନ୍ତି। ତାହା ହେଉଛି ସୁଶାସନ, ସ୍ୱଚ୍ଛତା, ନୈତିକ ବିଚାର ଓ ସମାବେଶୀ ବ୍ୟବସ୍ଥା। ଉଭୟ ସୁଶାସନ ଏବଂ ସମାବେଶୀ ବ୍ୟବସ୍ଥା ପରସ୍ପର ସହ ଜଡ଼ିତ। ଏକ ସମୃଦ୍ଧ ଓ ସାମ୍ୟ ସମାଜ ଗଠନ ପାଇଁ ଏହା ଉପଯୋଗୀ। ଯେତେବେଳେ ଏହା ସହ ସ୍ୱଚ୍ଛତା ଓ ନୈତିକ ବିଚାର ଯୋଡ଼ି ହୋଇଯାଏ, ସେତେବେଳେ ଏକ ଉତ୍ତରଦାୟୀ, ପାରଦର୍ଶୀ, ପ୍ରତିକ୍ରିୟାଶୀଳ ଓ ବିବିଧତାକୁ ସମ୍ମାନ ଦେଉଥିବା ବ୍ୟବସ୍ଥା ସୃଷ୍ଟି ହୁଏ।

'ସର୍ବୋଦୟ' ଭଳି ଆଧୁନିକ ସାମାଜିକ ଏବଂ ସାଂସ୍କୃତିକ ବିବର୍ତ୍ତନର ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟ ଆସିପାରେ। ମୁଖ୍ୟକଥା ହେଲା ସେ ପରିବର୍ତ୍ତନରେ ସ୍ଥାନୀୟ ସମୁଦାୟ, ଗାଁ ଓ ଗୋଷ୍ଠୀର ପ୍ରମୁଖ ଭୂମିକା ରହିବ। ସେ ବିବର୍ତ୍ତନ ପ୍ରକ୍ରିୟାରେ ଓଡ଼ିଶା ସାମିଲ ହୋଇସାରିଛି। ଏକ ନୂଆ ପ୍ରଶାସନିକ ସର୍ବୋଦୟର ଭୂଦୃଶ୍ୟର ପରିକଳ୍ପନା ସତ ହେବାକୁ ଯାଉଛି।

ଏକଦା ଡକ୍ଟର ମାର୍ଟିନ ଲୁଥର କିଙ୍ଗ(ଜୁନିୟର) ସାମଗ୍ରିକ କଲ୍ୟାଣ ଓ ସେବା ସମ୍ପର୍କରେ କହିଥିଲେ - 'ସମସ୍ତେ ସେବା କରିପାରିବେ। ସେବା କରିବା ପାଇଁ କଲେଜ ଡିଗ୍ରୀ ଆବଶ୍ୟକ ନାହିଁ, ଆପଣଙ୍କୁ ପ୍ଲାଟୋ ଓ ଆରିଷ୍ଟୋଟଲଙ୍କ ବିଷୟରେ ଜାଣିବାର ଆବଶ୍ୟକତା ନାହିଁ, ଆଇନଷ୍ଟାଇନଙ୍କ 'ଥିଓରି ଅଫ୍ ରିଲେଟିଭିଟି' ଜାଣିବା ଜରୁରୀ ନୁହେଁ, ଆପଣଙ୍କୁ ପଦାର୍ଥ ବିଜ୍ଞାନରେ ଥର୍ମୋଡାଇନାମିକ୍ସର ଦ୍ୱିତୀୟ ନିୟମ ଜାଣିବାର ଆବଶ୍ୟକତା ନାହିଁ। କେବଳ ଅନୁଗ୍ରହରେ ପରିପୂର୍ଣ୍ଣ ହୃଦୟ ଦରକାର, ପ୍ରେମ ଦ୍ୱାରା ସୃଷ୍ଟି ହୋଇଥିବା ଆତ୍ମା ଦରକାର।' ଆସନ୍ତୁ! ସାମଗ୍ରିକ କଲ୍ୟାଣ ପାଇଁ ସମସ୍ତେ ଯୋଡ଼ି ହେବା। ଓଡ଼ିଶା ମାଟିର ସେବା କରିବା।

# ମନ ବଡ଼ଦାଣ୍ଡେ ବିଜେ କର ଜଗନ୍ନାଥ...



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪୫୩୬୧୦

ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି, ମନ ପୋଡ଼ିଗଲେ ଜାଣେନା କେହି...। ବଣରେ ଲାଗିଥିବା ନିଆଁ ସିନା ଆଖିକୁ ଦିଶେ, ମନରେ ଲାଗିଥିବା ନିଆଁକୁ ଦେଖିବା ପାଇଁ ଚର୍ମ ଚକ୍ଷୁ କ'ଣ ସମର୍ଥ? ମନ ପୋଡ଼ି ଯାଇଥିଲେ ବି ଉପରେ ଉପରେ ହସିବାକୁ ହୁଏ, ଅଭିନୟ କରିବାକୁ ହୁଏ, ଯେପରି କିଛି ହୋଇନି। କେହି ଯଦି କିଛି ଆଭାସ ପାଇ ପଚାରି ଦିଏ, କ'ଣ ମନ ଭଲ ନାହିଁ କି? ତେବେ ଦାନ୍ତ ଦେଖେଇ କହିବାକୁ ହୁଏ, ନା ନା ସବୁ ଭଲ। ଏମିତି କାଇଁ ଟିକେ ଶୁଖିଲା ଦିଶୁଥିବି...। ଏ ସଂସାର ଏମିତି ଏକ ଜାଗା, ଯେଉଁଠି, କାହାର ସୁଖ ଦେଖିଲେ ଲୋକେ ଈର୍ଷାରେ ଜଳନ୍ତି, ଆଉ ଦୁଃଖ ଦେଖିଲେ ଉପରେ ଉପରେ ସହାନୁଭୂତି ଦେଖାଇ ଆହାଃ ଚୁ ଚୁ.. କରି ଭିତରେ ହୁଅନ୍ତି ବେଜାଏ ଖୁସି। ତେଣୁ ମନର ଦରଜ ବୁଝିଲା ପରି ଦରଦୀ ମନଟିଏ ନ ମିଳିବା ପର୍ଯ୍ୟନ୍ତ ମନର କଷ୍ଟ ମନରେ ଚାପି ରଖିବାକୁ ହୁଏ।

ହେଲେ ସମସ୍ତଙ୍କ ମନକୁ ଜଗି ଚଳୁ ଚଳୁ, ନିଜ ମନକୁ ଅଣଦେଖା କରି, ସମସ୍ତଙ୍କ ମନରଖିବାକୁ ଯାଇ, କେତେବେଳେ ନିଜ ମନଟି ପୋଡ଼ି ଯାଏ, ତା' ଜାଣିଲା ବେଳକୁ ହୋଇଯାଇଥାଏ ଖୁବ୍ ଡେରି। ନିଜର ମନଟିଏ ଅଛି ବୋଲି ବି ମନ ପଡ଼େ ସନ୍ଦେହରେ। କୁହାଯାଏ - ଦେଇଥିଲେ ପାଇ...। ତା'ହେଲେ ସମସ୍ତଙ୍କୁ ସୁଖ ଦେଉଥିବା ମଣିଷଟି ପାଇଁ ଦୁଃଖ କାଇଁ ଲେଖା ହୋଇଥାଏ ଯେ! ପରମ ଶାସ୍ତ୍ରକୁହନ୍ତି - ଯେ ପାଞ୍ଚେ ପରର ମନ୍ଦ ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ। କିନ୍ତୁ ଅନ୍ୟକୁ ଦୁଃଖ ଦେଉଥିବା ମଣିଷମାନେ ବେଶ୍ ସୁଖରେ ଥିବାର ତ ଦେଖୁଚି। ସମସ୍ତଙ୍କ ସୁଖ ପାଇଁ ନିଜକୁ ଅବହେଳା କରି ମୁଁ ପାଇଲି ବା କ'ଣ! ଯେଉଁମାନଙ୍କୁ ନିଜର ଭାବିଥିଲି, ଯେଉଁମାନଙ୍କ ସ୍ୱାର୍ଥ ପାଇଁ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଲି, ବହୁତ୍ ଡେରିରେ ଜାଣିଲି ଯେ, ସେ ସମସ୍ତେ ମୋ ସହିତ ଥିଲେ କେବଳ ନିଜ ସ୍ୱାର୍ଥ ପାଇଁ, ତାଙ୍କ ସ୍ୱାର୍ଥ ହାସଲ କରି ସାରି ସେମାନେ ଦୂରେଇ ଗଲେ। ମୁଁ କଳା ଚଷମା ପିନ୍ଧି, ସୂର୍ଯ୍ୟକିରଣ ବାଧୁ ନାହିଁ ବୋଲି କହିଲେ ସୂର୍ଯ୍ୟ କ'ଣ ତାଙ୍କ ତାତି ବୃଦ୍ଧି କରିବା କମେଇ ଦେବେ! ଆଖିରୁ ଚଷମା ଖୋଲି ଦେଲା ପରେ ଦିଶିଗଲା ଦୁନିଆର ପ୍ରକୃତ ରୂପ। ଏହା ଦୁନିଆର ଭୁଲ ନୁହେଁ, ମୋର ନିର୍ବୋଧତା। ଏହା ବୁଝିଲା ବେଳକୁ ନେଡ଼ି ଗୁଡ଼ କହୁଣୀକୁ ବୋହି ଗଲାଣି...।

କାହିଁକି କେଜାଣି ଆଜି ଲାଗୁଚି, ନିଉଟନଙ୍କ ତୃତୀୟ ନିୟମଟି ଅକ୍ଷରେ ଅକ୍ଷରେ ସତ୍ୟ ବୋଲି। ସେ କହିଛନ୍ତି, ପ୍ରତ୍ୟେକ କ୍ରିୟାର ସମାନ୍ ଓ ବିପରୀତ ପ୍ରତିକ୍ରିୟା ରହିଚି। ବୋଧହୁଏ ସେଥିପାଇଁ ଭଲ କଲେ, ଭଲର ବିପରୀତ ମନ୍ଦ ମିଳୁଛି। ଆଉ ଯିଏ ମନ୍ଦ କାମ କରୁଛି ତା'କୁ ମିଳୁଛି ବାଃ ବାଃ...। ମୁଁ ଜାଣିଛି, ଆପଣ କହିବେ, 'ନା ତୁ ଯାହା କହୁଛୁ ସବୁ ଭୁଲ, ପ୍ରାରବ୍ଧ



ବୋଲି କିଛି ଗୋଟାଏ ଅଛି ନା! ଆର ଜନ୍ମରେ ତୁ ଯାହା କରିଥିଲୁ ତାହା ଏ ଜନ୍ମରେ ଭୋଗିବାକୁ ହେବ। ଏ ଜନ୍ମରେ ଯାହା କରିଛୁ ତା'କୁ ଭୋଗିବୁ ଆସନ୍ତା ଜନ୍ମରେ। କଥାରେ ଅଛି ପରା - ଟେକାଟିଏ ମାରିଲେ ପଥରଟିଏ ଥୁଆ, ଏ ହାତର କର୍ମ ସେ ହାତ ନିଏ ନାହିଁ। ପୂର୍ବଜନ୍ମରେ କରିଥିଲୁ କିଛି ପାପ, ଯେଉଁଥିପାଇଁ ଏ ଜନ୍ମରେ ଭୋଗୁଛୁ। ଭଗବାନ କାହା ପ୍ରତି ଅନ୍ୟାୟ କରନ୍ତି ନାହିଁ। ଏହାସହିତ ଆପଣ ଶୁଣେଇ ଦେବେ କାହାଣୀଟିଏ - ସଞ୍ଜ ବେଳେ ଗୋଟିଏ ଗାଈ ଗୁହାଳକୁ ଫେରିବା ବାଟରେ ପଡ଼ିଗଲା ପଙ୍କରେ। ନିଜକୁ ଭିଡ଼ି ମୋଡ଼ି ତହିଁରୁ ବାହାର କରିବାକୁ ଚେଷ୍ଟା କରି ଅଧିକରୁ ଅଧିକ ଭିତରେ ପଶିଲା। ଏଇ ସମୟରେ ଚୋରଟିଏ ଚୋରି କରିବାକୁ ବାହାରୁଥିଲା। ସେ ପଙ୍କକୁ ଡେଇଁ ଗଲା ବେଳେ ଗାଈକୁ ପଙ୍କରୁ ବାହାର କରିବା ଦୂରର କଥା, ବରଂ ସେ ତା' ଉପରେ ପାଦ ଦେଇ ପଙ୍କ ପାରି ହେଲା। ଆଉ ସଙ୍ଗେ ସଙ୍ଗେ ତା'କୁ ମିଳିଲା ସୁନା ମୋହରଟିଏ। ଏଇ ସମୟରେ ସନ୍ଧ୍ୟା ସ୍ନାନ ସାରି ନଦୀରୁ ଫେରୁ ଥିଲେ ସାଧୁ ଜଣେ। ସେ ଗାଈକୁ ଏପରି ଅବସ୍ଥାରେ ଦେଖି ବିକଳ ହୋଇ ନିଜେ ପଙ୍କ କାଦୁଅ ଲତପତ ହୋଇ ଗାଈକୁ ଖୁବ୍ ପରିଶ୍ରମ କରି ବାହାରକୁ ଆଣିବାରେ ହୋଇଲେ ସକ୍ଷମ। ପଙ୍କ କାଦୁଅ ଧୋଇବା ପାଇଁ ପୁଣି ଥରେ ନଦୀକୁ ଫେରିଲା ବେଳକୁ ଝୁଣ୍ଟି ପଡ଼ି ଆଣ୍ଠୁ ଗଣ୍ଠି ତାଙ୍କର ହେଲା ରକ୍ତାକ୍ତ। ଏହି କଥା ଦେଖୁଥିବା ନାରଦ ପଚାରିଲେ ନାରାୟଣଙ୍କୁ - ପ୍ରଭୁ! ଇଏ ଆପଣଙ୍କର କି ନ୍ୟାୟ? ଯିଏ ମନ୍ଦ କଲା ତା' ପାଇଁ ଭଲ, ଆଉ ଯିଏ ଭଲ କଲା ତା' ପାଇଁ ଭେଲ? ନାରାୟଣ ହସି ଦେଇ କହିଲେ - ଆହେ ଦେବର୍ଷି! ଆଜି ଚୋରଟିର ରାଜଯୋଗ ଥିଲା। ମନ୍ଦ କର୍ମ କରିବାରୁ ତାହା ସୁନା ମୋହରରେ ହେଲା ସୀମିତ। ଆଉ ସନ୍ନ୍ୟାସୀଙ୍କର ଆଜି ମୃତ୍ୟୁଯୋଗ ଥିଲା। ସେ ଭଲ କାମ କରି ମାତ୍ର ଖଣ୍ଡିଆ ଖାବରା ହୋଇ ମୃତ୍ୟୁକୁ ଟାଳି ଦେଲେ। କଥାରେ ଅଛି ପରା, ଶହ ଶହ ଗାଈ ଭିତରୁ ବାଛୁରୀ ତା' ମାଆକୁ ଚିହ୍ନି ପାରିଲା ପରି କର୍ମ ଫଳ ପଛେ ପଛେ ବୁଲୁଥାଏ। ସମୟ ହେଲେ ସେ ତାଳି ଦେବ କି ଗାଳି ଦେବ ତା' ତୁମ କର୍ମ ଉପରେ ନିର୍ଭର କରେ।

ଏତେଗୁଡ଼ିଏ କଥା ଶୁଣିଲା ପରେ ମନ ଏବେ ଦ୍ୱନ୍ଦ୍ୱରେ। ସତେ କ'ଣ ଏମିତି କିଛି ପାପ ମୁଁ କରିଥିଲି ପୂର୍ବ ଜନ୍ମରେ, ଯେଉଁଥିପାଇଁ ଆଜି ଏ ଦୁର୍ଦ୍ଦିନ! ଆଉ ଏ ମନ୍ଦ କର୍ମ କରି ଖୁସିରେ ଥିବା ଲୋକେ କଣ ବହୁତ୍ ପୁଣ୍ୟ କର୍ମ କରିଥିଲେ! ଶାସ୍ତ୍ର ଅନୁସାରେ କାଳେ, ସଂସ୍କାର ଆସେ ପୂର୍ବଜନ୍ମର ସ୍ୱକୃତିରୁ। ଏ ଜନ୍ମରେ ଯଦି ମନ୍ଦ ନକରି ଭଲ କାମ କରିବା ପାଇଁ ମନ ଭିତରେ ଆକାଂକ୍ଷା ଜନ୍ମୁଛି ତେବେ ତାହାର ଅର୍ଥ, ପୂର୍ବ ଜନ୍ମରେ ଭଲ କାମ କରିବାର ସଂସ୍କାର ରହିଚି ବୋଲି ତ...। ତେବେ ସେ କର୍ମ ସବୁ ମୋର ଗଲାକୁଆଡ଼େ?

ଆଉ କିଛି ବୁଦ୍ଧି ବାଟ ଦିଶୁନି। ମୁଣ୍ଡ ହୋଇ ଯାଉଚି ଗୋଳମାଳିଆ। ଯାଉଚି ସବୁ ଛାଡ଼ି ଛୁଡ଼ ଦେଇ ପଳେଇଯିବି କୁଆଡ଼େ, ଯୋଉଠି କେହି ନ ଥିବେ। ଥିବି ମୁଁ ଏକା। ନା ଥିବ ସଂସାର, ନା ଥିବ ସଂସାର ଯାକର ଚିନ୍ତା! ମୁଣ୍ଡ ଥିଲେ ସିନା ମୁଣ୍ଡ ବିନ୍ଧା। କିନ୍ତୁ ତା' କ'ଣ ସମ୍ଭବ? କିଏ ପୁଣି ଜଣେ କହିଛନ୍ତି ଯେ - ଜେଣେ ଇଚ୍ଛା। ତେଣେ ଯା, ଭାଗ୍ୟ ଘେନି ବୁଲୁଥା। ତା'ହେଲେ ଏ ଭାଗ୍ୟ କ'ଣ ମତେ ଛାଡ଼ିବ ନାହିଁ? ଆଚ୍ଛା ଏ ଭାଗ୍ୟ ଏପରି କାହିଁକି ଯେ? ଶାନ୍ତିରେ ରହିଥିବା ମଣିଷକୁ ଶାନ୍ତିରେ ରହିବାକୁ ନଦେଇ ଅଶାନ୍ତି କରେ କାହିଁକି? ତା'ଠାରୁ ବର୍ତ୍ତିବାର କ'ଣ କିଛି ଉପାୟ ନାହିଁ? ସେଇ ମନ ପୁଣି କହି ଉଠିଲା - ଆରେ ଅଛି ଅଛି। ଉପାୟ ଅଛି। ଦେହ ପୋଡ଼ି ଗଲେ ସିନା ମଲମ ଲଗେଇବୁ, ହେଲେ ମନ ପୋଡ଼ିଗଲେ ମଇଲମ ଲଗାଇ, ନିତି ଛପନ କୋଟି ଖାଇ, ମହ ମହ ବାସୁଥିବା ଫୁଲରେ ସଜେଇ ହୋଇ, ବିଡ଼ିଆ ପାନ ଚୋବାଇ, ନାଲି ଅଧରରେ ମୁରୁକି ମୁରୁକି ହସି ଦେଉଥିବା କାଳିଆକୁ ଟିକେ ଚାହିଁ ଦେ। ସାରିଆ ଭିକ ପରା କହିଥିଲେ - 'ଥକା ମନ ପାଇଁ ଚକାନୟନ ହେଉଛି ଉପଯୁକ୍ତ ଚିକିତ୍ସା। ହେଲେ ସେ ଚକାଆଖି ନିକଟରେ ଯେତେ ଭିଡ଼, ଯେତେ ଠେଲା ପେଲା, ଯେତେ କାଇଦା କଟକଣା, କିଏ ସେସବୁ ପାରିବ ଯେ!

ତା'ହେଲେ କେବଳ ଗୋଟିଏ ଉପାୟ। ମନକୁ କରିଦେବାକୁ ହେବ ବଡ଼ଦାଣ୍ଡ, ହୃଦୟକୁ ଶ୍ରୀମନ୍ଦିର, ଅନ୍ତରକୁ କୋଇଲିବୈକୁଣ୍ଠ, ଇଚ୍ଛା ସବୁକୁ ଶିଆଳି ଲତା। ସମ୍ପୂର୍ଣ୍ଣରୂପେ ନିଜକୁ ସମର୍ପି ଦେବାକୁ ହେବ ସେଇ ହାତ ନଥାଇ ଆଲିଙ୍ଗନ କରିବାକୁ ହାତ ବଢ଼େଇ ଥିବା, କାନ ନଥାଇ ସବୁ ଶୁଣୁଥିବା ନୀଳଶୈଳ ନିକଟରେ। ସବୁ ସମସ୍ୟାର ମୂଳ ସେଇ, ଆଉ ସମାଧାନର ବି, ସବୁ ଦୁଃଖର ଆରମ୍ଭ ସେଇଠୁ, ଅନ୍ତ ବି ସେଇଠି। ଦୁଃଖ ଦେଲେ ତା'ର, ସୁଖ ଦେଲେ ବି ତା'ର। ସବୁ ତା'ରି ନିକଟରେ ଅଜାଡ଼ି ଦେଇ ଶୋଇଯିବି ଆନନ୍ଦ ବଜାରରେ। ମଜାରେ ଖାଇବି ମଳୟ ପବନ। ମୋର କ'ଣ ଅଛି ଯେ କିଆଁ କରିବି ଚିନ୍ତା? ଚିନ୍ତାମଣି ତା'ଚିନ୍ତା ଧରି ବସିଥାଉ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ହଜାର ହଜାର ଶ୍ରଦ୍ଧାଳୁ ଦେଖିଲେ ସିଧାପ୍ରସାରଣ





ଡେରାବିଶ


ରାଜନଗର


ମହାକାଳପଡ଼ା

**କେନ୍ଦ୍ରାପଡ଼ା, ୧୭।୧(ସମିସ)**: ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିରର ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ବୁଧବାର ପୁରୀରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ ଉତ୍ସବର ସିଧାପ୍ରସାରଣ ଜିଲ୍ଲାର ପ୍ରତି ବ୍ଲକ ଏବଂ ପୌରାଞ୍ଚଳରେ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ରାପଡ଼ା ପୌର ପ୍ରଶାସନ ଆନୁକୂଲ୍ୟରେ ସହରସ୍ଥ ଟେଲିକମ୍ ପଡ଼ିଆରେ ଏଲ୍‌ଇଡି ଟିଭି ମାଧ୍ୟମରେ ପ୍ରସାରିତ ହୋଇଥିଲା। ସମସ୍ତ ୨୧ଟି ୱାର୍ଡର ଶତାଧିକ ସଂଖ୍ୟାରେ ମହିଳା ଏବଂ ପୁରୁଷ ଏହାକୁ ଦେଖିଥିଲେ। ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ନଗରପାଳ ସରିତା ସାହୁ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଧିରେନ ସାହୁ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟିଙ୍କ ସମେତ ବିଜେଡି, କଂଗ୍ରେସ ଓ ବିଜେପିର ପୌରସଭ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନ ପୂର୍ବରୁ ଭାବଗ୍ରାହୀ କଳା ନିକେତନର ଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ପୌରନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି କେନ୍ଦ୍ରାପଡ଼ା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଇଚ୍ଛାପୁର ରଥଦାଣ୍ଡରେ ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବର ସିଧାପ୍ରସାରଣ ହଜାର ହଜାର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଏବଂ ପୁରୁଷମାନେ ଦେଖିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ରସ୍ମିତା ସେଠୀଙ୍କ ସମେତ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ମଣ୍ଡଳ ଉନ୍ନୟନ ଅଧିକାରୀ ବନ୍ଦନା ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଡେରାବିଶ:** ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ଅଧୀନସ୍ଥ କୁଶିଆପାଳ ପଞ୍ଚାୟତ ଶ୍ରୀ ଲଛମନଜୀଉଙ୍କ ମନ୍ଦିର ନିକଟରେ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଆୟୋଜିତ ସଭାରେ ବ୍ଲକ ମଙ୍ଗଳ ଅଧିକାରିଣୀ ରଶ୍ମି ଦେବୀ ସଂଯୋଜନା କରିଥିଲେ। ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ବିଡ଼ିଓ ଦାସରଥି ଜେନା, ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଏବିଡ଼ିଓ ଭଞ୍ଜ କିଶୋର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଧନେଶ୍ୱର ସେଠୀ, କୁଶିଆପାଳ ସରପଞ୍ଚ ଦୟାନିଧି ଦାସ ପ୍ରମୁଖ ଯୋଗଦେଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଭଜନ ଓ ଜଣାଣ ପରିବେଶିତ ନୃତ୍ୟଗୀତ ଉପସ୍ଥିତ ଦର୍ଶକଙ୍କୁ ବିହ୍ୱଳିତ କରିଥିଲା। ମଧ୍ୟାହ୍ନରେ ପୁରୀରେ ଲୋକାର୍ପିତ ଉତ୍ସବ ଏଲଇଡ଼ି ମାଧ୍ୟମରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରଦର୍ଶିତ କରାଯାଇଥିଲା।

**ପଟ୍ଟାମୁଣ୍ଡାଇ:** ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧା ପ୍ରସାରଣ ପାଇଁ ପଟ୍ଟାମୁଣ୍ଡାଇ ପୌର ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଏକ ଭବ୍ୟ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୁରୀ ଯାଇପାରିନଥିବା ହଜାର ହଜାର ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇ ଦେଖିଥିଲେ। ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ଭବ୍ୟ ସମାରୋହରେ ପ୍ରସିଦ୍ଧ ସନ୍ଥ ସ୍ୱାମୀ ଅମୃତାନନ୍ଦ ମହାରାଜ ଉପସ୍ଥିତ ଭକ୍ତ ମାନଙ୍କୁ ଆଶୀର୍ବାଦ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ଲାସ୍ୟମୟୀ ସାହୁ, ମୃତ୍ୟୁଞ୍ଜୟ ପାତ୍ରୀ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ପ୍ରିୟଙ୍କା ସେଠୀ, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ଝରଣା ବେହେରା, ସୁବାଷ ମଲିକ, ରୀନା ରାଣୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ।

**ରାଜନଗର:** ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ କେରେଡାଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିର ନିକଟରେ ବଡପରଦାରେ ଏହି ଦିବ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବାର ବ୍ୟବସ୍ଥା ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ମା'ମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପୂର୍ବତନ ଅଧ୍ୟକ୍ଷା ଲତିକା ସାହୁ, ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, କେରେଡାଗଡ଼ ସରପଞ୍ଚ ତାପସ କୁମାର ସାହୁ, ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ାଙ୍କ ସମେତ ସମସ୍ତ ସଭ୍ୟ ସରପଞ୍ଚ ଓ ସରକାରୀ ଅଧିକାରୀମାନେ ଯୋଗଦେଇଥିଲେ। ସେହିପରି ରାଜନଗର ଶ୍ରୀ ଦଧିବାମନଜୀଉ ମନ୍ଦିରରେ ଆଜି ଦିନ ତମାମ ସଂକୀର୍ତନ ସହିତ ହୋମ ଯଜ୍ଞର ଆୟୋଜନ କରାଯାଇଥିଲା। ସଂକୀର୍ତନ ମଣ୍ଡଳୀ ରାଜନଗର ଗାଁ ଓ ବଜାର ପରିକ୍ରମା କରିଥିଲେ। ମହାପ୍ରଭୁଙ୍କ ଦିବ୍ୟ କାର୍ଯ୍ୟକ୍ରମ ଦେଖିବା ପାଇଁ ଟିଭି ପରଦାର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ନାଏବ ସରପଞ୍ଚ ବାଇଧର ସେଠୀ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଉପସ୍ଥିତ ଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକପରିସରରେ ଜଗନ୍ନାଥ ଚେତନା ପରିକ୍ରମା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତ, ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ବ୍ଲକ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ ଓ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ। ପୁରୀରୁ ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବା ସମୟରେ ଜୟ ଜଗନ୍ନାଥ ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇପଡ଼ିଥିଲା। ସିଧାପ୍ରସାରଣ ଦେଖିଥିଲେ ବହୁ ଶ୍ରଦ୍ଧାଳୁ। ସରପଞ୍ଚ ଜ୍ୟୋତି ରଞ୍ଜନ ଖଟୁଆ, ବଡ଼କୁଳ ସରପଞ୍ଚ ପ୍ରଜ୍ଞା ପରମିତା କର, ବାରଡାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, ଗଡ଼ରୋମିତ ସରପଞ୍ଚ ପ୍ରିୟଙ୍କା ସାମଲ, ପାଟଳିପଙ୍କ ସରପଞ୍ଚ ରଶ୍ମି ଦାସ, ଅଶୋକ ମହାପାତ୍ର, ଯୁବନେତା ଧର୍ମପଦ ଦାସ, ହେମନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ମରଣୀୟ କଳା କାଞ୍ଚିକାବେରୀ ଗୀତିନାଟକ



**କେନ୍ଦ୍ରାପଡ଼ା, ୧୭।୧(ସମିସ)**:ଶ୍ରୀ ଜଗନ୍ନାଥ ଓଡିଆ ଅସ୍ମିତାର ପୂଣ୍ୟ ପ୍ରତୀକ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଜିଲ୍ଲା ସଂସ୍କୃତି ଭବନରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା "କାଞ୍ଚି କାବେରୀ" ଗୀତିନାଟ୍ୟ ଜିଲ୍ଲା ସଂସ୍କୃତି ଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳ ଦାଶଙ୍କ ଦ୍ୱାରା ରଚିତ ଏହି ଗୀତିନାଟ୍ୟକୁ ଗୋପାଳ ଦାସ ସ୍ମାରକୀ କଳା ମନ୍ଦିର(ଗଡ଼ମେକର)ର କଳାକାରମାନେ ପରିବେଷଣ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ ଘଟଣା ଓ କାଞ୍ଚି ରାଜଜେମା ପଦ୍ମାବତୀଙ୍କ ସହ ଗଜପତିଙ୍କ ଶୁଭ ପରିଣୟ ହେଉଛି କାଞ୍ଚିକାବେରୀ ଗୀତିନାଟ୍ୟର ବିଷୟ ବସ୍ତୁ। ଗୀତିନାଟ୍ୟର ରୂପାନ୍ତର ଓ ନିର୍ଦ୍ଦେଶନା ଗୁରୁଶ୍ରୀ ନଗେନ ପରିଜା ଦେଇଥିବା ବେଳେ ଗଡ଼ମେକର ନିର୍ଦ୍ଦେଶକ ସୁଶାନ୍ତ କୁମାର ପାଣି ପରିଚାଳନା କରିଥିଲେ। ସଙ୍ଗୀତାଭିନୟରେ ସୁଶାନ୍ତ କୁମାର ପାଣି, ଇସ୍ପାରାଣୀ ବେହେରା, ଗଙ୍ଗାଧର ପଣ୍ଡା, ଚିନ୍ମୟ ଦାସ, ସ୍ମୃତିପ୍ରିୟା ପ୍ରଧାନ, ଜଗବନ୍ଧୁ ନାୟକ, ଜୟଶ୍ରୀ ଧଳ, ପ୍ରସନ୍ନ ମିଶ୍ର, ସୁଶିଲ ସେନ, ରୀତା ସେଠୀ, ପ୍ରଫୁଲ୍ଲ ନାୟକ ଓ ପ୍ରିୟଙ୍କା ବେହେରା ପ୍ରମୁଖ ଥିବା ବେଳେ ବାଦ୍ୟ ବର୍ଣ୍ଣାଳୀରେ ରବୀନ୍ଦ୍ର ମଲ୍ଲିକ, ଚୈତନ୍ୟ ଜେନା, ଅଜୟ ଜେନା, ଅକ୍ଷୟ ମଲ୍ଲିକ ଓ କୈଳାସ ସେଠୀ ପ୍ରଭୃତି ସହଯୋଗ କରିଥିଲେ। କଳାକାରମାନଙ୍କ ଅଭିନୟ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଦେଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ନଡିଆ ବାଡେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

## ବୟସ୍କମାନଙ୍କୁ ପୂଜାର୍ଚ୍ଚନା

**ରାଜକନିକା, ୧୭।୧(ସମିସ)**: ବୟସ୍କମାନଙ୍କଠାରୁ ଆଶୀର୍ବାଦ ନେଇ ସାରା ଗାଁ ର ସାମାଜିକ ଭାଇଚାରକୁ ସୁଦୃଢ କରିବାକୁ ତେନ୍ତୁଳିକୋଳି ଗାଁରେ ଏକ ନୂଆ ଉଦ୍ୟମ କରାଯାଇଛି। ଗାଁ ଗାଁ ରେ ବଢ଼ି ଚାଲିଥିବା ବିଭିନ୍ନ ସାମାଜିକ ସମସ୍ୟାକୁ ଗୁରୁଜନଙ୍କ ପରାମର୍ଶ ଓ ଅଭିଜ୍ଞତାରେ ଦୂର କରି ଏକ ସଶକ୍ତ ଭାଇଚାରା ଆପଣାଇବାକୁ ବିବେକାନନ୍ଦ ବେହେରା ଉଦ୍ୟମ କରିଛନ୍ତି। ନିଜ ଉଦ୍ୟମରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ୧୨ ବର୍ଷ ଧରି ଗାଁ ର ଏକ ପରିତ୍ୟକ୍ତ ସ୍ଥାନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରି ସଭିଙ୍କର ହୃଦୟ ଜିତିଥିବା ବିବେକାନନ୍ଦ ଗାଁର ସମସ୍ତ ବୟସ୍କ ବୃଦ୍ଧ ବୃଦ୍ଧା ମାନଙ୍କୁ ଗତ ମକର ସଂକ୍ରାନ୍ତିରେ ନିମନ୍ତ୍ରଣ ଦେଇ ଧୂପଦୀପ, ଅକ୍ଷତରେ ବନ୍ଦାପନା କରି ନୂଆ ବସ୍ତ୍ର ପ୍ରଦାନ ସହ ଗାଁ ପାଇଁ କଲ୍ୟାଣ କାମନା କରିବା ସାରା ଅଞ୍ଚଳରେ ଏକ ନିଆରା ପରମ୍ପରାକୁ ଚେଇଁ ଦେଇଛି। ମକର ସଂକ୍ରାନ୍ତି ସନ୍ଧ୍ୟାରେ ତେନ୍ତୁଳିକୋଳି ବ୍ରାହ୍ମଣୀବେଡା ଗାଁର ୩୦ ଜଣ ବ୍ୟକ୍ତିଙ୍କୁ ପୂଜାର୍ଚ୍ଚନା କରି ସଂକୀର୍ତ୍ତନ ମାଧ୍ୟମରେ ସେମାନଙ୍କର ଆଶୀର୍ବାଦ କାମନା କରାଯାଇଥିବାରୁ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲର ପ୍ରତିଷ୍ଠା ଦିବସ

**ପଟ୍ଟାମୁଣ୍ଡାଇ, ୧୭।୧(ସମିସ)**: ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଏମ୍‌ଏନ୍ ହାଇସ୍କୁଲର ୮୦ତମ ପ୍ରତିଷ୍ଠା ଦିବସ ପୁରାତନ ଛାତ୍ରସଂସଦ ପକ୍ଷରୁ ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଗନ ବିହାରି ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୁରାତନ ଛାତ୍ରସଂସଦ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା ମୁଖ୍ୟ ଅତିଥି, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ମୁଖ୍ୟବକ୍ତା, ପୁରାତନ ଛାତ୍ର ସଂସଦ ସମ୍ପାଦକ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ଅଭିଭାବକ ସଂଘ ସଭାପତି ଆଡଭୋକେଟ ଗୋପିନାଥ ତ୍ରିପାଠୀ, ପରିଚାଳନା କମିଟି ସଭାପତି ତପନ ଦାଶ, ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ଶିକ୍ଷକ ନେତା ବିଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଶୋକ କୁମାର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଗୋପୀବଲ୍ଲଭ ନାୟକ, ଇଂ.ତପନ ପାତ୍ର, ପୁରାତନ ଛାତ୍ର ସଂସଦ ଉପସଭାପତି ରାଜେନ୍ଦ୍ର ଦାଶ, ଶିଶିର ମଲିକ, ପ୍ରମୋଦ କୁମାର ସାହୁ, ସଚ୍ଚିନନ୍ଦନ ଦାସ, ରଞ୍ଜନ ଦାସ, ଆଡ଼ଭୋକେଟ ପ୍ରମୋଦ ସାହୁ, ସନ୍ଧ୍ୟାରାଣୀ ପ୍ରଣୀଗ୍ରାହୀ, ସ୍ୱର୍ଣ୍ଣମୟୀ ନାୟକ, ତପସ୍ୱିନୀ ମଲ୍ଲିକ, ଶଶାଙ୍କ ଶେଖର ସାହୁ ପ୍ରମୁଖ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ଏମଏନ ହାଇସ୍କୁଲର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସଭା ପ୍ରାରମ୍ଭରେ ହାଇସ୍କୁଲର ଦିବଙ୍ଗତ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସ୍ୱର୍ଣ୍ଣମୟୀ ନାୟକ ଧନ୍ୟବାଦ ଦେଇଥିଲେ।

## କବି ଚିତ୍ତରଞ୍ଜନ ମିଶ୍ରଙ୍କ ପରଲୋକ

**ରାଜନଗର, ୧୭।୧(ସମିସ)**: ରାଜନଗର ଅଞ୍ଚଳର ସୁନାମଧନ୍ୟ କବିରାଜ ସ୍ୱର୍ଗତ ବଟକୃଷ୍ଣ ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର ବିଶିଷ୍ଟ ସାହିତ୍ୟିକ କବି ଚିତ୍ତ ରଞ୍ଜନ ମିଶ୍ର(୭୦ବର୍ଷ )ଙ୍କର ଗତକାଲି ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମିଶ୍ର କୋଅପରେଟିଭ ସୋସାଇଟିର ସହକାରୀ ରେଜିଷ୍ଟ୍ରାର ଭାବେ କାର୍ଯ୍ୟକରି ଅବିଭକ୍ତ କଟକ ଜିଲ୍ଲାରେ ବେଶ୍ ସୁନାମ ଅର୍ଜନ କରିଥିଲେ। ଓଡିଆ ସାହିତ୍ୟ ଜଗତରେ ସମକାଳୀନ କବି ଭାବରେ ସୁଖ୍ୟାତି ଅର୍ଜନ କରିବା ସହିତ ସାହିତ୍ୟ ପ୍ରେମୀଙ୍କ ନିକଟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସ୍ୱର୍ଗତ ମିଶ୍ର ସମବାୟବିତ୍, କବିତା ସଂଯୋଜନାରେ ଅନନ୍ୟ ପ୍ରତିଭାର ପରିଚୟ କରିଥିଲେ। ସେ ଏକାଧାରରେ ମିଷ୍ଟଭାଷୀ, ସ୍ନେହଶୀଳ ଓ ପରୋପକାରୀ ବ୍ୟକ୍ତି ଭାବରେ ପରିଚିତ ଥିଲେ। ତାଙ୍କ ପରଲୋକରେ ସମଗ୍ର ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, ପ୍ରଫେସର ଅତୁଳ ବଳ, ପ୍ରାଧ୍ୟାପକ ରତ୍ନାକର ନାୟକ, କବି ଅଭିରାମ ସାହୁ, ଭବାନୀ ମହାପାତ୍ର, ଶିକ୍ଷାବିତ୍ ରବିନାରାୟଣ ଲେଙ୍କା, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ୩୭ ମହଲାରୁ ଖସିପଡ଼ି ପାଣିପାଇପ ମିସ୍ତ୍ରିଙ୍କ ମୃତ୍ୟୁ

**ରାଜନଗର, ୧୭।୧(ସମିସ)**:ହାଇଦ୍ରାବାଦରେ ପାଣିପାଇପ ମିସ୍ତ୍ରୀଭାବେ କାର୍ଯ୍ୟ କରୁଥିବାରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ବନବିହାରୀପୁର ଗାଁର ଗିରିଧାରୀ ସାହୁଙ୍କ ପୁଅ ଗୌତମ ସାହୁ (୨୪ବର୍ଷ)୩୭ ମହଲାରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ଗୌତମ ହାଇଦ୍ରାବାଦରେ ମାଇଁ ହୋମ କମ୍ପାନୀରେ ସେ ପାଣିପାଇପ କାମ କରୁଥିଲେ। ଗତକାଲି ସେ ହାଇଦ୍ରାବାଦର ଏକ ୩୭ ମହଲା କୋଠା ଉପରେ ଚଢି ପାଣି ପାଇପ ସଜାଡୁଥିବା ବେଳେ କୌଣସି କାରଣରୁ ତଳକୁ ଖସିପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲକୁ ନିଆଯାଇଥିଲା।



ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରର ଆର୍ôଥକ ଅବସ୍ଥା ଭଲ ନଥିବାରୁ ଗୌତମଙ୍କ ଶବ ସତ୍କାର ହାଇଦ୍ରାବାଦରେ ତାଙ୍କ ସମ୍ପର୍କୀୟମାନେ କରିଛନ୍ତି। ଗିରିଧାରୀଙ୍କ ଦୁଇପୁଅ ମଧ୍ୟରୁ ବଡପୁଅ ଗୌତମ ପାଣିପାଇପ କାମ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ହଠାତ୍ ଗୌତମଙ୍କ ମୃତ୍ୟୁରେ ତାଙ୍କ ପରିବାରରେ ଶୋକର ଛାୟା ଖେଳି ଯାଇଛି।

## ଦୁଇ ଧାନଗଦା ଜଳିଗଲା



**ରାଜନଗର, ୧୭।୧(ସମିସ)**: ରାଜନଗର ବ୍ଲକଖମାରସାହି ପଞ୍ଚାୟତର ରାଜେନ୍ଦ୍ରନାରାୟଣପୁର ଗାଁରେ ଆଜି ଅଗ୍ନିକାଣ୍ଡ ଘଟି ଦୁଇଟି ଧାନଗଦା ପୋଡି ପାଉଁଶ ହୋଇଯାଇଛି। ଏହି ଗାଁର ସୁକୁମାର ମଣ୍ଡଳ ୭ ଏକର ଜମିରେ ଧାନଚାଷ କରିଥିଲେ। ସେଖଳାକରି ଧାନକାଟି ଗଦା ମାରିଥିଲେ। ଆଜି ଦିନ ପ୍ରାୟ ୧୦ ଘଟିକା ସମୟରେ ହଠାତ୍ ଅଗ୍ନିକାଣ୍ଡ ଘଟି ଦୁଇଟି ବଡ ବଡ ଧାନଗଦା ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ସବୁ ପୋଡି ସାରିଥିଲା। ସୁକୁମାର ସାହୁକାର ଠୁଁ ଟଙ୍କା ଆଣି ଧାନଚାଷ କରିଥିଲେ। ସବୁ ପୋଡି ପାଉଁଶ ହୋଇଯିବା ପରେ ସୁକୁମାର କିପରି ପରିବାର ଚଳାଇବେ ଓ ସାହୁକାରର ଋଣ ସୁଝିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ଡାଫୋଡିଲ ସ୍କୁଲର ବାର୍ଷିକ ଉତ୍ସବ




**ମାର୍ଶାଘାଇ, ୧୭।୧(ସମିସ)**: ମାର୍ଶାଘାଇ ଶିଳିପୁରସ୍ଥିତ ଡ଼ଲଫିନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡାଫୋଡିଲ ଇଂଲିଶ ମିଡ଼ିଅମ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ଼ଲଫିନ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ତୁଷାର ପଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ ତଥା ଜ୍ୟୋତିର୍ବିଦ ନାରାୟଣ ପତି, କେନ୍ଦ୍ରାପଡ଼ା ମୁନିସପାଲିଟି ବ୍ଲାଇଣ୍ଡ ସ୍କୁଲର ପ୍ରିନ୍ସିପାଲ ସ୍ୱପ୍ନାଶ କୁମାର ଦାସ, ଶିକ୍ଷକ ନିରଞ୍ଜନ ରାଉତ ଅତିଥି ଭାବେ ଯୋଗଦେଇଥିଲେ। ଡାଫୋଡିଲ ଇଂଲିଶ ମିଡ଼ିଅମ ସ୍କୁଲର ପ୍ରିନସିପାଲ ଅମ୍ରିତା ପଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ଭାଇସ ପ୍ରିନ୍ସିପାଲ ଅମରେନ୍ଦ୍ର ବେହେରା, ସଂଯୁକ୍ତା ସାମଲ, ପ୍ରଜ୍ଞା ନାୟକ, ଅଶୋକ ରାଉତ, ପ୍ରମିତ ଦାସ, ସୌଦାମିନୀ ସାହୁ, ପ୍ରିୟଙ୍କା ସାହୁ, ଅଭିମନ୍ୟୁ ପରିଡ଼ା, କଳ୍ପତରୁ ରାଉତ, ଅରିନ୍ଦମ ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଓଳାଭର, ୧୭।୧(ସମିସ)**:

ରାଜକନିକା ବ୍ଲକ ଓଳାଭର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ ହୋଇଛି। ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନେଇ ଆୟୋଜିତ ଶିବିରକୁ ଅଧ୍ୟକ୍ଷ ହଳଧର ବେହେରା ଉଦଘାଟନ କରିବା ସହ ସଭାରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜିକା ଅଧ୍ୟାପିକା ମଧୁସ୍ମିତା ଶୁକ୍ଳାଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ରାଜନୀତି ବିଭାଗର ମୁଖ୍ୟ ଅଧ୍ୟାପକ ରବୀନ୍ଦ୍ର କୁମାର ସେନାପତି, ଇତିହାସ ବିଭାଗର ମୁଖ୍ୟ ମୁରଲୀଧର କର,




ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଭାକର ବେହେରା, ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ଚିନ୍ମୟ ରଞ୍ଜନ ସାହୁ ଯୋଗଦେଇ ବାଳିକା ଆତ୍ମରକ୍ଷାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରେନର ଭାବେ ମିସ୍ ଅଞ୍ଜନା ନାୟକ, ଓ ମିସ୍ ସବେରା ବେଗମ୍ ଯୋଗଦେଇ ଶିବିରାର୍ଥୀ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ନୂତନ ନୂତନ କୌଶଳ ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ। ପରିଶେଷରେ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଆୟୋଜିକା ଅଧ୍ୟାପିକା ବାସନ୍ତୀ ଜେନା ବାଳିକାମାନଙ୍କର ସୁରକ୍ଷା ସମ୍ପର୍କରେ ନିଜର ବାର୍ତ୍ତା ରଖି ଧନ୍ୟବାଦ ଅର୍ପଣ କରିଥିଲେ।





# ଖୋଲିଲା ଶ୍ରୀସେତୁ, ଶ୍ରୀଦାଣ୍ଡ

## କାର୍ଯ୍ୟକ୍ଷମ ହେଲା ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର

**ଖୋଲିଲା ବହୁ ପ୍ରତୀକ୍ଷିତ ତଥା ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ୍ (ଶ୍ରୀସେତୁ) । ସେହିପରି ଶ୍ରୀଦାଣ୍ଡ ଏବଂ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର (ଜେବିପିସି) ବି ଭକ୍ତଙ୍କୁ ସେବା ଯୋଗାଇବା ପାଇଁ କାର୍ଯ୍ୟକ୍ଷମ କରିଛି । ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅଂଶବିଶେଷ ଉପରୋକ୍ତ ୩ଟି ପ୍ରକଳ୍ପକୁ ଦର୍ଶନାର୍ଥୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ଫଳରେ ଶ୍ରୀସେତୁ ଏବଂ ଶ୍ରୀଦାଣ୍ଡରେ ଭକ୍ତଙ୍କ ଗାଡ଼ି ଗଡ଼ିଥିବା ବେଳେ ଜେବିପିସିରେ ଗାଡ଼ି ପାର୍କିଂର ସୁବିଧା ଉପଲବ୍ଧ ହୋଇଛି ।**

### ଶ୍ରୀସେତୁ

ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଡିଜାଇନର ଶ୍ରୀସେତୁ ରାଜ୍ୟରେ ପ୍ରଥମକରି ନିର୍ମାଣ ହୋଇଛି । ଏହାର ନିର୍ମାଣ ଡିଜାଇନ ବି ବଡ଼ ବିଚିତ୍ର ଶୈଳୀରେ ହୋଇଛି । ଦୂରରୁ ହାତୀ ଶୁଣ୍ଢ ଭଳି ପ୍ରତୀୟମାନ ହେଉଥିବା ଏହି ସେତୁ ପୁରୀକୁ ଆସୁଥିବା ଦେଶ ବିଦେଶର ଯାତ୍ରୀ, ପର୍ଯ୍ୟଟକ ଏବଂ ଦର୍ଶନାର୍ଥୀଙ୍କ ପାଇଁ ଏମୁଖ୍ୟ ଆକର୍ଷଣ ଏବଂ ସହାୟକ ହେବ । ଏହାର ବିଶେଷତ୍ୱ ହେଉଛି ପୁରୀକୁ ଆସୁଥିବା ସମସ୍ତ ଚାରିଚକିଆ ମଙ୍ଗଳାଘାଟ ବାଇପାସ୍ ଦେଇ ସିଧାସଳଖ ଶ୍ରୀସେତୁ ମାଧ୍ୟମରେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସର ବହୁତଳ ପାର୍କିଂରେ ପହଞ୍ଚିବେ । ସେଠାରେ ଗାଡ଼ି ପାର୍କିଂ କରିବେ । ଏହା ଦ୍ୱାରା ବଡଦାଣ୍ଡରେ ଚାରି ଚକିଆ ଯାନ ଚଳାଚଳର ଚାପ ଏବଂ ଟ୍ରାଫିକ୍ ଜାମ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ । ସହର ମଧ୍ୟରେ ଚାରିଚକିଆ ଗାଡି ପ୍ରବେଶ ନେଇ ବିଭିନ୍ନ ସମୟରେ ଯେଉଁ ଟ୍ରାଫିକ ସମସ୍ୟା ହେଉଥିଲା ତାହା ଦୂର ହେବ । ସେହିପରି ସମଙ୍ଗ ମେଗା ପାର୍କିଂକୁ ମଧ୍ୟ ଏହି ସେତୁକୁ ସଂଯୋଗ କରାଯାଇଛି । ଫଳରେ ରଥଯାତ୍ରା କିମ୍ବା ଅନ୍ୟାନ୍ୟ ବଡ଼ ବଡ଼ ପର୍ବପର୍ବାଣି ସମୟରେ ଯାତ୍ରୀମାନେ ସିଧାସଳଖ ସମଙ୍ଗ ପାର୍କିଂରେ ପହଞ୍ଚିବେ । ସେଠାରେ ଗାଡ଼ି ପାର୍କିଂ କରିବେ । ସେହି ପାର୍କିଂରୁ ବ୍ୟାଟେରି ଚାଳିତ ଗାଡ଼ିରେ ଜଗନ୍ନାଥବଲ୍ଲଭରେ ପହଞ୍ଚିପାରିବେ । ମୋଟାମୋଟି ଯାତ୍ରୀ, ପର୍ଯ୍ୟଟକ ମଧ୍ୟ କମ୍ ସମୟ ମଧ୍ୟରେ ପୁରୀରେ ପ୍ରବେଶ କରିବା ସହ ନିଜ କାମ ସାରି ଶୀଘ୍ର ଫେରିପାରିବେ । ଅବଢ଼ା ଯୋଜନାରେ ପ୍ରାୟ ୧୬୧.୪୩ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଛି ୨ କିମି ୩୦୦ ମିଟର ଲମ୍ବର ଶ୍ରୀସେତୁ । ଏହାର ନିର୍ମାଣ ନିମନ୍ତେ ସରକାରୀ ଓ ବେସରକାରୀ ଖାତାରୁ ମୋଟ ୩୭ ଏକର ୯୮୪ ଡେସିମିଲ ଜମି ଅଧିଗ୍ରହଣ କରାଯାଇଛି । ୪ଟି ମୌଜା ସମଙ୍ଗ, ମାଟିତୋଟା, ମାର୍କଣ୍ଡେଶ୍ୱର ସାହି ନଂ-୧ ଓ ଦାଣ୍ଡିମାଳ ସାହିରୁ ଜମି ଅଧିଗ୍ରହଣ ହୋଇଛି । ମୋଟ ଜମି ମଧ୍ୟରୁ ବେସରକାରୀ ଜମି ୩୪ ଏକର ୨୪୬ ଡେସିମିଲ ଥିବା ବେଳେ ସରକାରୀ ଜମି ୩ ଏକର ୭୩୮ ଡେସିମିଲ ରହିଛି ।

### ଶ୍ରୀଦାଣ୍ଡ

ସେହିପରି ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର (ଜେବିପିସି) ରୁ ଦୋଳବେଦୀକୁ ସଂଯୋଗ ହୋଇଥିବା ନୂଆରାସ୍ତା ହେଉଛି 'ଶ୍ରୀଦାଣ୍ଡ' । ଏହି ରାସ୍ତା ଜେବିପିସିଠାରୁ ଆରମ୍ଭ ହୋଇ ଦୋଳବେଦୀ ପର୍ଯ୍ୟନ୍ତ ଦାଣ୍ଡିମାଳ ସାହି ଓ ଚୁଡଙ୍ଗ ସାହି ମଧ୍ୟ ଦେଇ ତିଆରି ହୋଇଛି । ଏଥିପାଇଁ ଚୁଡଙ୍ଗ ସାହିରୁ ୦.୮୭୯୮ ଏକର ଓ ଦାଣ୍ଡିମାଳ ସାହିରୁ ୦, ୨୬୫ ଏକର ସମୁଦାୟ ୧.୧୪୪୮ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯାଇଛି । ଏଥିରେ ୬୮ ପ୍ରତିଶତ ଜଗନ୍ନାଥ ମନ୍ଦିର ଓ ସରକାରୀ ଜାଗା ଥିବାବେଳେ ୩୨ ପ୍ରତିଶତ ଘରୋଇ ଜମି ରହିଛି । ରାସ୍ତାର ଲମ୍ବ ୮୦୦ ମିଟର, ପ୍ରସ୍ଥ ୧୨ ମିଟର ରହିଛି । ଏଥିପାଇଁ ୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ରାଜ୍ୟ ସରକାର । ଏହି ନୂଆ ରାସ୍ତା ପାଇଁ ଚୁଡଙ୍ଗସାହିର ୬୬ ପରିବାର ଓ ଦାଣ୍ଡିମାଳସାହିର ୧୮ ପରିବାର ଏହିପରି ମୋଟ୍ ୮୪ ପରିବାର ପ୍ରଭାବିତ ହୋଇଛନ୍ତି । ହେଲେ ମହାପ୍ରଭୁଙ୍କ କାମ ପାଇଁ ସାହିବାସୀ ସେମାନଙ୍କ ଭିଟାମାଟିକୁ ସମର୍ପି ଦେଇଛନ୍ତି । ଏଣିକି ଏହି ରାସ୍ତା ଶ୍ରୀମନ୍ଦିରକୁ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ ସାଜିବ । ଶ୍ରୀଦାଣ୍ଡ ବଡଦାଣ୍ଡର ବିକଳ୍ପ ହେବ । ଶ୍ରଦ୍ଧାଳୁମାନେ ସହଳ ମନ୍ଦିରରେ ପହଞ୍ଚି ପାରିବେ ଏବଂ ବଡ଼ଦାଣ୍ଡ ଗହଳିମୁକ୍ତ ହେବ । ରଥଯାତ୍ରା ଓ ବିଭିନ୍ନ ପର୍ବପର୍ବାଣୀରେ ଠାକୁରଙ୍କ ଦର୍ଶନ ସହଳ ଓ ସହଜସାପେକ୍ଷ ହୋଇପାରିବ । ବାହାରୁ ଆସୁଥିବା ଗାଡିଗୁଡିକ ଶ୍ରୀସେତୁ ଦେଇ ଜେବିପିସି ପାର୍କିଂ ସ୍ଥଳରେ ପହଞ୍ଚିବ । ସେଠାରୁ ସମସ୍ତ ଯାତ୍ରୀ ପାଦରେ ଚାଲି ଚାଲି ଓ ବ୍ୟାଟେରୀ ଚାଳିତ ଗାଡିରେ ଶ୍ରୀମନ୍ଦିରକୁ ଯିବେ । ମହାପ୍ରଭୁଙ୍କୁ ଦର୍ଶନ କରି ପୁନଶ୍ଚ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚି ଶୀଘ୍ର ଫେରିପାରିବେ । ଜରୁରୀକାଳୀନ ସେବାଗୁଡିକ ମଧ୍ୟ ଏହି ରାସ୍ତା ଦେଇ ସହଜରେ ଯୋଗାଇ ଦିଆଯାଇ ପାରିବ । ଏହିସବୁ ଦୃଷ୍ଟିରୁ ପ୍ରକଳ୍ପର ସକାରାତ୍ମକ ପ୍ରଭାବ ଅଧିକ ବୋଲି କୁହାଯାଉଛି ।

### ଜେବିପିସି

ମହାପ୍ରଭୁଙ୍କ ଦର୍ଶନ ପାଇଁ ଗାଡ଼ିରେ ଆସୁଥିବା ଭକ୍ତ, ପର୍ଯ୍ୟଟକମାନେ ଯେପରି ଟ୍ରାଫିକ ସମସ୍ୟାରେ ନ ପଡ଼ିବେ ସେଥିପାଇଁ ଜଗନ୍ନାଥ ବଲ୍ଲଭ ପରିସରରେ ତିଆରି ହୋଇଛି ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର (ଜେବିପିସି) । ଏଠାରେ ବହୁତଳ ପାର୍କିଂ ସୁବିଧା ସାଙ୍ଗକୁ ୧୮ ୯ଟି ଦୋକାନ ଘର, ସବୁ ମହଲାରେ ଲବି, ୧, ୮୪୦ ବର୍ଗମିଟର ଅଞ୍ଚଳରେ ଫୁଡ୍‌କୋର୍ଟ ଏବଂ ଏଣ୍ଟରଟେନମେଣ୍ଟ ଜୋନ, ଉପର ମହଲାରେ ୬, ୯୩୬ ବର୍ଗ ମିଟର ଅଞ୍ଚଳରେ ଧ୍ୟାନକେନ୍ଦ୍ର ଆଦି ନିର୍ମାଣ ହେଉଛି । ଏବେ ଏଠାରେ ତିନୋଟି ମହଲାରେ ପାର୍କିଂ କାର୍ଯ୍ୟକ୍ଷମ କରିଛି । ଆଗକୁ ଅନ୍ୟ ସୁବିଧା ଉପଲବ୍ଧ ହେବ । ପାର୍କିଂ ଦୃଷ୍ଟିରୁ ଦେଖିଲେ ଏଠାରେ ଏକକାଳୀନ ୧, ୪୨୦ କାର୍ ଏବଂ ୩୦୮ ଦୁଇଚକିଆ ଯାନ ପାର୍କିଂ କରିପାରିବ । ବେସ୍‌ମେଣ୍ଟରେ ୩୫୦ କାର୍, ତଳ ମହଲାରେ ୨୬୦ କାର୍, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମହଲାରେ ୨୭୦ଟି ଲେଖାଏ କାର୍ ରହିପାରିବ । ସେହିପରି ବେସ୍‌ମେଣ୍ଟରେ ୭୪ଟି ବାଇକ୍, ତଳ ମହଲାରେ ୭୨ଟି, ପ୍ରଥମ ମହଲା, ତୃତୀୟ ମହଲା ଏବଂ ଚତୁର୍ଥ ମହଲାରେ ୫୪ଟି ଲେଖାଏ ଅର୍ଥାତ୍ ମୋଟ ୩୦୮ ଟି ବାଇକ୍ ପାର୍କିଂ କରିପାରିବ । ଏକକାଳୀନ ୬, ୬୯୪ ଲୋକଙ୍କ କ୍ଷମତା ରଖୁଥିବା ଏହି ତୀର୍ଥଯାତ୍ରୀ କେନ୍ଦ୍ରର ଉପର ମହଲାରେ ୬, ୯୩୬ ବର୍ଗମିଟର ଅଞ୍ଚଳରେ ଧ୍ୟାନକେନ୍ଦ୍ର, ଲାଉଞ୍ଜ ଏବଂ ଖୋଲା ଲନ୍ ରହିଛି । ଏକକାଳୀନ ୨, ୨୦୦ରୁ ଊର୍ଦ୍ଧ୍ୱ ଲୋକ ଏଠାରେ ବସିପାରିବେ । ଯେ କୌଣସି ପ୍ରକାର ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଏଠାରେ କରାଯାଇପାରିବ । ଯାତ୍ରୀମାନେ ଶ୍ରୀସେତୁ ଦେଇ ସିଧାସଳଖ ଏହି ତୀର୍ଥଯାତ୍ରୀ କେନ୍ଦ୍ରରେ ପହଞ୍ଚିବେ । ଏହିଠାରେ ଗାଡ଼ି ପାର୍କିଂ କରିବା ପରେ ବ୍ୟାଟେରୀ ଚାଳିତ ଅଟୋରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିବେ । ମହାପ୍ରଭୁଙ୍କୁ ଦର୍ଶନ କରି ପୁନଶ୍ଚ ଏଠାରେ ପହଞ୍ଚି ଗାଡ଼ି ଧରି ଫେରିପାରିବେ । ଫଳରେ ସେମାନଙ୍କୁ ସହର ଭିତରେ କୌଣସି ଜାଗାରେ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ।















ଶ୍ରୀଜୀଉଙ୍କ ଦୈନନ୍ଦିନ ବ୍ୟବହାର ହେଉଥିବା ବସ୍ତ୍ର ଓ ପୁଷ୍ପ

### ୭୫ ମିଟର ହେରିଟେଜ୍ କରିଡର

- **ଗ୍ରୀନ୍ ଜୋନ୍ (୭ ମିଟର):** ଏହି ଅଞ୍ଚଳ ମେଘନାଦ ପାଚେରୀ ସହ ସଂଲଗ୍ନ । ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ୨ ମିଟର ସିମେଣ୍ଟ ଅଞ୍ଚଳକୁ ବାଦ ଦିଆଯାଇଛି । ଅବଶିଷ୍ଟ ୫ ମିଟରରେ ଏକଫୁଟ ଉଚ୍ଚର ଉଦ୍ୟାନ ସୃଷ୍ଟି କରାଯାଇଛି ।
- **ଆଭ୍ୟନ୍ତରୀଣ ପ୍ରଦକ୍ଷିଣ ପଥ (୧୦ ମିଟର):** ଏହି ଅଂଶ ଦେଇ ମହାପ୍ରଭୁଙ୍କ ବିଭିନ୍ନ ନିତିକାନ୍ତି ସମୟରେ ଯାତାୟତ ହେବ ଓ ଶ୍ରଦ୍ଧାଳୁ ମନ୍ଦିର ପରିକ୍ରମା କରିବେ ।
- **ଲ୍ୟାଣ୍ଡସ୍କେପ୍ ଜୋନ୍ (୧୪ ମିଟର):** ଏହି ଅଞ୍ଚଳରେ ଉଦ୍ୟାନ ନିର୍ମାଣ କରାଯାଇଛି । ଏହା ସହ ମହାପ୍ରଭୁଙ୍କ ନିତ୍ୟ ନୈମିତ୍ତିକ କାର୍ଯ୍ୟରେ ବ୍ୟବହୃତ ଫୁଲ ଓ ବୃକ୍ଷ ରୋପଣ କରାଯାଇଛି ।
- **ବାହ୍ୟ ପ୍ରଦକ୍ଷିଣ ପଥ (୮ ମିଟର):** ଦୁଇ ପାର୍ଶ୍ୱରୁ ବୃକ୍ଷରୋପଣ କରାଯାଇଥିବା ଏହି ପଥ ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରଦାନ କରିବ । ଏହି ଗଛ ଛାଇରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ପ୍ରଦକ୍ଷିଣ କରିବେ ।
- **ସାଧାରଣ ସୁବିଧା ପଥ (୧୦ ମିଟର):** ବୃକ୍ଷଲତା ସହ ଏହି ଜୋନ୍‌ରେ ସାଧାରଣ ଲୋକ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ସୂଚନା କେନ୍ଦ୍ର, ଦାନ କିଓସ୍କ ଓ ବିଶ୍ରାମ ନିମନ୍ତେ ସ୍ଥାନ ରହିଛି ।
- **ସର୍ଭିସ୍ ଲେନ (୪.୫ମିଟର):** ଏହି ପଥ ଶ୍ରୀମନ୍ଦିରକୁ ସାମଗ୍ରୀ ଯୋଗାଣ କରୁଥିବା ଗାଡ଼ିମୋଟର ପାଇଁ ନିର୍ମାଣ କରାଯାଇଛି । ଏହା ସହ ଏହି ଜୋନ୍‌ରୁ ସବୁ କରିଡ଼ରର ମରାମତି ପାଇଁ ବ୍ୟବସ୍ଥା ରହିଛି ।
- **ଇମର୍ଜେନ୍ସି ଲେନ୍ (୪.୫ ମିଟର):** ଜରୁରୀ ପରିସ୍ଥିତିରେ ଏହି ଲେନ୍‌କୁ ବ୍ୟବହାର କରାଯିବ । ଏହି ରାସ୍ତାରେ ସଟଲ୍ ବସ୍ ଓ ଜରୁରୀକାଳୀନ ଗାଡ଼ିମେଟର ଚଳାଚଳ କରିବ ।
- **ମିକ୍ସଡ୍ ଟ୍ରାଫିକ୍ ଲେନ୍ (୭.୫ ମିଟର):** ପରିକ୍ରମା ପ୍ରକଳ୍ପ ଓ ହେରିଟେଜ କରିଡ଼ରର ଚାରିପଟେ ଗାଡ଼ିମୋଟର ଚଳଚଳରେ ସହାୟତା ନିମନ୍ତେ ଏହି ଲେନ୍ ନିର୍ମାଣ କରାଯାଇଛି ।
- **ପାଦଚଲା ପଥ (୭ ମିଟର):** ଏହି ପଥ ଶ୍ରଦ୍ଧାଳୁଙ୍କ ପାଇଁ ନିର୍ମାଣ କରାଯାଇଛି । ପାଦରେ ଚାଲିଚାଲି ଏହି ରାସ୍ତା ଦେଇ ଶ୍ରୀମନ୍ଦିର ଚାରିପଟେ ଦେଖି ପାରିବେ । ଏହା ସହ ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କ ଅଧିକାରୀଙ୍କ ଗାଡ଼ିମୋଟର ମଧ୍ୟ ଏହି ପଥରେ ପାର୍କିଂ କରାଯାଇ ପାରିବ ।














ପୌଷ ଶୁକ୍ଳ ସପ୍ତମୀ । ସମୟ ଅପରାହ୍ଣ ଗୋଟାଏ ୧୫ରୁ ସାଢ଼େ ଗୋଟାଏ । ବିଶ୍ୱ ଦେଖିଲା କୋଟି କୈବଲ୍ୟନାଥଙ୍କ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ । ଶୁଭ ଲଗ୍ନରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ବେଦମନ୍ତ୍ର ସାଙ୍ଗକୁ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନିରେ ପୂରା ଶ୍ରୀକ୍ଷେତ୍ର ପ୍ରକମ୍ପିତ ହୋଇଉଠିଥିଲା । ଶ୍ରୀକ୍ଷେତ୍ର ଇତିହାସରେ ଆଜି ଯୋଡ଼ି ହୋଇଥିବା ଏହି ନୂଆ ଅଧ୍ୟାୟକୁ ଆବାଳବୃଦ୍ଧବନିତା ଦେଖିବା ସହ ଭକ୍ତିରସରେ ଭିଜିଥିଲେ । ଭଜନ, କୀର୍ତ୍ତନରେ ପୂରା ଗଗନପବନ ଜଗନ୍ନାଥମୟ ହୋଇଉଠିଥିଲା । ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ବରେଣ୍ୟ ବ୍ରାହ୍ମଣମାନଙ୍କ ଦ୍ୱାରା ପଞ୍ଚ କସାୟନରେ ପରିକ୍ରମା ପ୍ରକଳ୍ପ ଫଳକ ଏବଂ ପଥକୁ ଶୋଧ କରାଯାଇଥିଲା । ଦିନ ୧୨ଟାରେ ବେଦପାଠ ପୂର୍ବକ ଶ୍ରୀନଅରରୁ ଗଜପତି ମହାରାଜ ଦିବ୍ୟସିଂହ ଦେବ ଯଜ୍ଞସ୍ଥଳକୁ ବିଜେ କରି ତ୍ରିଦିନାତ୍ମକ ମହାଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ । ପରେ ସଭାସ୍ଥଳକୁ ଯାଇ ନିମନ୍ତ୍ରିତ ସାଧୁସନ୍ଥ ଏବଂ ଅତିଥିମାନଙ୍କୁ ଉଭୟ ଗଜପତି ମହାରାଜ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବୋଧିତ କରିଥିଲେ । ଏହି ଉପଲକ୍ଷେ ପୁରୀରେ ହୋଇଥିବା ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା ।



# ବିଶ୍ୱ ଦେଖିଲା ବିଶ୍ୱନିୟନ୍ତାଙ୍କ 'ପରିକ୍ରମା'



## ବର୍ଷା ଦେଲା ଶୁଭ ସଙ୍କେତ





ପୌଷ ଶୁକ୍ଳ ସପ୍ତମୀ ତିଥିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଶୁଭ ଲଗ୍ନ ଧାର୍ଯ୍ୟ ହୋଇଥିଲା । ସେହି ସୂଚୀ ଅନୁଯାୟୀ ବୁଧବାର ସକାଳେ ତ୍ରିଦିନାତ୍ମକ ମହାଯଜ୍ଞ ଆରମ୍ଭ ହୋଇଥିଲା । ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନି ଏବଂ ଯଜ୍ଞ ଆହୁତିରେ ଶ୍ରୀମନ୍ଦିର ଏବଂ ବଡ଼ଦାଣ୍ଡରେ ସୃଷ୍ଟି ହୋଇଥିଲା ଭିନ୍ନ ଏକ ଆଧ୍ୟାତ୍ମିକ ପରିବେଶ । ଅପରାହ୍ଣ ୧ଟା ୧୫ରୁ ସାଢେ ୧ଟା ମଧ୍ୟରେ ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଫଳକ ଉନ୍ମୋଚନ କରିବା ଲାଗି ସମୟ ସ୍ଥିର ହୋଇଥିଲା । ହେଲେ ଲୋକାର୍ପଣ ପୂର୍ବରୁ ବର୍ଷା ଦେଇଥିଲା ଶୁଭ ସଙ୍କେତ । ସକାଳ ପ୍ରାୟ ୯ଟା ବେଳକୁ ଶ୍ରୀକ୍ଷେତ୍ର ଆକାଶରୁ ପଡ଼ିଥିଲା ଝିପି ଝିପି ବର୍ଷା । ହେଲେ ଭାବଭକ୍ତିରେ ମଜ୍ଜି ଯାଇଥିବା ଭକ୍ତ ଭିଜୁଥିଲେ ଆଉ ଭିଜୁଥିଲା ବଡ଼ଦାଣ୍ଡ । ଲୋକାର୍ପଣ ପୂର୍ବରୁ ବର୍ଷା ଶୁଭ ସଙ୍କେତ ବୋଲି କହିଛନ୍ତି ଯଜ୍ଞ ପାଇଁ ବରଣ ହୋଇଥିବା ଶ୍ରୋତ୍ରୀୟ ବ୍ରାହ୍ମଣ ବିଶ୍ୱମ୍ଭର ଦାଶ । ସେ କହିଛନ୍ତି, ଯଜ୍ଞ ଆରମ୍ଭ ବର୍ଷା ହୋଇଥିଲା । ଆଜି ମଧ୍ୟ ଲୋକାର୍ପଣ ପୂର୍ବରୁ ଇନ୍ଦ୍ରଦେବ ଅଳ୍ପ ବର୍ଷା କରି ଶୁଭ ସଙ୍କେତ ଦେଇଥିଲେ । ବର୍ଷାରେ ବଡ଼ଦାଣ୍ଡ ଧୋଇ ଅଧିକ ବର୍ଷା ଆଶଙ୍କା କରି ଆମେ ଇନ୍ଦ୍ରବରୁଣ ପୂଜା କଲୁ । ଏହାପରେ ଧୀରେ ଧୀରେ ଆକାଶ ନିର୍ମଳ ହୋଇଗଲା । ଲୋକାର୍ପଣ କାର୍ଯ୍ୟକ୍ରମ ବେଶ୍ ସୁରୁଖୁରରେ ଶେଷ ହୋଇଥିଲା । ତେବେ ଯେଉଁ ଯଜ୍ଞମଣ୍ଡପରେ ଏହି ମହାନ କାର୍ଯ୍ୟ କରାଯାଇଛି ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ବେଦ ପାରାୟଣ ପାଇଁ ମଣ୍ଡପ ନିର୍ମିତ ହୋଇଛି ତାହାକୁ ସ୍ଥାୟୀ ଭାବେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛୁ ବୋଲି କହିଛନ୍ତି ପଣ୍ଡିତ ବିଶ୍ୱମ୍ଭର ଦାଶ ।

'ଶ୍ରୀ କ୍ଷେତ୍ର ପୁରୀ ଦେଖି ଆମେ ବହୁତ ଖୁସି । ମନରେ ଉନ୍ମାଦନା ଭରି ଯାଇଛି । ଲୋକାର୍ପଣ ଉତ୍ସବରେ ସାମିଲ ହୋଇ ମୁଁ ନିଜକୁ ଧନ୍ୟ ମନେ କରୁଛି । ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀ ମନ୍ଦିର ପ୍ରଶାସନର ମିଳିତ ପରିଶ୍ରମ ଆଜି ସଫଳ ହୋଇଛି ।'

- ସନ୍ଥ କ୍ରିଷ୍ଣ ପଶାଇ, କାଠମାଣ୍ଡୁ ନେପାଳ



କୋଟି କୈବଲ୍ୟଙ୍କ ବିଶ୍ୱ ସମ୍ପନ୍ନ ପରିକ୍ରମା ଆଜି ବିଶ୍ୱରେ ନୂଆ ଇତିହାସ ରଚିଛି । ସାରା ବିଶ୍ୱରେ ଏବେ ଜଗନ୍ନାଥ ଜଗନ୍ନାଥ ଶୁଭୁଛି । ମୁଖ୍ୟମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଥିଲେ ସ୍ୱୟଂ ଜଗତର ନାଥ ଜଗନ୍ନାଥ । ନବୀନଙ୍କ ଉଦ୍ୟମରେ ଆଜି ୭୦୦ ବର୍ଷର କାର୍ଯ୍ୟ ସମ୍ପନ୍ନ ହୋଇଛି ।

-ପଣ୍ଡିତ ବିଶ୍ୱମ୍ବର ଦାଶ, ମୁକ୍ତି ମଣ୍ଡପ ସଭା ମୁଖପାତ୍ର



ମୁଁ ପୁରୀ ଆସି ପ୍ରଭୁ କୃପା ପ୍ରାପ୍ତି କଲି । ଆଜି ବିଶ୍ୱ ଦ୍ୱିତୀୟ ରଥ ଯାତ୍ରା ଦେଖିଲା । ଅନ୍ୟାନ୍ୟ, ଅବିଶ୍ୱନୀୟ ହୋଇଛି ଏହି ପରିକ୍ରମା ପ୍ରକଳ୍ପ । ଏହାକୁ ଏତିକି ଦୂର ନେଇକି ଆସିଥିବା ଲୋକ ହେଉଛନ୍ତି ୪ କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

- ମହନ୍ତ ବ୍ରହ୍ମାନନ୍ଦ ଦାଶ, ଢେଙ୍କାନାଳ



ଆମେ ନେପାଳରୁ ଆସିଛୁ । ନିଜକୁ ଗର୍ବ ଅନୁଭବ ହେଉଛି । କାଠମାଣ୍ଡୁ ରେ ମଧ୍ୟ ଜଗନ୍ନାଥ ସଂସ୍କୃତି ଦେଖିବାକୁ ମିଳିଥାଏ । ଓଡ଼ିଶା ସରକାର ଏହାକୁ ବିଶ୍ୱ ସ୍ତରୀୟ କରି ପାରିଛନ୍ତି । ପ୍ରଭୁକୃପା ଥିବାରୁ ମୁଁ ଆସିଲି ।

- ସନ୍ନ୍ୟାସୀ, ନେପାଳ



ନିଶ୍ଚିତ ଭାବରେ ପରିକ୍ରମା ପ୍ରକଳ୍ପ ଆମର ପରିଚୟ । ମୁଁ ଏହି ଲୋକାର୍ପଣ ପର୍ବରେ ସାମିଲ ହୋଇ ପାରିଲି । ବେଶ୍ ଖୁସି ଲାଗିଲା । ଆଗା ପୁଣ୍ୟ ଲାଭ କଲା । କୋଟି କୈବଲ୍ୟଙ୍କ ସାନିଧ୍ୟ ପାଇଲି । ପ୍ରଭୁ ମଙ୍ଗଳ କରନ୍ତୁ ।

- ମହନ୍ତ ଶଙ୍କର୍ଷଣ ପୁରୀ, ସୋନପୁର'

## ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ସିଧାପ୍ରସାରଣ ଦେଖିଲେ ଶ୍ରଦ୍ଧାଳୁ




**ବାଲିକୁଦା,୧୭।୧(ସମିସ)**

ବାଲିକୁଦା ପତିତପାବନଜୀଉ ମନ୍ଦିର ନିକଟ ହାଟପଡିଆଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ବ୍ଲକସ୍ତରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥି ଭାବେ ୪ଟି ଜୋନ୍‌ର ଜିଲ୍ଲାପରିଷଦ ଡଲି ପଣ୍ଡା, ଜଟାଧାରୀ ଦାସ, ରୁନିଲତା ବେହେରା, ତଟିନା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ବାବଦରେ କହିଥିଲେ। ପ୍ରବଚକ ମନୋଜ କୁମାର ପ୍ରଧାନ ଓ ସାଥୀ ଜଗନ୍ନାଥ ତତ୍ତ୍ୱ ଉପରେ ପ୍ରବଚନ ଦେଇଥିଲେ। ଉତ୍ସବରେ ବ୍ଲକ ସହକାରୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ, ବରିଷ୍ଠ ସହାୟକ ସନ୍ଦୀପ ସାସମଲ, ମୁଖ୍ୟ କିରାଣି ଜଗନ୍ନାଥ ଜେନା, କୋଷାଧ୍ୟକ୍ଷ ଆଶୁତୋଷ ସ୍ୱାଇଁ, ସତ୍ୟାର୍ଥ ପରିଡା, ଆଦିତ୍ୟ ନନ୍ଦନ ଦାସ, ଶୁଭେନ୍ଦୁ ଦାସ, ସ୍ୱାଧୀନ ଦାସଙ୍କ ସହ ୩୦ ପଞ୍ଚାୟତର ଜନପ୍ରତିନିଧି, ମିଶନ ଶକ୍ତିର ଏମ୍‌ବିକେ, ସିଆରପି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ହଜାର ହଜାର ଜଗନ୍ନାଥ ପ୍ରେମୀ ଯୋଗ ଦେଇଥିଲେ।

**ତିର୍ତ୍ତୋଲ:** ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଦିବସ ବ୍ୟାପି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅଧ୍ୟକ୍ଷ ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମା' ଶାରଳା ମଣ୍ଡଳ କର୍ମକର୍ତ୍ତାଙ୍କ ଦ୍ୱାରା ଶଙ୍ଖ ବାଦନ ଓ ମା' ଶାରଳା ଘଣ୍ଟୁଆ ଦଳଙ୍କ ଦ୍ୱାରା ଘଣ୍ଟ ବାଦନ କରାଯାଇଥିଲା। ପୂର୍ବାହ୍ନରେ ଜିବନିମା ପାଲା ପରିଷଦର ଗାୟିକା ବନଲତା ବେହେରା ଓ ସାଥି ଏବଂ ମା ବିଣାପାଣି ପାଲା ପରିଷଦର ଗାୟକ ମୁଳ ଶିଶିର କୁମାର ପଣ୍ଡା ଓ ସାଥିଙ୍କ ଦ୍ୱାରା ଜଗନ୍ନାଥ ସଂସ୍କୃତି ଉପରେ ପାଲା ପରିବେଷଣ କରାଯାଇଥିଲା। ପରେ ଜଗନ୍ନାଥ ସଂସ୍କୃତି ଉପରେ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରବଚକ ଶରଣାବିନ୍ଦ ଓଝା ଯୋଗଦେଇ ମହାନ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଅତିଥି ଜିଲ୍ଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁନିଲ ବେହେରା, ଗଙ୍ଗାଧର ବିଶ୍ୱାଳ, ରିତା ସିଂ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରାର୍ଥନା ଚ୍ୟାନେଲ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ତିର୍ତ୍ତୋଲ ବିଡିଓ ତପନ କୁମାର ସେନାପତି, ଏବିଡିଓ ସତ୍ୟଜିତ ସ୍ୱାଇଁଙ୍କ ସମେତ ବ୍ଲକର ଅଧିକାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରଘୁନାଥପୁର:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶୁଭ ଉଦ୍‌ଘାଟନ ଉତ୍ସବର ବ୍ଲକସ୍ତରରେ ସିଧା ପ୍ରସାରଣ ଓ ସାଂସ୍କୃତିକ ମଞ୍ଚକୁ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଓ ବିଡିଓ ନମିତା ବାରିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଲଇଡି ଦ୍ୱାରା ପରିକ୍ରମା ପ୍ରକଳ୍ପ ଶୁଭ ଉଦ୍‌ଘାଟନ ପ୍ରସାରଣ ସମସ୍ତେ ଉପଭୋଗ କରିଥିଲେ। ରଘୁନାଥପୁର ବ୍ଲକର ୧୯ଗୋଟି ପଂଚାୟତ କାର୍ଯ୍ୟାଳୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ ଏସ୍‌ଏଚଜି ମହିଳା ଓ ଶତାଧିକ ଜଗନ୍ନାଥପ୍ରେମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ରଘୁନାଥପୁର ବ୍ଲକର ବ୍ଲକ ସ୍ତରୀୟ କୋରକରା ଗ୍ରାମରେ ଥିବା ପ୍ରସିଦ୍ଧ ରୁଦ୍ରେଶ୍ୱର ମନ୍ଦିର ପୀଠରେ ଗୀତିକାର ବାଦଲ କୁମାର ଆଚାର୍ଯ୍ୟ ଓ ରଞ୍ଜନ ମଲ୍ଲିକ, ପାଲାଗାୟୀକା ରୁବି ପାଢୀଙ୍କ ଦ୍ୱାରା ଭଜନ ଓ ପାଲା ମାଧ୍ୟମରେ ଜଗନ୍ନାଥଙ୍କ ପ୍ରସାର ଉପରେ ପ୍ରଚାର କରା ଯାଇଥିଲା। ବିଡିଓ ନମିତା ବାରିକ, ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରୀପାଠି, ଏବିଡିଓ ଜ୍ଞାନଦା ନାୟକ, ବିଜୟ ମଲ୍ଲିକ, ଭବେଶ ଚନ୍ଦ୍ର ବେହେରା, ଦୁଷ୍ମନ୍ତ ନାୟକ, ଲିପିକା ଷଡଙ୍ଗୀ, ସ୍ନେହପ୍ରିୟା ସ୍ୱାଇଁ, ମୀନାରାଣୀ ଦାସ, ତ୍ରିନାଥ ଦାସ, ବିଶ୍ୱଜିତ ଦାସ, ସଂଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।





## ନାଟକ 'କ୍ଲାନ୍ତ ଗଜପତି' ମଞ୍ଚସ୍ଥ



**ଜଗତସିଂହପୁର,୧୭।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଉପଲକ୍ଷେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆର ପୁସ୍ତକମେଳା ମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକବି ନୃତ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି ପରିଷଦ, ଜଗତସିଂହପୁର ଦ୍ୱାରା ଆୟୋଜିତ ନାଟକ 'କ୍ଲାନ୍ତ ଗଜପତି' ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ପାରୁଲ ପଟାୱରି ଯୋଗଦେଇଥିଲେ। ମହେନ୍ଦ୍ର କୁମାର ଆଚାର୍ଯ୍ୟ ନାଟକ ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ଉତ୍କଳ ରଞ୍ଜନ ମହାନ୍ତି। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ସଭାପତି ବିପ୍ଳବ ଚୌଧୁରୀ, ହେମନ୍ତ ରଥ, ଗୋପାଳ କୃଷ୍ଣ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଅବନୀ କାନ୍ତ ମହାରଣା, ପ୍ରମୁଖ ନାଟକ ଉପଭୋଗ କରିଥିଲେ।

## ମା' ସହାଡାସୁନ୍ଦରୀ ଦେବୀଙ୍କ ବାର୍ଷିକ ଉତ୍ସବ



**ବିରିଡି,୧୭।୧(ସମିସ):** ବିରିଡି ବ୍ଲକ ବଟିମିରା ପଞ୍ଚାୟତ ଅକରସାହି ଗ୍ରାମର ଅଧିଷ୍ଠାତ୍ରୀ ମା' ସାହାଡାସୁନ୍ଦରୀ ଦେବୀଙ୍କ ୨୦ତମ ବାର୍ଷିକ ଉତ୍ସବ ପୀଠ ପରିସରରେ ପାଳିତ ହୋଇଯାଇଛି। ମା'ଙ୍କ ସେବିକା ନିଶାମଣୀ ଦେବୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ସହ ଏହି ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଉମାକାନ୍ତ ଭୋଇଙ୍କ ନେତୃତ୍ୱରେ ଭଜନ କୀର୍ତ୍ତନ ଓ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ଯୁବ କବି ସୌମେନ୍ଦ୍ର ମହାପାତ୍ରଙ୍କ ସଂଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ କବି ପୀତାମ୍ବର ମହାପାତ୍ର ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟତ୍ରୀ ଜ୍ୟୋର୍ତିମୟୀ ସାହୁ ବିଚାରକ ଦାୟିତ୍ୱ ତୁଲାଇ ଥିଲେ।

● କୁହୁଡ଼ି ଯୋଗୁଁ ବାଲିଆଷ୍ଟୋରରେ ମର୍ମନ୍ତୁଦ ଦୁର୍ଘଟଣା

## ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ, ଜଣେ ଆହତ

**ବିରିଡି,୧୭।୧(ସମିସ):** ବିରିଡି ଥାନା ଅନ୍ତର୍ଗତ ବାଲିଅଷ୍ଟୋରଠାରେ ବୁଧବାର ସକାଳେ ଏକ ଦୁର୍ଘଟଣା ଘଟି ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମାତ୍ର ଖବର ଲେଖାହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନଥିଲା।

ସୂଚନା ଅନୁଯାଇ ବୁଧବାର ସକାଳ ପ୍ରାୟ ୭ଟାରେ ଏକ ଧଳାରଙ୍ଗର ଏକ କାର୍ (ଓଡ଼ି ୩୩ଏଜେଡ ୯୭୬୨) ଜଗତସିଂହପୁର ଅଭିମୁଖେ ଯାଉଥିଲା। ବାଲିଆଷ୍ଟୋର ବିଶ୍ରାମ କକ୍ଷ ଟିକେ ଆଗକୁ ରାସ୍ତାର ଡାହାଣ ପଟେଥିବା ଏକ ସାଇକଲ ଦୋକାନ ନିକଟରେ ସାଇକଲ ଧରି ଛିଡା ହୋଇଥିବା ଦୁଇ ବ୍ୟକ୍ତିଙ୍କ ଉପରକୁ ମାଡ଼ିଯାଇଥିଲା। କାରଟି ଦ୍ରୁତଗତିରେ ସେମାନଙ୍କ ଉପରକୁ ମାଡିଯିବାସହ ପ୍ରାୟ ୨୦ଫୁଟ ପର୍ଯ୍ୟନ୍ତ ପେଲିନେଇ ଆଗରେ ଥିବା ଏକ ଦୋକାନ କାନ୍ଥରେ ପିଟି ଦେଇଥିଲା। ଉଭୟଙ୍କୁ ୧୦୮ ଯୋଗେ ଜଗତସିଂହପୁର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ସେ ଧରିଥିବା ସାଇକଲରେ ଏକ କିରୋସିନ ଯାର ଟଙ୍ଗାଯାଇଛି। ଅନ୍ୟପଟେ ଆହତ ବ୍ୟକ୍ତି ଷଢ଼େଇ ଶାସନ ଗ୍ରାମର ରମାକାନ୍ତ ଭୋଇ ଚିକିତ୍ସାପରେ ଘରକୁ ଫେରିଛନ୍ତି। ଦୁର୍ଘଟଣା ପରେ ଗାଡି ଚାଳକ ଫେରାର ହୋଇଯାଇଥିବାବେଳେ କାରକୁ ଜବତ କରି ଥାନାକୁ ନେଇଛି ପୁଲିସ। ମୃତ ବ୍ୟକ୍ତିର ଫଟୋ ସାମାଜିକ ଗଣମାଧ୍ୟମରେ ଛାଡି ପରିଚୟ ଖୋଜୁଛି ପୁଲିସ୍

### ମୃତ ବ୍ୟକ୍ତିଙ୍କ ପରିଚୟ ଖୋଜୁଛି ପୁଲିସ୍

## ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ



**ପାରାଦୀପ,୧୭।୧(ସମିସ):** ପାରାଦୀପ ବ୍ୟାଙ୍କ୍‌ଲାଇନରେ ଏଚଡିଏଫସି ବ୍ୟାଙ୍କର ନୂତନ ଶାଖାଉଦ୍‌ଘାଟିତ ହୋଇଯାଇଛି । ମଧୁବନ ବ୍ୟାଙ୍କ ଷ୍ଟ୍ରିଟ୍‌ରେ ଥିବା ଟ୍ରେଡସେଣ୍ଟରରେ ଏଚଡିଏଫସି ପାରାଦୀପ ପୋର୍ଟର ଏହି ଶାଖାକୁ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଛନ୍ତି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି ଏଲ ହରାନାଦ। ଗ୍ରାହକମାନେ ଏହାର ଫାଇଦା ନେବାକୁ କହିଛନ୍ତି ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ଲଷ୍ଟର ହେଡ୍ ସଂଗ୍ରାମ ଅଜିତାଭ ଦାସ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଇଫ୍‌କୋ ଛକର ଶାଖା ପରିଚାଳକ ଜ୍ୟୋତି ରଞ୍ଜନ ବିଶ୍ୱାଳ ଓ ପାରାଦୀପ ପୋର୍ଟ ନୂତନ ଶାଖାର ଶାଖା ପରିଚାଳକ ରାକେଶ କୁମାର ପାତ୍ର ଉପସ୍ଥିତ ଥିଲେ।

## ରଘୁନାଥଜୀଉ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ; ତିନିଘରିଆ ଚାମ୍ପିଅନ୍

**ବିରିଡି,୧୭।୧(ସମିସ):** ବିରିଡି ବ୍ଲକ ୨୨ମୌଜା ପୂରଣ ପଞ୍ଚାୟତ ଅଫିସ ନିକଟ ଖେଳପଡିଆରେ ରଘୁନାଥଜିୟୁ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ତିନିଘରିଆ ଓ ବାରଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସିତ ରହିବାରୁ ଟ୍ରାଇବେକରର ସହାୟତା ନିଆଯାଇଥିଲା। ଏଥିରେ ତିନିଘରିଆ ଜିତି ଚାମ୍ପିଅନ୍ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ବିଜୟଶଙ୍କର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ, ଯୁବସଂଗଠକ ଦେବୀପ୍ରସାଦ ତ୍ରିପାଠୀ, ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନା, ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦିପ୍ତିମୟୀ ରାୟ, ସରପଞ୍ଚ ଯୁଧିଷ୍ଠିର ବେହେରା, ପ୍ରଫେସର ରମାକାନ୍ତ ଭୋଇ ପ୍ରବୀର ଦାସ, ମଞ୍ଜୁଶ୍ରୀ ମହାରଣା, ସୁମିତ୍ରା ପଣ୍ଡା, ସସ୍ମିତା ରଥ, ସୂର୍ଯ୍ୟ ନାରାୟଣ ଦାଶ, ବ୍ରମହାନନ୍ଦ ଦାସ, ଆଦିତ୍ୟ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫିସହ ୧୦୦୦୦ଟଙ୍କା ଓ ପରାଜୟ ଦଳକୁ ଟ୍ରଫିସହ ୮୦୦୦ଟଙ୍କା ପ୍ରଦାନ କରି କରିଥିଲେ। ଟୁର୍ନାମେଣ୍ଟ କୁ କମିଟିର ସଭାପତି ସୁଜିତ କୁମାର ସେନାପତି, ଉପସଭାପତି କିଶୋର କୁମାର ବଗା, ସମ୍ପାଦକ ବିଜୟକୁମାର ବେହେରା,ସହସମ୍ପାଦକ ବାବୁମାହାରଣ, ପ୍ରବନ୍ଧକ ରଞ୍ଜିତ କୁମାର ସାହୁ ଓ କୋଷାଧ୍ୟକ୍ଷ ରଞ୍ଜନ ବେହେରା ପରିଚାଳନା କରିଥିଲେ।



## ସମୀର ଓ ସୁଶୀଲ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

## ସେମିରେ କଟକ ମା' ମଙ୍ଗଳା

**ପାରାଦୀପ,୧୭।୧(ସମିସ):** ବୁଢୀ ଜାତୁଆଣୀ ଯୁବକ ସଂଘ ଜଗତୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର୍ସ ଫାଇନାଲ ମ୍ୟାଚ ରେ ମା' ମଙ୍ଗଳା କଟକ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ୧୨ ଓଭରରେ ୩ ୱିକେଟ ହରାଇ ୧୩୦ ରନ୍ ସଂଗ୍ରହ କରିଥିବା ସମୟରେ ବର୍ଷା ଯୋଗୁଁ ଖେଳକୁ କିଛି ସମୟ ବନ୍ଦ କରାଯାଇଥିଲା। ପାଗ ଅନୁକୂଳ ହେବା ପରେ ମ୍ୟାଚକୁ ୫ ଓଭରକୁ ସୀମିତ କରାଯାଇଥିଲା। ଉକ୍ତ ସୀମିତ ଓଭରକୁ ଇଲେଭେଲ ଷ୍ଟାର ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉକେଟ ହରାଇ ୪୩ ରନ୍ ସଂଗ୍ରହ କରିଥିଲେ। ଜବାବରେ ମା' ମଙ୍ଗଳା କ୍ରିକେଟ ଟିମ୍ ୪ ଓଭର ରେ ୩ ୱିକେଟ ହରାଇ ୪୮ ରନ କରିଥିଲା। ପ୍ରଶାନ୍ତ ସେନାପତି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭୂତମୁଣ୍ଡାଇ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବୁଢି ଯାତୁଆଣୀ ଯୁବକ ସଂଘର ଲକ୍ଷ୍ମୀକାନ୍ତ ଦାଶ, ବୁଦ୍ଧଦେବ ଦାଶ, ଦିନେଶ ପରିଡା, ତପନ ଦାଶ ଓ ସଞ୍ଜୟ ଦାଶ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି ପ୍ରଥମ ସେମିଫାଇନାଲ କଟକ ନିମପୁରଏବଂ ପୁରୀ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ।



## ପବିତ୍ର କୁମାରଙ୍କୁ 'ବ୍ୟାସ ପ୍ରତିଭା ସମ୍ମାନ'



**ତିର୍ତ୍ତୋଲ,୧୭।୧(ସମିସ):** ତିର୍ତ୍ତୋଲ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ତଥା କୁଜଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଡଃ ପବିତ୍ର କୁମାର କରଙ୍କୁ ପାରାଦୀପ ମଧୁବନ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବ୍ୟାସ ଫାଉଣ୍ଡେସନର ତୃତୀୟ ବାର୍ଷିକୋତ୍ସବରେ 'ବ୍ୟାସ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଉତ୍ସବରେ ବରେଣ୍ୟ ଅତିଥି ବିଶିଷ୍ଟ ପ୍ରବଚକ ସତ୍ୟାନନ୍ଦ ଦାସମହାରାଜ, ପାରାଦ୍ୱୀପ ବନ୍ଦର ଟ୍ରଷ୍ଟର ଅଧ୍ୟକ୍ଷ ପିଏଲ ହରନାଦ, ପାରାଦ୍ୱୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଡା. ଦେବଦର୍ଶୀ ରଥ, ଜଗନ୍ନାଥ ସଂସ୍କୃତି ଗବେଷକ ଅଭିନନ୍ଦନ ଦାସ, ସତ୍ୟସାଇ ସେବା ସଙ୍ଗଠନ ରାଜ୍ୟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ, ତିର୍ତ୍ତୋଲ ବ୍ଲକ ଆମ୍ବା ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ, ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ସଭାପତି ସିଦ୍ଧେଶ୍ୱର ପଣ୍ଡାଙ୍କ ଉପସ୍ଥିତିରେ ଶିକ୍ଷାବିତ ଡଃ କରଙ୍କୁ 'ବ୍ୟାସ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରିଥିଲେ।

### ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

## ଓଡ଼ିଆ ସାହିତ୍ୟ ଭାରତୀୟ ଜୀବନ ଦର୍ଶନର ପ୍ରତିଛବି

**ଜଗତସିଂହପୁର,୧୭।୧(ସମିସ)**

ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଜଗତସିଂହପୁର ପୁସ୍ତକ ମେଳାର ତୃତୀୟ ସଂଧ୍ୟାରେ ଆୟୋଜିତ ସାହିତ୍ୟ ସଭାରେ ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁରର ପ୍ରାକ୍ତନ ଜିଲ୍ଲାପାଳ ଧନଞ୍ଜୟ ଦାସ ଯୋଗଦେଇ କହିଲେ ଯେ, ପ୍ରତିଟି ବହି ବା ସାହିତ୍ୟ ମଣିଷ ମନର ଅକୁହା କଥା କୁହେ। ପ୍ରତିଟି ବହି ଭିତରେ ହଜିଗଲାବେଳେ ନୂଆ ଗୋଟିଏ ପୃଥିବୀ ବା ଦୁନିଆର ସନ୍ଧାନ ମିଳିଥାଏ। ସେହି ଦୃଷ୍ଟିରୁ ବିଚାରକଲେ ଓଡ଼ିଆ ସାହିତ୍ୟ ଭାରତୀୟ ଜୀବନ ଦର୍ଶନର ପ୍ରତିଛବି ବହନ କରିଥାଏ। ଏଥିରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସାହିତ୍ୟିକ ହର୍ଷବର୍ଦ୍ଧନ ଧଳମହାପାତ୍ର କହିଲେ ଯେ, ପ୍ରତିଟି ସୃଜନଶୀଳ କାର୍ଯ୍ୟ ପାଇଁ ଉଦ୍ୟମ ନିଶ୍ଚିତ ଭାବେ ଅବିସ୍ମରଣୀୟ। ବହୁ ବାଧାବିଘ୍ନ ସତ୍ତ୍ୱେ ଜଗତସିଂହପୁର ପୁସ୍ତକମେଳା ତାର ଜୟଯାତ୍ରା ଜାରିରଖିଛି। ଓଡ଼ିଆ ସାହିତ୍ୟକୁ ବହୁ ଭାବରେ ସମୃଦ୍ଧ କରିବାରେ ଜଗତସିଂହପୁର ର ଅବଦାନ ରହିଛି।

ଅନୁଷ୍ଠିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ରବୀନ୍ଦ୍ରନାଥ ମିଶ୍ର ବେଦପାଠ କରିଥିବା ବେଳେ କାର୍ଯ୍ୟକାରିଣୀ ସଭ୍ୟ ନାଟ୍ୟକାର ଡ. କୈଳାସ ଚନ୍ଦ୍ର ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ବିଶିଷ୍ଟ ସାହିତ୍ୟିକ, ଓଡ଼ିଆ ଭାଷା ଗବେଷକ ଦେବେନ୍ଦ୍ର କୁମାର ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସାହିତ୍ୟ ଆସର ଉତ୍ସର୍ଗ ହୋଇଥିଲା। ଅତିଥିମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ପରିଶେଷରେ ସାଂସ୍କୃତିକ ପରିଷଦର କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ 'ଝଙ୍କଡ଼ ସାହିତ୍ୟ ସଂସଦ' ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ସ୍ୱାଧୀନତା ସଂଗ୍ରାମୀ ଲୋକନାଥ ରାୟ ସ୍ମାରକୀ ଛେଳିଆଗଡ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏଥିରେ ଲୋକନାଥ ରାୟଙ୍କ ପୁତ୍ର ସମାଜସେବୀ ପ୍ରିୟନାଥ ରାୟ, ଜଗତସିଂହପୁର ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ୍ କୁମାର ଜେନା, ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ ଓ ବିଜୟ କୁମାର ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। କୁଇଜ୍ କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର୍ ପ୍ରଦୀପ୍ତ କିଶୋର ଚୌଧୁରୀ ପରିଚାଳନା କରିଥିବା ବେଳେ ଦୁର୍ଯ୍ୟୋଧନ ମହାରଣା, ଅବିନାଶ ସ୍ୱାଇଁ ଓ ପ୍ରିୟବ୍ରତ ଦାସ ସହଯୋଗ କରିଥିଲେ। ସନ୍ଧ୍ୟାରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଶୁଭ ଉଦଘାଟନ ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ନାଟକ 'କ୍ଲାନ୍ତ ଗଜପତି' ମଞ୍ଚସ୍ଥ ହୋଇଥିଲା। ଏହି ନାଟକକୁ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଉଦଘାଟନ କରିଥିବା ବେଳେ ଜିଲ୍ଲାପାଳ ପାରୁଲ୍ ପଟ୍ଟାୱରୀ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପୌରାଧ୍ୟକ୍ଷ ଅର୍ଚ୍ଚନା ସିଂ, ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି ପରିଷଦ, ଜଗତସିଂହପୁରର କଳାକାର ମାନଙ୍କ ଦ୍ୱାରା ପରିବେଷିତ ଏହି ନାଟକକୁ ମହେନ୍ଦ୍ର କୁମାର ଆଚାର୍ଯ୍ୟ ରଚନା କରିଥିବା ବେଳେ ଉତ୍କଳ ରଞ୍ଜନ ମହାନ୍ତି ନିର୍ଦ୍ଦେଶନା ଦେଇଥିଲେ।



ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂର ଯାତ୍ରା ଯୋଗ ରହିଛି। ପୁରୁଣା ସମସ୍ୟାର ସମାଧାନ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେବ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ। ଚିନ୍ତାମୁକ୍ତ ରହିବେ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଧନ ପ୍ରାପ୍ତି ଯୋଗ ରହିଛି। ଦିନଟି ବ୍ୟସ୍ତତା ଭିତରେ ବିତିବ। ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। କାର୍ଯ୍ୟରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ। ନୂଆ ଯାନ କିଣିପାରନ୍ତି। ପରିବାର ସହିତ ସମ୍ପର୍କ ମଧୁର ହେବ।

**ବିଛା:** ସମସ୍ୟାକୁ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ମନ ଉଦାସ ରହିବ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଭଲ ଦିନ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଆୟରେ ବୃଦ୍ଧି ହେବ। ମାନସିକ ଦୁଶ୍ଚିନ୍ତାରେ ରହିବେ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିବ। ଗାଈଙ୍କୁ ଖାଇବାକୁ ଦିଅନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ।

## ଆଜିର ଇତିହାସ

- ୧୮୮୬- ଲଣ୍ଡନରେ ହକି ଆସୋସିଏସନ୍‌ର ଗଠନ।
- ୧୮୯୬- ପ୍ରଥମ ଥର ଏକ୍ସରେ ମେସିନ୍ ଲୋକଲୋଚନକୁ ଆସିଲା।
- ୧୯୩୦- ରବୀନ୍ଦ୍ର ନାଥ ଟାଗୋର୍ ସାବରମତୀ ଆଶ୍ରମ ଯାତ୍ରା କଲେ।
- ୧୯୯୫- ୟାହୁ ଡଟ୍‌କମ୍ ତା'ର ଡୋମେନ୍ ତିଆରି କଲା।
- ୧୯୯୭- ନସିଫା ଜୋସେଫ୍ ମିସ୍ ଇଣ୍ଡିଆ ହେଲେ।
- ୨୦୦୨- ସିଏରା ଲିଓନରେ ଗୃହଯୁଦ୍ଧ ସମାପ୍ତ ହେଲା।
- ୨୦୦୩- ହିନ୍ଦୀ ଭାଷାର ପ୍ରସିଦ୍ଧ ଲେଖକ ହରିବଂଶ ରାୟ ବଚ୍ଚନଙ୍କ ଦେହାନ୍ତ।



## 'ରେଡ୍-୨'ରେ ରିତେଶ୍‌ଙ୍କ ଏଣ୍ଟ୍ରି

ବଲିଉଡ ଅଭିନେତା ଅଜୟ ଦେବଗନ୍‌ଙ୍କ ବହୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ରେଡ୍'ର ସିକ୍ୱେଲ ନିର୍ମାଣ କରାଯିବ। ନିକଟରେ ଅଜୟ ଏହି ବିଷୟରେ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଏଥିରେ ପୁଣି ଥରେ ଅଜୟ ଆଇଆର୍‌ଏସ୍ ଅଫିସର୍ ଅମୟ ପଟ୍ଟନାୟକଙ୍କ ଭୂମିକାରେ ଦେଖାଯିବେ। ୨୦୧୮ରେ ଆସିଥିବା ଏହି ଚଳଚ୍ଚିତ୍ରରେ ଅଜୟଙ୍କ ସହିତ ଇଲିଆନା ଡିକ୍ରୁଜ୍ ନଜର ଆସିଥିଲେ। ଏହାର ଦ୍ୱିତୀୟ ପାର୍ଟରେ ଇଲିଆନାଙ୍କ ସ୍ଥାନ ନେବେ ବାଣୀ କପୁର। ଏହାର ପ୍ରଥମ ଭାଗରେ ସୌରଭ ଶୁକ୍ଲା ଖଳନାୟକ ଭାବେ ଜବରଦସ୍ତ ଅଭିନୟ କରିଥିଲେ। ଇତିମଧ୍ୟରେ 'ରେଡ୍-୨'ରେ ଖଳନାୟକ ଫାଇନାଲ୍ ହୋଇଥିବା ଜଣାପଡ଼ିଛି। ଏହି ଭୂମିକାରେ ଏବେ ରିତେଶ ଦେଶମୁଖ ଦେଖାଯିବେ। କମେଡି ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବା ରିତେଶ 'ଏକ୍ ଭିଲିଆନ୍'ରେ ନେଗେଟିଭ୍ ରୋଲରେ ଦମଦାର୍ ଅଭିନୟ କରିଥିଲେ। ଏହାପରେ ସେ 'ମରଜାବା' ଫିଲ୍ମରେ ମଧ୍ୟ ଖଳନାୟକ ହୋଇଥିଲେ। ଏବେ ରିତେଶ୍ 'ରେଡ୍-୨'ରେ ନେଗେଟିଭ୍ ରୋଲରେ ଦେଖାଯିବେ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରାଜ୍‌କୁମାର ଗୁପ୍ତା। ୧୫ ନଭେମ୍ବର, ୨୦୨୪ରେ ଏହା ମୁକ୍ତିଲାଭ କରିବ।

## ନିଆରା ସଡ଼କ

### ଦିନରେ ଦୁଇଥର ଦୁଇଘଣ୍ଟା ଦୃଶ୍ୟମାନ



ବିଶ୍ୱର ପ୍ରତ୍ୟେକ ଦେଶରେ ଏମିତି ଦୁର୍ଗମ ସ୍ଥାନ ରହିଛି, ଯେଉଁଠି ଯାତ୍ରା କରିବା ସବୁଠୁ କଠିନ ହୋଇଥାଏ। ଏମିତି ଏକ ରାସ୍ତା ଫ୍ରାନ୍ସରେ ରହିଛି। ଏହାର ନାମ 'ପ୍ୟାସେଜ୍ ଡୁ ଗୋଇସ୍'। ସ୍ଥାନୀୟ ଭାଷାରେ ଗୋଇସ୍‌ର ଅର୍ଥ ଜୋତାକୁ ଓଦା କରି ସଡ଼କ ପାର୍ ହେବା। ୪ କିଲୋମିଟର ଲମ୍ବ ଏହି ରାସ୍ତାରେ ଅଧିକ ଜୁଆର ଆସୁଥିବାରୁ ଏହି ରାସ୍ତାଟି ଅଧିକ ସମୟ ପାଣି ଭିତରେ ବୁଡ଼ି ରହିଥାଏ। ଦିନରେ ଦୁଇଥର ମାତ୍ର ଘଣ୍ଟାଏ କି ଦୁଇଘଣ୍ଟା ଲାଗି ଏହି ରାସ୍ତାଟି ଦୃଶ୍ୟମାନ ହୋଇଥାଏ। ନୋଇରମୋଟିୟର ଦ୍ୱୀପକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଅଚାନକ ପାଣି ସ୍ତର ବଢ଼ିଯାଉଥିବାରୁ ଏଠାରେ ବିପଜ୍ଜନକ ସ୍ଥିତିରେ ପାର୍ ହେବାକୁ ପଡ଼ିଥାଏ। ଅଧିକ ଜୁଆର ମାଡ଼ି ଆସିବା ଯୋଗୁଁ ଏଠାରେ ରାସ୍ତା ଉପରେ ପାଣିର ସୁଅ ଛୁଟିଥାଏ। ଯେଉଁଥିପାଇଁ ପ୍ରତିବର୍ଷ ଅନେକ ଲୋକ ଦୁର୍ଘଟଣାର ଶିକାର ହୁଅନ୍ତି। ଯଦିଓ ପୂର୍ବରୁ ଏହି ସ୍ଥାନରେ ଲୋକେ ଡଙ୍ଗାରେ ଯାଆସ କରୁଥିଲେ, ପରେ ପରେ ଏଠାରେ ପକ୍କା ରାସ୍ତା ନିର୍ମାଣ କରାଯାଇଥିଲା। ୧୯୯୯ରେ ଏହି ସଡ଼କକୁ ଫ୍ରାନ୍ସର ଚର୍ଚ୍ଚିତ ସାଇକଲ ରେସ୍ 'ଟୁର ଡି ଫ୍ରାନ୍ସ' ରୁଟ୍ ଭାବେ ବ୍ୟବହାର କରାଯାଇଥିଲା।

## ଦୁଃଖଶୁଣା ଦୋକାନ



ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସବୁଆଡ଼େ ବିଭିନ୍ନ ଦୋକାନମାନ ଦେଖିବାକୁ ମିଳେ। ତେବେ ଦୁଃଖ ଶୁଣିବା ପାଇଁ ଦୋକାନ ଥିବା କଥା କେହି କେବେ ଜାଣି ନ ଥିବେ। ଏହା ହେଉଛି ଏମିତି ଏକ ଦୋକାନ, ଯେଉଁଠି ଲୋକେ ନିଜ ଦୁଃଖ ବଖାଣିବାକୁ ଆସିଥାନ୍ତି। ବ୍ୟସ୍ତତାମୟ ଦୁନିଆରେ କେହି କାହାକୁ ସମୟ ଦେଉ ନ ଥିବା ବେଳେ ଏହି ଦୋକାନ ଲୋକଙ୍କ ଦୁଃଖକୁ କିଛି ପରିମାଣରେ ଲାଘବ କରିବାରେ ସାହାଯ୍ୟ କରୁଛି। ଫ୍ରେଞ୍ଚ ବ୍ଲଗର୍ ରୁଲେ ଓଲିଭର୍ ହର୍ଭେ ଚୀନ୍‌ର ଝୋଞ୍ଜିୟାଙ୍ଗ ଅଞ୍ଚଳର ହାଙ୍ଗଜାଓ ସିଟିରେ ରୁହନ୍ତି। ସେ ରାସ୍ତାକଡ଼ରେ ଦୁଃଖ ଶୁଣିବାର ଏହି ନିଆରା ଦୋକାନ ଖୋଲିଛନ୍ତି। ଯାହାକି ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏହି ଦୋକାନକୁ ଲୋକମାନେ ନିଜ ଦୁଃଖ ନେଇ ଆସିବା ସହ ସମସ୍ୟାର ସମାଧାନ ବାବଦରେ ସେମାନେ ହର୍ଭେଙ୍କ ସହ ଆଲୋଚନା କରନ୍ତି। ହର୍ଭେ ଲୋକଙ୍କୁ ସ୍ୱତଃପ୍ରବୃତ୍ତ ଭାବେ ଡାକି ସେମାନଙ୍କୁ ଚା' ଦେଇ ସେମାନଙ୍କ ଦୁଃଖ ଶୁଣନ୍ତି। ତାଙ୍କର ଏହି ଦୋକାନରେ ଦୁଇଟି ଚୌକି ପଡ଼ିଥାଏ। ଗୋଟିଏ ଚୌକିରେ ହର୍ଭେ ନିଜେ ବସୁଥିବା ବେଳେ ଅନ୍ୟ ଏକ ଚୌକିରେ ସେ ଦୁଃଖୀ ଲୋକଙ୍କୁ ବସାଇ ସେମାନଙ୍କ କଥା ଶୁଣନ୍ତି। କିଏ ତାଙ୍କ ପାଖକୁ ପଢ଼ା ସମ୍ବନ୍ଧିତ ସମସ୍ୟା ଆଣି ଆସନ୍ତି ତ ଆଉ କିଏ ପାରିବାରିକ ସମସ୍ୟା ନେଇ ଆସିଥାନ୍ତି। ଏପରିକି ସେ ଲୋକଙ୍କୁ ନିଜ ସମସ୍ୟା ଲେଖି ଆଣିବାକୁ କହିବା ସହ ଏ ବାବଦରେ ଲୋକଙ୍କ ସହ ଆଲୋଚନା କରନ୍ତି। ଅବଶ୍ୟ ସେ ମଧ୍ୟ ଯଥାସମ୍ଭବ ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିଥାନ୍ତି। ହର୍ଭେ ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓଗୁଡ଼ିକ ସେୟାର୍ କରନ୍ତି। ହର୍ଭେଙ୍କର ଏହି କାମକୁ ଲୋକେ ବେଶ୍ ପସନ୍ଦ କରୁଛନ୍ତି।



ସମ୍ପ୍ରତି ବେବି ସିଟର୍ ଭଳି ବିଭିନ୍ନ ପ୍ରକାର ନିଆରା ଚାକିରି ଥିବା ବେଳେ ସେଥିରୁ ଅନ୍ୟତମ ହେଉଛି 'ହାଉସ୍ ସିଟର୍।' ଏଭଳି ଏକ ନିଆରା ଚାକିରି କରି ଏବେ ଇଂଲଣ୍ଡର ଜଣେ ଯୁବତୀ ଚର୍ଚ୍ଚାରେ ଅଛନ୍ତି। ଫୋଲ୍ ନାମ୍ନୀ ଏହି ଯୁବତୀ ଇଂଲଣ୍ଡର ବିଭିନ୍ନ ସ୍ଥାନକୁ ଯାତ୍ରା କରି ଅନ୍ୟମାନଙ୍କ ଦାମୀ ଘରେ ରହିବା ହେଉଛି ତାଙ୍କର କାମ। ତାହା ପୁଣି ଭଡ଼ା ନ ଦେଇକି। ଲୋକେ ତାଙ୍କୁ ଟଙ୍କା ଦେଇ ନିଜ ଘରେ ରଖିବାକୁ ଡାକନ୍ତି। ଅବଶ୍ୟ ଏହାବଦଳରେ ସେ ସେମାନଙ୍କ ଘରର ଦେଖାଶୁଣା କରନ୍ତି। ଯେଉଁମାନେ କିଛିଦିନ ନିଜ ଘର ଛାଡ଼ି ବାହାରକୁ କିମ୍ବା ଛୁଟି କାଟିବା ପାଇଁ ଯାଆନ୍ତି, ସେମାନଙ୍କ ଘରେ ରୁହନ୍ତି ଫୋଲ୍। ଏହି କାମ କରି ସେ ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି। ସେ ଘରେ ରହିବା ସହ ପୋଷା କୁକୁରଠାରୁ ଆରମ୍ଭ କରି ବଗିଚା ଆଦିର ଦେଖାଶୁଣା କରନ୍ତି। ସେ ସେଠାରେ ରହିବା ସମୟରେ ଘରଗୁଡ଼ିକର ରେଟିଂ ମଧ୍ୟ ଦେଇଥାନ୍ତି। ଅନ୍ୟପଟେ ଟଙ୍କାଟିଏ ଖର୍ଚ୍ଚ ନ କରି କିଭଳି ସେ ଏଭଳି ସୁନ୍ଦର ତଥା ଦାମୀ ଘରେ ରହୁଛନ୍ତି, ସେକଥା ମଧ୍ୟ ଲୋକେ ତାଙ୍କଠାରୁ ଜାଣିବାକୁ ଚାହୁଁଛନ୍ତି। ଫୋଲ୍ ତାଙ୍କ କାମ ବିଷୟରେ କହିବା ପରେ ଏବେ ଅନେକ ଲୋକ ଏହାକୁ କ୍ୟାରିୟର୍ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

## ଶୁଖୁଆ ବ୍ୟବସାୟରୁ ସ୍ୱାବଲମ୍ବୀ



କଥାରେ ଅଛି, ଶୁଖୁଆଠୁ ସୁଖ ନାହିଁ। ଏହାକୁ ପ୍ରାୟ ସବୁ ବର୍ଗର ଲୋକମାନେ ଖାଇଥାନ୍ତି। ଶୁଖୁଆ ପୋଡ଼ାକୁ ପଖାଳ ଭାତ ଭାରି ସୁଆଦ। ଶୁଖୁଆର ମୁଣ୍ଡ ଖଣ୍ଡେ କି ଲାଞ୍ଜ ଟିକେ ମିଳିଗଲେ, ଉଠିଯାଏ ଓଡ଼ିଆଙ୍କର ପଖାଳ କଂସା। ସବୁ ଓଡ଼ିଆଙ୍କ ଘରେ ଘରେ ପରିଚିତ ଏହି ଖାଦ୍ୟ। ତେବେ କିଛି ବର୍ଷ ହେଲା ଶୁଖୁଆ ପ୍ରସ୍ତୁତି ପ୍ରକ୍ରିୟାରେ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଥିବାରୁ ଅନେକ ଲୋକ ଏହାକୁ ଖାଇବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ତଥା ରସାୟନମୁକ୍ତ ପରିବେଶରେ ଶୁଖୁଆ ପ୍ରସ୍ତୁତ କରୁଛନ୍ତି ଜଗତସିଂହପୁରର 'ଆଦର୍ଶ ଶୁଖୁଆ ଉତ୍ପାଦକ ଗୋଷ୍ଠୀ'। ଏହି ବ୍ୟବସାୟରୁ ସ୍ୱାବଲମ୍ବୀ ହେବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଏହି ଗୋଷ୍ଠୀର ମହିଳା।



### ନିର୍ଭରଶୀଳ ଏବେ ଆତ୍ମନିର୍ଭର

ମହିଳାମାନେ ନିର୍ଭରଶୀଳ ନୁହନ୍ତି, ସେମାନେ ଆତ୍ମନିର୍ଭର। ତେଣୁ ଘରେ ବସି ନ ରହି କିଭଳି ଦୁଇ ପଇସା ରୋଜଗାର କରିପାରିବେ, ସେହି ଉଦ୍ଦେଶ୍ୟ ରଖି ଏହି ବ୍ୟବସାୟ ଆରମ୍ଭ କରିଥିବା କହିଛନ୍ତି ଗୋଷ୍ଠୀର ସଭାପତି ସୁପ୍ରିୟା ପରିଡ଼ା ଓ ନିରୁପମା ସାମନ୍ତରାୟ। ପ୍ରାୟ ୩୦ ଜଣ ମହିଳାଙ୍କୁ ନେଇ ୨୦୧୪ ମସିହାରେ ଆରମ୍ଭ କଲେ ଶୁଖୁଆ ବ୍ୟବସାୟ। ମିଶନଶକ୍ତି ପକ୍ଷରୁ ଏହି ବ୍ୟବସାୟ ଆରମ୍ଭ କରିବା ପାଇଁ ପ୍ରଥମେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଦିଆଯାଇଥିଲା, ଯାହାକୁ ଉପଯୋଗ କରି ସେମାନେ ବେଶ୍ ଦୁଇ ପଇସା ରୋଜଗାର କରିପାରିଥିଲେ। ଘରର ସମସ୍ତ କାର୍ଯ୍ୟ ସରିବା ପରେ ଦିନକୁ ୩-୪ ଘଣ୍ଟା ସମୟ ସେମାନେ ଏହି କାର୍ଯ୍ୟରେ ଦେଇଥାନ୍ତି।

### କୌଳିକ ବୃତ୍ତିରୁ ପ୍ରେରଣା

ଜାତିରେ କୈବର୍ତ୍ତ ହୋଇଥିବାରୁ ମାଛ ଧରିବା ସେମାନଙ୍କ କୌଳିକ ବୃତ୍ତି। ତେଣୁ ନିଜର ବୃତ୍ତିକୁ ଆପଣାଇ ସେମାନେ ଏହି ବ୍ୟବସାୟ ଜାରି ରଖିଛନ୍ତି। ପାରଦୀପରୁ ମାଛ ଆଣି ତାହାକୁ ଭଲ ଭାବେ ପରିଷ୍କାର କରାଯାଇ ଶୁଖୁଆ ପ୍ରସ୍ତୁତ କରାଯାଏ। ଏହି ଶୁଖୁଆ ପ୍ରସ୍ତୁତ କରିବାକୁ ମହିଳାମାନଙ୍କୁ ୩ ଦିନ ସମୟ ଲାଗିଥାଏ। କୌଣସି ରାସାୟନିକ ପଦାର୍ଥ ନ ମିଶାଇ କେବଳ ଲୁଣ ଓ ହଳଦୀ ଗୋଳାଇ ଏହାକୁ ତିଆରି କରାଯାଏ। ମାଛରୁ ଶୁଖୁଆ ହେବା ଯାଏଁ ସବୁ କିଛି ଏକ ପ୍ରକ୍ରିୟାରେ କରାଯାଇଥାଏ। ଶେଷରେ ଏହାକୁ ପ୍ୟାକେଜିଂ କରି ମାର୍କେଟ୍‌ରେ ତଥା ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରି କରାଯାଏ। ଏଥିସହିତ ମହିଳାମାନେ ବ୍ୟକ୍ତିଗତ ଭାବେ ମଧ୍ୟ ନିଜ ଘରେ ଘରେ ଏହାର ବିକ୍ରିବଟା କରିଥାନ୍ତି। ଅନ୍ୟପଟେ ଖଇଙ୍ଗା, ଇଲିଶ୍, ଚାଆଁରା, ପଥରମୁଣ୍ଡି, ଓଳେଇ, ତାମ୍ପେଡ଼ା ଓ ଗଗୁଆ ଆଦି ରହିଛି। ସେହିପରି ଶୁଖୁଆ ଅନୁସାରେ ଏହାର ମୂଲ୍ୟ ନିର୍ଦ୍ଧାରଣ କରାଯାଉଥିବା ସୁପ୍ରିୟା କହନ୍ତି। ସର୍ବନିମ୍ନ ୫୦ ଟଙ୍କା ମୂଲ୍ୟରୁ ଆରମ୍ଭ ହୋଇ ୧୨୦୦ ଟଙ୍କା ପର୍ଯ୍ୟନ୍ତ ଅଛି।

### ଆଗକୁ ଲକ୍ଷ୍ୟ ଶୁଖୁଆ କମ୍ପାନୀ

କେବେ ବି ଆଶା ନ ଥିଲା ଲୋକମାନେ ଖୋଲା ଶୁଖୁଆ ପରିବର୍ତ୍ତେ ପ୍ୟାକେଟ୍ ଶୁଖୁଆକୁ ଏତେ ପସନ୍ଦ କରିବେ। ସମୟାନୁସାରେ ଲୋକଙ୍କ ଚାହିଦା ଦିନକୁ ଦିନ ବଢ଼ୁଛି। ଯାହାର ଫଳସ୍ୱରୂପ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀରୁ ବର୍ତ୍ତମାନ ପିଜିରେ ପହଞ୍ଚିଲୁଣି। ଆଗାମୀ ଦିନରେ ନିଜସ୍ୱ ଗୋଟିଏ କମ୍ପାନୀ ଖୋଲି ଅଧିକରୁ ଅଧିକ ଶୁଖୁଆ ପ୍ରସ୍ତୁତ କରିବା ଆଶା ରଖିଥିବା କହିଛନ୍ତି ସୁପ୍ରିୟା।

## ସୁଶ୍ରୀ

## କେଶ ପାଇଁ କାଠ ପାନିଆ



**ପୂର୍ବରୁ ଲୋକେ ଶିଙ୍ଗ ଓ କାଠ ପାନିଆର ବହୁଳ ବ୍ୟବହାର କରୁଥିଲେ। କିନ୍ତୁ ଏବେ ଅଧିକାଂଶ ପ୍ଲାଷ୍ଟିକ୍ ପାନିଆ ବ୍ୟବହାର କରୁଛନ୍ତି। ତେବେ ବିଶେଷଜ୍ଞଙ୍କ ମତରେ ଶିଙ୍ଗ ଓ କାଠ ପାନିଆ କେଶ ପାଇଁ ଉପଯୁକ୍ତ। ଏବେ ଜାଣିବା କାଠ ପାନିଆର ଉପକାରୀ ଗୁଣ ବିଷୟରେ...**

- କାଠ ପାନିଆରେ କେଶ କୁଣ୍ଡାଇବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ ଭାବେ ହୋଇଥାଏ।
- ଏହା କେଶକୁ ଏକ ପ୍ରାକୃତିକ ଚମକ ଦେଇଥାଏ। ତା'ସହ ଏହା ଦ୍ୱାରା କେଶରେ ପ୍ରାକୃତିକ ଆର୍ଦ୍ରତା ବଜାୟ ରହିଥାଏ।
- କାଠ ପାନିଆରେ ବିଭିନ୍ନ ପ୍ରକାର ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଛି। ଯାହା କେଶକୁ ବିଭିନ୍ନ ସଂକ୍ରମଣରୁ ଦୂର କରିଥାଏ।
- ବଜାରରେ ମିଳୁଥିବା ନିମ୍ବ ଓ ଚନ୍ଦନକାଠ ନିର୍ମିତ ପାନିଆ କେଶକୁ ଏକ ପ୍ରାକୃତିକ ସୁଗନ୍ଧ ପ୍ରଦାନ କରିଥାଏ। ଯାହା ଦ୍ୱାରା କେଶର ଝାଳଜନିତ ଦୁର୍ଗନ୍ଧକୁ ଦୂର କରିବାରେ ସହାୟକ ହୋଇଥାଏ।

## ପାଳଙ୍ଗ ଚିକେନ୍

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଚିକେନ୍- ୫୦୦ ଗ୍ରାମ, ପାଳଙ୍ଗ ଶାଗ- ଏକ କପ୍, କଟା ପିଆଜ- ଏକ କପ, ଧନିଆ ପତ୍ର-ଅଳ୍ପ କିଛି, ଅଦା-ରସୁଣ ପେଷ୍ଟ- ଏକ ଚାମଚ, କଟା ଟମାଟୋ-ଅଧା କପ, ଖାଇବା ସୋଡ଼ା-ଅଧା ଚାମଚ, ଚିନି-ଅଧା ଚାମଚ, କଞ୍ଚାଲଙ୍କା-ଦୁଇଟି, ଗୋଟା ଗରମ ମସଲା- ଅଳ୍ପ କିଛି, କସୁରି ମେଥି- ଅଳ୍ପ, ଲଙ୍କା ଗୁଣ୍ଡ- ଅଧା ଚାମଚ, ଜିରା ଗୁଣ୍ଡ-ଅଧ ଚାମଚ, ଧନିଆ ଗୁଣ୍ଡ- ଅଧା ଚାମଚ, ଲୁଣ-ଦହି – ଦୁଇ ଚାମଚ, ତେଲ- ଆବଶ୍ୟକତା ଅନୁସାରେ, ଲୁଣ-ସ୍ୱାଦ ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ କିଛି ଚିକେନ ନେଇ ସେଥିରେ ଅଳ୍ପ ଲୁଣ, କସୁରୀ ମେଥି ଓ ଲଙ୍କାଗୁଣ୍ଡ ଦେଇ ଗୋଳାଇ ରଖନ୍ତୁ। ସେହିପରି ଏକ ପାତ୍ରରେ ଦହି ନେଇ ସେଥିରେ ହଳଦୀ, ଲଙ୍କାଗୁଣ୍ଡ,ଅଦା-ରସୁଣ ବଟା ପକାଇ ଭଲ ଭାବେ ଗୋଳାଇ ରଖନ୍ତୁ। ଚୁଲିରେ କଡ଼ାଇ ବସାଇ ପାଣି ଗରମ କରନ୍ତୁ। ସେଥିରେ ଅଳ୍ପଚିନି,ଲୁଣ ଓ ବେକିଙ୍ଗ ସୋଡ଼ା ଦିଅନ୍ତୁ। ପାଣି ଗରମ ହୋଇଗଲା ପରେ ପାଳଙ୍ଗ ଶାଗ, ଧନିଆ ପତ୍ର ଓ ଗୋଟା କଞ୍ଚାଲଙ୍କା ପକାନ୍ତୁ। ଏହାକୁ ୨-୩ ମିନିଟ ପରେ ଗରମପାଣିରୁ କାଢ଼ି ଥଣ୍ଡା ପାଣିରେ ରଖନ୍ତୁ। ପରେ ପାଣିରୁ ଛାଣି ସେଥିରେ ତେଲ ଓ ଅଳ୍ପ ପାଣି ଦେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାପରେ ଗ୍ରେଭି ତିଆରି କରିବା ପାଇଁ ଆଉ ଏକ ପ୍ୟାନ୍ ନିଅନ୍ତୁ। ସେଥିରେ ତେଲ ଦେଇ ଜିରା,ଗୋଟା ଗରମମସଲା ଓ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ହାଲୁକା ନାଲି ହେବା ପରେ ସେଥିରେ କଟା ଟମାଟୋ ଓ କସୁରୀ ମେଥି ପକାଇ କଷନ୍ତୁ। ପରେ ସେଥିରେ ଦହିପେଷ୍ଟ ପକାନ୍ତୁ। ଭଲଭାବେ ଏପାଖସେପାଖ କରି ଘାଣ୍ଟନ୍ତୁ। ସେଥିରେ ଚିକେନ ପକାନ୍ତୁ। ମସଲା ସହ ଚିକେନ ଭଲ ଭାବେ ମିଶିଯିବା ପରେ ସେଥିରେ ପାଳଙ୍ଗ ଶାଗ ପେଷ୍ଟ ଦିଅନ୍ତୁ। ଅଳ୍ପ ପାଣି ଓ ଲୁଣଦେଇ କିଛି ସମୟ ଘୋଡ଼ାଇ ଦିଅନ୍ତୁ। ପରେ ଢ଼ାଙ୍କୁଣୀ କାଢ଼ି ଭଲଭାବେ ଘାଣ୍ଟନ୍ତୁ। ପ୍ରସ୍ତୁତ ହେଇଗଲା 'ପାଳଙ୍ଗ ଚିକେନ୍'।



ମୋନାଲିସା ସାହୁ





## ପ୍ଲସ୍ ସାଇଜ୍ ମହିଳା ଓ ଶାଢ଼ି

**ଶାଢ଼ି ମୋଟା, ପତଳା ସବୁ ମହିଳାଙ୍କୁ ଭଲ ମାନିଥାଏ। କିନ୍ତୁ ଶାଢ଼ିରେ କିଛି ଡିଜାଇନ୍ ଓ ଫ୍ୟାବ୍ରିକ୍ ଏଭଳି ଅଛି, ଯାହାକୁ ପିନ୍ଧିଲେ ମହିଳାମାନେ ଅଧିକ ମୋଟା ଦିଶନ୍ତି। ବିଶେଷକରି ପ୍ଲସ୍ ସାଇଜ୍ ମହିଳାମାନେ। ଏଭଳି କ୍ଷେତ୍ରରେ ପ୍ଲସ୍ ସାଇଜ୍ ମହିଳାଙ୍କୁ ଶାଢ଼ି ପିନ୍ଧିବା ସମୟରେ କିଛିଟା ଦିଗ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ।**

### ପ୍ରିଣ୍ଟ ଉପରେ ଗୁରୁତ୍ୱ ଦିଅନ୍ତୁ

ଓଜନ ଅଧିକ ଥିଲେ ଛୋଟ ଛୋଟ ପ୍ରିଣ୍ଟ ଥିବା ଶାଢ଼ି ପିନ୍ଧିଲେ ଏଥିରୁ ଏକ ସ୍ଲିମ୍ ଲୁକ୍ ମିଳିଥାଏ।

### ଏପରି କରନ୍ତୁ ଡ୍ରେପ୍

ପ୍ଲସ୍ ସାଇଜ୍ ମହିଳାମାନେ ପତଳା ଦେଖାଯିବା ପାଇଁ ଶାଢ଼ିକୁ ଖୁବ୍ ଢ଼ିଲା କରି ବାନ୍ଧିବା ପରିବର୍ତ୍ତେ ଟାଇଟ୍ କରି ବାନ୍ଧନ୍ତୁ, ଏହା ଦ୍ୱାରା ପତଳା ଲାଗିବେ।

### ଲମ୍ବା ହାତ ବ୍ଲାଉଜ୍ ପିନ୍ଧନ୍ତୁ

ମୋଟା ମହିଳାମାନେ ଲମ୍ବାହାତ ଥିବା ବ୍ଲାଉଜ୍ ପିନ୍ଧିଲେ ହାତ ମଧ୍ୟ ଅଧିକ ମୋଟା ଦିଶି ନ ଥାଏ।

### ଗାଢ଼ ରଙ୍ଗ ଶାଢ଼ି କିଣନ୍ତୁ

ହାଲୁକା ରଙ୍ଗ ପରିବର୍ତ୍ତେ ଗାଢ଼ ରଙ୍ଗର ଶାଢ଼ିରେ ମହିଳାମାନେ ଅଧିକ ପତଳା ଦେଖାଯାଇଥାନ୍ତି।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ଜଗତସିଂହପୁର, ୧୭।୧(ସମିସ): ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ମିହିର କୁମାର ପାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବରେ ମୋ ସ୍କୁଲ ଅଭିଯାନର ସଭାପତି ସୁଷମା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସକାଳେ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୌରାଧ୍ୟକ୍ଷ ଅର୍ଚ୍ଚନା ସିଂହ, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ଯୋଗ ଦେଇଥିଲେ।

## ବ୍ୟାସକବିଙ୍କ ଜୟନ୍ତୀ ଓ ମକର ଉତ୍ସବ

ପାରାଦୀପ, ୧୭।୧(ସମିସ): ସୂର୍ଯ୍ୟମୁଖୀ ପକ୍ଷରୁ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ଓ ମକର ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। କଳା, ସାହିତ୍ୟ, ସାମାଜିକ ଚେତନା ଓ ପରିବେଶ ସୁରକ୍ଷା ଧର୍ମୀ ଅନୁଷ୍ଠାନ 'ସୂର୍ଯ୍ୟମୁଖୀ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ପାରାଦୀପସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାନେତ୍ରୀ ହାରାମଣି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ଧ୍ରୁବ ଚରଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦିକା ରଶ୍ମିରେଖା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଫକୀର ମୋହନ ସେନାପତିଙ୍କ ଜୀବନୀ ଓ ସାହିତ୍ୟ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।ଏହାପରେ ଗୀତିକାର ପ୍ରେମଲତା ବାରିକ, ଟୁନି ଖୋଜି, ତନୁଶ୍ରୀ ସ୍ୱାଇଁ, ନିହାରିକା ବାରିକ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ମକର ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତିମା ସ୍ୱାଇଁ, ପ୍ରତିଭା ଦାସ, ତନୁଶ୍ରୀ ପ୍ରଧାନ ଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟା ସହଯୋଗ କରିଥିଲେ।

## ପାରାଦୀପଗଡ଼ରେ ଧାନମଣ୍ଡି ଉଦ୍‌ଘାଟିତ

ପାରାଦୀପ, ୧୭।୧(ସମିସ): ପାରାଦୀପ ସେବା ସମବାୟ ସମିତି ପକ୍ଷରୁ ପାରାଦୀପ ଗଡ଼ ରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସମିତିର ସଭାପତି ତଥା ସରପଞ୍ଚ ସସ୍ମିତା ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି।ଚଳିତ ଖରିଫ ଋତୁ ରେ ୨୨୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ସମିତି ତରଫରୁ ଆକଳନ କରାଯାଇଛି। ଏଥିପାଇଁ ପାରାଦୀପ ଗଡ଼ ଓ ନୂଆଗଡ଼ ଗ୍ରାମ ପଞ୍ଚାୟତର ୫୫ ଜଣ ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜିକରଣ କରିବା ସହିତ ସେମାନଙ୍କ ପାଖକୁ ଅନଲାଇନ୍ ଟୋକନ ମଧ୍ୟ ପଠାଇଦିଆ ଯାଇଛି। ଚଳିତ ବର୍ଷ ଧାନ ଅମଳ ଭଲ ହୋଇଥିବାରୁ ଚାଷୀ ମାନେ ଉତ୍ସାହିତ ଅଛନ୍ତି।ଉକ୍ତ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ସମିତି ସମ୍ପାଦକ କୁଳମଣି ମହାପାତ୍ର, ଆଇନଜୀବୀ ସଞ୍ଜୟ କୁମାର ବେହେରା, ବିଷ୍ଣୁ ଚରଣ ସାହୁ, ଚନ୍ଦ୍ର ଶେଖର ଚୌଧୁରୀ, ଶ୍ରୀପତି ସ୍ୱାଇଁ, ପ୍ରଦୀପ ବେହେରା, ପ୍ରମୋଦ ମଙ୍ଗରାଜ, ବିଚିତ୍ର ପ୍ରଧାନ, ସୁଶାନ୍ତ ସାମଲ, ମିନାକ୍ଷୀ ସ୍ୱାଇଁ, ରଞ୍ଜିତା ସାହୁ, ମମତା ବେହେରା, ଆଦିକନ୍ଦ ସାହୁ, ଅନନ୍ତ ବିଶ୍ୱାଳ, ଅଲେଖ ମହାରଥା ପ୍ରମୁଖ ଅଂଶ କରିଥିଲେ। ସ୍ୱର୍ଣ୍ଣ ପ୍ରଭା ଚୌଧୁରୀ ସମେତ ସମିତିର ସହ ସମ୍ପାଦକ ପ୍ରଦୀପ ରାଉତ, ତନ୍ମୟ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରମୋଦ ସାମଲଙ୍କୁ ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି

ଡେରାବିଶ, ୧୭।୧(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତର ବରିଷ୍ଠ ବିଜେଡ଼ି ନେତା ତଥା ବିଶିଷ୍ଟ ସମବାୟବିତ୍ ପ୍ରମୋଦ ସାମଲଙ୍କୁ ପୁରୀ ଜିଲ୍ଲାର ବ୍ରହ୍ମଗିରି ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବରେ ବିଜୁ ଜନତା ଦଳ ପକ୍ଷରୁ



ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତ କରିଥିବା ନେଇ ଏକ ପ୍ରେସ୍ ବିଜ୍ଞପ୍ତିରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଘୋଷଣା କରିଛନ୍ତି। ଏହି ବିଜ୍ଞପ୍ତି ପକାଶ ପାଇବା ପରେ ଡେରାବିଶ ବ୍ଲକ ଅଞ୍ଚଳର ବିଜେଡ଼ି କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଶ୍ରୀ ସାମଲଙ୍କ ଏହି ନିଯୁକ୍ତି ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ, ସୁଜିତ କୁମାର ବଳ, ଚୌଧୁରୀ ରବୀନ୍ଦ୍ର କୁମାର ଜେନା, ରାଜକିଶୋର ମଲ୍ଲ, ଶ୍ୟାମଳେନ୍ଦୁ ନାୟକ, ଅମ୍ବିକା ପ୍ରସାଦ ରଥ, ସାହାଜାନ୍ ଖାଁଙ୍କ ସମେତ ବହୁ ଦଳୀୟ କର୍ମୀ ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କୃତଜ୍ଞତା ଜଣାଇଛନ୍ତି।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଡେରାବିଶ, ୧୭।୧(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟରେ 'ନୂଆ-ଓ' ଯୋଜନାର ଯୁବ ଓଡ଼ିଶା



ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସାଂସ୍କୃତିକ ବିଭାଗରେ ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ଉଦ୍‌ଘାଟନ କରି ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରି ସର୍ବଧର୍ମ ସମନ୍ୱୟର ଠାକୁର ଶ୍ରୀ ଜଗନ୍ନାଥଙ୍କ ଅସ୍ମିତା ବୋଧ କିପରି ରେଣୁରୁ ପରମାଣୁ ଯାଏ ପରିବ୍ୟାପ୍ତ ସେ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି, ଶାନ୍ତନୁ କୁମାର ମାଟି, ବିକ୍ରମ କୁମାର ମହାନ୍ତି, ଅଧ୍ୟାପକ ବୃନ୍ଦାବନ ଦାସ, ବିଶ୍ୱଜିତ ସାହୁ, ଡକ୍ଟର ପ୍ରଜ୍ଞା ପଟ୍ଟନାୟକ, ଡକ୍ଟର ସନ୍ଦୀପ ବଳ, ଡକ୍ଟର କିଶୋର ଚନ୍ଦ୍ର ମଲିକ, ଜ୍ୟୋତିର୍ମୟ ବ୍ରହ୍ମା ଓ ସ୍ୱର୍ଣ୍ଣଲତା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିକାଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ପରେ ଛାତ୍ରଛାତ୍ରୀମାନେ ଓଡ଼ିଆ ପ୍ରବନ୍ଧ ଲିଖନ, ସୃଜନାତ୍ମକ ଲିଖନ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆୟୋଜିତ ସଭାରେ ଅଧ୍ୟାପକ ଧନେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡକ୍ଟର ଶଶିକାନ୍ତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ବାନାମ୍ବର ମଲିକ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ

ଡେରାବିଶ, ୧୭।୧(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଲୋ ସ୍ଥିତ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳରେ ସରକାରଙ୍କ 'ନୂଆ-ଓ' ଯୋଜନାର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ୍ ଯୋଗଦେଇ ଯୁବଶକ୍ତିକୁ ଦେଶ ଗଠନରେ ଉପଯୋଗ କରିବା ପାଇଁ ମହାବିଦ୍ୟାଳୟ ସ୍ତରରେ 'ନୂଆ-ଓ' ଯୋଜନାରେ ଛାତ୍ରଛାତ୍ରୀଙ୍କ ଠାରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିସ୍ଫୁଟ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଜିଲ୍ଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ ଯୋଗଦେଇ ଯୁବଶକ୍ତିର ବିକାଶ ହେଲେ ରାଜ୍ୟ ଓ ଦେଶର ସମୃଦ୍ଧି ଘଟିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନା, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ, ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଯୋଜନାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥି ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ରିନା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ନିଶିକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ଗାନ କରାଯାଇଥିବା ବେଳେ ଛାତ୍ରୀ ସହଶ୍ରାବ୍ଦି ଶତପଥିଙ୍କ ଭାରତନାଟ୍ୟମ ପରିବେଶଣ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।




## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁଲିସ୍ ଏଏସ୍‌ଆଇ ସମ୍ବର୍ଦ୍ଧିତ

ରଘୁନାଥପୁର, ୧୭।୧(ସମିସ): ଭୁବନେଶ୍ୱର କମିଶନରେଟ୍ ଅଫିସରେ ଏଏସ୍‌ଆଇ. ଭାବେ କାର୍ଯ୍ୟରତ ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଗ୍ରାମପଞ୍ଚାୟତ ଗୋକୁଳପୁର ଗ୍ରାମର ରବୀନ୍ଦ୍ର ଦାସଙ୍କ ପୁଅ ଲଳିତ କୁମାର ଦାସଙ୍କୁ କମିଶନରେଟ ପୁଲିସର ୧୬ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ଲଳିତ କୁମାର ଦାସ ୨୦୦୭ ମସିହାରୁ କମିଶନରେଟ୍ ଅଫିସରେ କନେଷ୍ଟବଳ ଭାବେ ଯୋଗଦେଇଥିଲେ। ସେ ନିଷ୍ଠାପର ପୁଲିସ୍ ଭାବେ କାର୍ଯ୍ୟ କରି ପଦୋନ୍ନତି ପାଇଥିଲେ। ସେ ଜଣେ ଦକ୍ଷ ପୋଲିସ୍ ଏଏସ୍‌ଆଇ ଭାବେ କାର୍ଯ୍ୟ କରିଥିବାରୁ ଶ୍ରୀ ଦାସଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ଲଳିତ ଦାସଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ଦେବା ପରେ ଜଗତ୍‌ସିଂହପୁର ଲୋକସଭା ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶୀଷ ତ୍ରିପାଠୀ, ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ସମିତି ସଭ୍ୟା ପୂଜାରାଣୀ ଦାସ, ସରୋଜ କୁମାର ଦାସ, ବିଜେଡି ନେତା ଅନ୍ତର୍ଯ୍ୟାମୀ ରାଉତ, ପ୍ରତାପ ରାଉତ, ସୁବାସ ଚନ୍ଦ୍ର ସିଂହ, ରବୀନ୍ଦ୍ର ସ୍ୱାଇଁ, ପବିତ୍ର ଜେନା, ଦେବେନ୍ଦ୍ର ବରାଳ, ଶରତ ବେହେରା, ବଳରାମ ସିଂହ, ଦେବବ୍ରତ ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନାଉଗାଁ, ୧୭।୧(ସମିସ): ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ବ୍ୟାପି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଆଲୁମିନି କମିଟିର ସଭାପତି ଜ୍ୟୋତିଷଚନ୍ଦ୍ର ଦାସ, ସମ୍ମାନୀତ ଅତିଥିଭାବେ ନାଉଗାଁ ବ୍ଲକ ପୂର୍ବତନ ଅତିରିକ୍ତ ଶିକ୍ଷାଧିକାରୀ ବାମଦେବ ସ୍ୱାଇଁ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ବିପିନି ବେହେରା, ଆଞ୍ଚଳିକ ସାଧାନ କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ବିନୋଦ ଖୁଣ୍ଟିଆ ପରିଚାଳନା କରିଥିଲେ।



















● ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନିୟମିତତା

# କାର୍ଯ୍ୟ ସରିବାର ୨ ମାସ ପରେ ରାସ୍ତାରୁ ଉଠିଲା ପିଚୁ

ହିନ୍ଦୋଳ, ୧୭।୧ (ସମିସ)

## ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ

ହିନ୍ଦୋଳ ଉପଖଣ୍ଡରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ହୋଇଛି ବ୍ୟାପକ ଅନିୟମିତତା ଅଭିଯୋଗ। କୋଟି କୋଟି ଟଙ୍କାର ରାସ୍ତା ନିର୍ମାଣ ହେଉଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଦେଖା ନଥିଲା। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ହେଉଥିଲା ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ। ସରକାରଙ୍କ କୋଟି କୋଟି ଟଙ୍କାରେ ଅତି ନିମ୍ନମାନର କାର୍ଯ୍ୟ କରି ବିଭାଗୀୟ ଅଧିକାରୀଙ୍କ ସହ ସାଲାସୁତୁରା କରି ଟଙ୍କାକୁ ହଡ଼ପ କରିନେଲେ ଠିକାଦାର। ଏ ନେଇ ଆଗରୁ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ବିଭାଗୀୟ ଅଧିକାରୀ ଏହାକୁ ଖାତିର କରିନଥିଲେ, ଏବେ ରାସ୍ତା କାର୍ଯ୍ୟ ସାରିବାର ୨ ମାସ ପରେ ରାସ୍ତାର ଅନେକ ଜାଗାରୁ ଉଠିଲାଣି ପିଚୁ ଆଉ ଗୋଡ଼ି। ଆଗରୁ ଏନେଇ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରିବର୍ତ୍ତେ ଅନିୟମିତତା ବଢ଼ିବାରେ ଚାଲୁଥିଲା। ଉପଖଣ୍ଡରେ କାର୍ଯ୍ୟ ତଦାରଖ କରିବା ପାଇଁ ଚାରିଜଣ ଯନ୍ତ୍ରୀଥିବା ବେଳେ ଜଣେ ନିର୍ବାହୀ ଯନ୍ତ୍ରୀ ଅଛନ୍ତି। ଯନ୍ତ୍ରୀ ହେଉ କି ନିର୍ବାହୀ ଯନ୍ତ୍ରୀ ଉପଖଣ୍ଡରେ ଥିବା ଏକମାତ୍ର ବିଭାଗୀୟ କାର୍ଯ୍ୟାଳୟକୁ କେବେ ଆସନ୍ତି ନାହିଁ।




ସୂଚନା ମୁତାବକ ହିନ୍ଦୋଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଖଜୁରିଆ କଟା ସେକ୍ସନ ଅଧୀନରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ବସଲା ଠାରୁ ଚିଉଲପୁର ୫.୧୦ କିମି ରାସ୍ତା କାର୍ଯ୍ୟ ପାଇଁ ୧ କୋଟି ୯୭ଲକ୍ଷ ୪୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ହେବାକୁ ଥିବାବେଳେ ସେଥିମଧ୍ୟରୁ ୪.୫୭ ମିଟର ପିଚୁ ଓ ୫୩୦ ମିଟର ଢ଼ଳେଇ କାର୍ଯ୍ୟ ହେବ ବୋଲି ନିୟମ ରହିଥିଲା। ଏତେ କୋଟି ଟଙ୍କାର ରାସ୍ତା ନିର୍ମାଣ ସମୟରେ କାର୍ଯ୍ୟସ୍ଥଳରେ କେହି ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବା ବିଭାଗୀୟ ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



୪୦ ମେଣ୍ଟାଲ ବଦଳରେ ହାତବାଡିଆ ଅତିନିମ୍ନନର ମେଣ୍ଟାଲ ଦ୍ୱାରା କଂକ୍ରିଟ କାର୍ଯ୍ୟ କରାଯାଇଛି। ମୋରମ ମେଟାଲ ରୁଲିଂ ହେବା ବଦଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବିଲରୁ ମାଟି ପକାଇ ରାସ୍ତା ନିର୍ମାଣ କରାଯାଇଛି। ଯାହା ଫଳରେ ରାସ୍ତା କାର୍ଯ୍ୟ ସାରିବାର ୨ ମାସ ପରେ ରାସ୍ତା ଫାଟିବା ସହିତ ରାସ୍ତାରୁ ପିଚୁ ଗୋଡ଼ି ଉଠିସାରିଲାଣି। ଗ୍ରାମ୍ୟ ଉନ୍ନୟନ ବିଭାଗର ବାସଲାଠାରୁ ଚିଉଲପୁର ରାସ୍ତାକୁ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯାଇ ଦୋଷୀ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ହିନ୍ଦୋଳ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଦେବାଶିଷ ମହାନ୍ତିଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ରାସ୍ତାରୁ ପିଚୁ ଆଉ ଗୋଡ଼ି ଉଠିବା ବିଷୟରେ ଠିକାଦାରଙ୍କୁ କୁହାଯାଇଛି। ସେ ତାହାକୁ ମରାମତି କରିଦେବା ପାଇଁ ହେଲେ ଆମ ବିଭାଗ କଥାକୁ ଠିକାଦାର କର୍ଣ୍ଣପାତ କରୁ ନ ଥିବା କହିଛନ୍ତି। ତେବେ ସର୍ବସାଧାରଣ ରାସ୍ତାକୁ ନେଇ ବାବୁମାନଙ୍କ ଏଭଳି ଖେଳ ଆଗକୁ କାଳ ହେବ ବୋଲି ବୁହାଯାଉଛି।

## ଅଷ୍ଟଶମ୍ଭୁ ମନ୍ଦିରରେ ପାଞ୍ଚମୁଣ୍ଡିଆ ସାପ

**କାମାକ୍ଷାନଗର, ୧୭।୧ (ସମିସ) :** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୋ ସ୍ଥିତ ଐତିହାସିକ ଅଷ୍ଟଶମ୍ଭୁ ମନ୍ଦିରରେ ଏକ ବିରଳ ସାପ ଦେଖିବାକୁ ମିଳିଛି। ପାଞ୍ଚଟି ମୁଣ୍ଡ ଥିବା ଏହି ସାପଟି ମୁଖ୍ୟ ମନ୍ଦିର ଉପରେ ଚଢୁଥିବା ଦେଖିବାକୁ ମିଳିଛି। ମନ୍ଦିରକୁ ଦର୍ଶନ କରିବାକୁ ଆସିଥିବା ଭକ୍ତମାନେ ଏହି ବିରଳ ସାପଟି ଦେଖି ହରିବୋଲ, ହୁଳହୁଳି ପକାଇବା ସହ ଭାବବିହ୍ୱଳ ହୋଇଯାଇଥିଲେ। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିରହିଛି।



## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ସମାପିତ



**ମହାବିରୋଡ଼, ୧୭।୧(ସମିସ):** କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ ରାମେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ପାଳିତ ହୋଇଛି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ସିଧା ପ୍ରସାରଣରେ ୨୧ ଟି ପଞ୍ଚାୟତର ଜନସାଧାରଣ ପଞ୍ଚାୟତ କାର୍ଯ୍ୟାଳୟରେ ଦେଖିଥିଲେ। ବ୍ଲକସ୍ତରରେ ଏହି କାର୍ଯ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷ ଦୀପା ସାହୁ, କାର୍ତ୍ତିକ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ୍ ନୈବେଦ୍ୟ ଲଳିତେନ୍ଦୁ ଉପସ୍ଥିତ ଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଭଜନ ପରିବେଷଣ କରିଥିଲେ। ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଗନ୍ନାଥ ଭଜନ ଉପରେ ନୃତ୍ୟ ପରିବେଷଣ କରାଯାଇଥିଲା।

## ଶ୍ରୀମନ୍ଦିର ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ

**କଙ୍କଡ଼ାହାଡ଼, ୧୭।୧ (ସମିସ) :** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରୀମନ୍ଦିରର ଲୋକାର୍ପଣ ଉତ୍ସବକୁ ପଞ୍ଚାୟତବାସୀ ଓ ଆଖପାଖ ଗ୍ରାମର ଲୋକମାନେ ଆସି ଭିଡିଓ କନଫରେନ୍ସ ମାଧ୍ୟମରେ ସିଧାପ୍ରସାରଣ ଦେଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ରୋଜାଲିନ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉତ୍ସବ ସେଠୀ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, ସମିତି ସଭ୍ୟ ପ୍ରତିନିଧି ରୁଦ୍ର ମୋହନ ପ୍ରଧାନ, ଏମବିକେ ସସ୍ମିତା ସାହୁ, ସିଆରପି ପ୍ରତିମା ସାହୁ ଗଣମାଧ୍ୟମ ପ୍ରତିନିଧି ପୃଥ୍ୱିରାଜ ସାହୁ, ପ୍ରକାଶ ସାହୁ, ମିଲୁ ସାହୁଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ, ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ



**କାମାକ୍ଷାନଗର, ୧୭।୧ (ସମିସ) :** କାମାକ୍ଷାନଗର ବ୍ଲକ, କଙ୍କଡ଼ାହାଡ଼ ବ୍ଲକ, ପରଜଙ୍ଗ ବ୍ଲକରେ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଭବ୍ୟ ଆୟୋଜନ କରାଯାଇଛି। କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ, କଙ୍କଡାହାଡ଼ ଉଚ୍ଚ ବିଦ୍ୟାଳୟ ପଡ଼ିଆ, ପରଜଙ୍ଗ ଷ୍ଟାଡିୟମ ଠାରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହି ବଡ଼ପରଦାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଦେଖିବାକୁ ରୁଣ୍ଡ ହୋଇଥିଲେ। ବିଭିନ୍ନ ସ୍ଥାନରେ ଭଜନ, କୀର୍ତ୍ତନ, ସାଂସ୍କୃତିକ ନୃତ୍ୟ, ଅନୁଷ୍ଠିତ ହୋଇଥିବା ବେଳେ କଙ୍କଡ଼ାହାଡ଼ ବ୍ଲକଠାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ ଭଜନ ଉପସ୍ଥିତ ଶ୍ରୋତାମାନଙ୍କୁ ଜଗନ୍ନାଥଙ୍କ ଭକ୍ତିରସରେ ଭିଜେଇଦେଇଥିଲା। ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର, ଛାତ୍ରୀମାନେ ଜଗନ୍ନାଥଙ୍କ ଭଜନରେ ନୃତ୍ୟ ପରିବେଷଣ କରି ସାରା ଅଞ୍ଚଳକୁ ଜଗନ୍ନାଥମୟ କରିଥିଲେ। ଏତଦବ୍ୟତୀତ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ ମଧ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଦେଖିବା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାମାକ୍ଷାନଗର ଠାରେ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ବିଡିଓ ଅବିନାଶ ପାଣ୍ଡିଆ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପରଜଙ୍ଗ ଠାରେ ଅସିତ ରାୟ ଚୌଧୁରୀ, କୃଷ୍ଣଚନ୍ଦ୍ର ମହାନ୍ତି, ଗୌତମ ପାଣି, ସୁବ୍ରତ ଦାସ, ବିଳାସିନୀ ସେଠୀ, ଓ କଙ୍କଡାହାଡ଼ ଠାରେ ଜିଲ୍ଲା ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ ଯଶୋବନ୍ତ ଦେହୁରୀ, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷା ଦୀପା ସାହୁ, ରମେଶ ଚନ୍ଦ୍ର ମିଶ୍ର, ତାପସ ପାଣି, ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷାବିତ୍ ଲକ୍ଷ୍ମଣ କୁମାରଙ୍କ ବିୟୋଗରେ ଶୋକ

**ଗଁଦିଆ, ୧୭।୧ (ସମିସ) :** ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶା ତରଫରୁ ଓ ସ୍ମୃତି ସଂସଦ ଗଁଦିଆ ତରଫରୁ ବିଶିଷ୍ଟ ଶିକ୍ଷାବିତ୍ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି। ଏକ ଶୋକ ବାର୍ତ୍ତାରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ତଥା ଗଁଦିଆ ସ୍ମୃତି ସଂସଦର ସଭାପତି ହରିହର ସାହୁ ଶୋକ ପ୍ରକାଶ କରି ଶିକ୍ଷା କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଶିକ୍ଷାବିତ୍ଙ୍କୁ ହରାଇ ଢେଙ୍କାନାଳ ଜିଲ୍ଲାର ବିଶେଷ କ୍ଷତି ହୋଇଛି। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି।

● ଆମ୍ବେଦକର ସେବା ସଂଗଠନ ପକ୍ଷରୁ ଗଣବିକ୍ଷୋଭ

# ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ହିନ୍ଦୋଳ, ୧୭।୧(ସମିସ)




ହିନ୍ଦୋଳ ବ୍ଲକ ସମ୍ମୁଖରେ ଆଜି ଆମ୍ବେଦକର ସେବା ସଂଗଠନ ଢେଙ୍କାନାଳ ଓ ହିନ୍ଦୋଳ ସଂଘ ପକ୍ଷରୁ ଏକ ଗଣବିକ୍ଷୋଭ କରାଯାଇଥିଲା । ସଂଗଠନ ସଭାପତି ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ନାଏକଙ୍କ ଆହ୍ୱାନ କ୍ରମେ ପ୍ରାରମ୍ଭରେ ଏକ ରାଲି ହୋଇ ଅମଲାପଡ଼ା ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ବିକ୍ଷୋଭ ସମାବେଶରେ ସଂଗଠନର ବିଭିନ୍ନ କର୍ମକର୍ତ୍ତା ଯୋଗଦାନ କରି ଅନୁସୂଚିତ ଜାତିର ଲୋକମାନେ କିପରି ଅବହେଳିତ ହେଉଛନ୍ତି ଏବଂ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି, ସେ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷକରି ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ପ୍ରାରମ୍ଭରୁ ଅନୁସୂଚିତ ଜାତିଙ୍କ ନିମନ୍ତେ ସଂରକ୍ଷଣ ରହି ଆସିବା ସହ ବିଧାୟକ, ବିଧାୟିକା, ମନ୍ତ୍ରୀ ରହିଥିଲେ ହେଁ କୌଣସି ଉନ୍ନତି ହୋଇପାରିନାହିଁ। ଏନେଇ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ପରିଶେଷରେ ସଂଗଠନ ସମ୍ପାଦକ ଚିତ୍ରସେନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସମାବେଶରେ କୈଳାସ ନାଏକ, ଅନନ୍ତ ନାଏକ, ପ୍ରଶାନ୍ତ ନାଏକ, ଲଙ୍କେଶ ନାଏକ, ଗୋବର୍ଦ୍ଧନ ନାଏକ, ଚନ୍ଦନ ନାଏକ, ସନ୍ତୋଷ ନାଏକ, ଯତି ନାଏକ, ଅନାମ ନାଏକ, ବିଜୟ ନାଏକ, କଳାବତୀ ନାଏକ, ଧ୍ରୁବ ଚରଣ ବିଶ୍ୱାଳ, ହେମନ୍ତ ଗୋଛାୟତ ପ୍ରମୁଖ ଯୋଗଦାନ କରିଥିଲେ।

## ଇଭିଏମ୍ ଭିଭିପାଟ୍ ସଚେତନତା ରଥ ଉଦ୍‌ଘାଟିତ

**ହିନ୍ଦୋଳ, ୧୭।୧(ସମିସ):** ହିନ୍ଦୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ପୂର୍ବାହ୍ନରେ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଦ୍ୱାରା ଇଭିଏମ୍, ଭିଭିପାଟ୍ ସଚେତନତା ରଥକୁ ହିନ୍ଦୋଳ ଉପଖଣ୍ଡ ପରିକ୍ରମା ଉଦ୍ଦେଶ୍ୟରେ ଉଦଘାଟନ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନ କିପରି ସ୍ୱଚ୍ଛ ତଥା ନିରପେକ୍ଷ ହୋଇପାରିବ ସେଥିପ୍ରତି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମସ୍ତ ଅଧିକାରୀ,ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଇଭିଏମ୍, ଭିଭିପାଟ ପ୍ରଦର୍ଶନ ହୋଇଥିଲା। କିଛି ବ୍ୟକ୍ତି ପରୀକ୍ଷାମୂଳକ ଭାବେ ନିଜର ଭୋଟ ପ୍ରଦାନ କରି ସନ୍ତୋଷ ଲାଭ କରିଥିଲେ। ଭୋଟ ଦେବା ପରେ ବ୍ୟକ୍ତି କେଉଁ ଚିହ୍ନରେ ଭୋଟ ଦେଲେ ତାହା ମେସିନରେ ପ୍ରଦର୍ଶିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଆସନ୍ତା ଫେବୃୟାରି ୧୬ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଓ ସଚେତନତା ରଥ ପ୍ରତି ପଞ୍ଚାୟତ,ଏନଏସି ,ବ୍ଲକର ବିଭିନ୍ନ ଅଞ୍ଚଳ ବୁଲିବାର କାର୍ଯ୍ୟକ୍ରମ ରହିଛି। ଆଜିର କାର୍ଯ୍ୟକ୍ରମରେ ତହସିଲଦାର ପ୍ରଦୀପ୍ତ କୁମାର ସେଠି, ବିଡିଓ ବିନିତା ବିଯୟନି, ଅତିରିକ୍ତ ବିଡିଓ ଅଶୋକ କୁମାର ମିଶ୍ର, ଡେପୁଟି କଲେକ୍ଟର ଆଲଫା ଜେନା, ସହାୟକ ଜିଲ୍ଲାପାଳ ବିକ୍ରମ କୁମାର ମଲ୍ଲିକ ତଥା ସମସ୍ତ କର୍ମଚାରୀ ଉପସ୍ଥିତ ରହି ସଫଳ କରିଥିଲେ।



## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଗଁଦିଆ, ୧୭।୧(ସମିସ)

ଗଁଦିଆ ବ୍ଲକର ସୋରସିଆପଦା ଗ୍ରାମ ପଞ୍ଚାୟତର ରାମେଇ କ୍ଷୁଦ୍ର ଜଳସେଚନ ପକଳ୍ପ ଠାରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳ କ୍ଷୁଦ୍ର ଜଳସେଚନମଣ୍ଡଳ, ଢେଙ୍କାନାଳର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଦେବରାଜ ସେଠୀଙ୍କର ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଯୋଗଦାନ କରି ଏହାର ଉଦଘାଟନ କରିଥିଲେ। ସାମ୍ମାନିତ ଅତିଥି ଭାବରେ ଢେଙ୍କାନାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସୁରେନ୍ଦ୍ର ହେମ୍ବ୍ରମ, ଢେଙ୍କାନାଳ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ରାଉତ, ଗଁଦିଆ ବ୍ଲକ ୪ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ବିଭୂତି ଭୋଇ, ସ୍ଥାନୀୟ ସମିତିସଭ୍ୟା ଦଶମା କାଲୁଣ୍ଡିଆ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥେମେ ଅତିଥି ମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ଓ ଏହାପରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଉକ୍ତ ବୈଠକରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ, ଭୁବନ ବ୍ଲକ, ଢେଙ୍କାନାଳ ସଦର ବ୍ଲକ, କଙ୍କଡ଼ାହାଡ଼ ବ୍ଲକ ଓ ହିନ୍ଦୋଳ ବ୍ଲକର ବିଭିନ୍ନ ପକଳ୍ପର ପାଣି ପଞ୍ଚାୟତ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ପାଣି ପଞ୍ଚାୟତ ସଦସ୍ୟମାନଙ୍କ ଦାବି ପରେ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଶ୍ରୀ ସେଠୀ ପ୍ରତିଶୃତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଟିକୁ କ୍ଷୁଦ୍ର ଜଳସେଚନ ଭୁବନର ସହାୟକ ନିର୍ବାହୀ ଯନ୍ତ୍ରୀ ବବିତା ନାୟକ, ଓଡ଼ାପଡ଼ା ସହାୟକ ଯନ୍ତ୍ରୀ ଅଶୋକ କୁମାର ମହାପାତ୍ର ଓ ଗଁଦିଆ ବ୍ଲକ କ୍ଷୁଦ୍ର ଜଳସେଚନ ପକଳ୍ପ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ପାଳ ପରିଚାଳନା କରିଥିଲେ। ଶେଷରେ ପାଣି ପଞ୍ଚାୟତ ପକ୍ଷପାଳନ ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଟଙ୍କା ବଣ୍ଟନ ବେଳେ ଲୁଟ୍

**ଗଁଦିଆ, ୧୭।୧ (ସମିସ) :** ଗଁଦିଆ ବ୍ଲକରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପୋରୁହଖୋଜ ଗ୍ରାମ ପଞ୍ଚାୟତରେ ମାସିକ ଭତ୍ତା ଟଙ୍କା ବଣ୍ଟନ ବେଳେ ଉକ୍ତ ସ୍ଥାନରୁ ଟଙ୍କା ଚୋରି ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ମଧୁସୁଦନ କର ଓ ଗ୍ରାମ ରୋଜଗାର ସେବିକା ଝୁନୁ ବାଳା ବାରିକ ଭତ୍ତା ଟଙ୍କା ବଣ୍ଟନ କରୁଥିବା ବେଳେ ସେଠାରେ ବହୁତ ଭିଡ଼ ଲାଗିରହିଥିଲା। ସମୁଦାୟ ୩, ୨୨, ୦୦୦/ଟଙ୍କା ବଣ୍ଟନ ପାଇଁ ଆସିଥିଲା ଓ ସେଥିରୁ ମୋଟ ୧, ୫୮, ୮୦୦/ ଟଙ୍କା ଭତ୍ତା ବଣ୍ଟନରେ ପ୍ରଦାନ କରାଯାଅଛି। ପଞ୍ଚାୟତ ଦୁଇ କର୍ମଚାରୀ ଭତ୍ତା ବଣ୍ଟନରେ ବ୍ୟସ୍ତ ଥିବା ସହ ବହୁତ ଭିଡ଼ ଲାଗିରହିଥିବାର ସୁଯୋଗ ନେଇ ଟେବୁଲ ଡ୍ର ମଧ୍ୟରେ ଗଛିତ ଥିବା ଟଙ୍କା ମଧ୍ୟରୁ କେହି ଦୁର୍ବୃତ୍ତ ୧, ୬୪, ୨୦୦ଟଙ୍କା ଚୋରିକରି ନେଇଥିବାର ଜଣାଯାଇଛି। ଟଙ୍କା ଦେବା ପାଇଁ କର୍ମଚାରୀ ଡ୍ରରେ ଟଙ୍କା ନଥିବାର ଦେଖି ଅବାକ ହୋଇଯାଇଥିଲେ। ହିସାବ କରିବାରୁ ଉକ୍ତ ଟଙ୍କା ଚୋରି ହୋଇଛି ବୋଲି ଜଣା ପଡ଼ିଥିଲା। ଏହି ଘଟଣା ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ। ଗଁଦିଆ ପୁଲିସ କେସ ନଂ ୩୭ ୯ରେ ଏକ ଚୋରି ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## କଲଦା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**କଙ୍କଡ଼ାହାଡ଼, ୧୭।୧ (ସମିସ) :** କଙ୍କଡ଼ାହାଡ଼ ବ୍ଲକ କେରଯୋଳି ଗ୍ରାମ ପଞ୍ଚାୟତ କଲଦା ଗ୍ରାମ ଖେଳପଡ଼ିଆ ଠାରେ ଏସ୍ତିଏସ୍ ଫୁଟବଲ ମ୍ୟାଚ୍ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପରଜଙ୍ଗ ନିର୍ବାଚନ ମଣ୍ଡଳୀ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ବିଜେତା ଡଙ୍ଗାପାଳ ଟିମ୍ କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି କେରଯୋଳି ଗ୍ରାମ ପଞ୍ଚାୟତ ସରପଞ୍ଚ ରାଜକିଶୋର ସାହୁ ରନର୍ସ ଅପ କଲଦା ଟିମ୍ କୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି ଦଳ ଭାଗ ନେଇଥିଲେ। ଉଦଯାପନୀ ଉତ୍ସବରେ କ୍ଲବ ସଭାପତି କାଳନ୍ଦି ମହାନ୍ତ, ସମ୍ପାଦକ ସୁଶୀଲ ପଟ୍ଟନାୟକ, ସପ୍ନେଶ୍ୱର ମହାନ୍ତ, ଦୁର୍ଯ୍ୟୋଧନ ମହନ୍ତ, ଗିରିଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ମାର୍ଥାପୁର, ୧୭।୧ (ସମିସ) :** ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟରେ ନୂଆ ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପାରିମାଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାଣି ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ପାରିମାଳ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରଫୁଲ୍ଲ କୁମାର ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀଯୁକ୍ତ ଦାଶ ଜଗନ୍ନାଥ ସଂସ୍କୃତି ଉପରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ ମିଶ୍ର, ସୁଧାଂଶୁ ପାତ୍ର, ଅଧ୍ୟାପିକା ସ୍ୱପ୍ନିତା ରାଉତ ଓଡ଼ିଆ ଭାଷା ଉପରେ ଭାଷଣ ଦେଇଥିଲେ। ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଅମିତାଞ୍ଜଳି ମିଶ୍ର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

● ମା' କାଳିକେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଚାନ୍ଦପୁର ଟିମ୍ ଚାମ୍ପିଅନ

ମହାବିରୋଡ଼, ୧୭।୧ (ସମିସ)



କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ କଟୁମୁଣ୍ଡା ଗ୍ରାମ ଖେଳ ପଡ଼ିଆଠାରେ ମା' କାଳିକେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୦ ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହେଇଅଛି। ଫାଇନାଲ ମ୍ୟାଚ ଚାନ୍ଦପୁର କ୍ରିକେଟ କ୍ଲବ ଓ ଘାଗରାମୁଣ୍ଡା କ୍ରିକେଟ କ୍ଲବମଧ୍ୟରେ ଅନୁଷ୍ଠିତ ହେଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଭାଗ ନେଇଥିଲେ। ଘାଗରାମୁଣ୍ଡା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂକରି ୧୮ ଓଭରରେ ୧୮୭ ରନ କରିଥିଲା ବେଳେ ଚାନ୍ଦପୁର କ୍ରିକେଟ କ୍ଲବ ୧୬ ଓଭରରେ ୧୮୮ ରନ କରି ବିଜୟୀ ହେଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଚାନ୍ଦପୁର ଟିମ୍ ବିଜୟୀ ହେଇ ଚାମ୍ପିଅନ ହେଇଛି। ମ୍ୟାନ ଅଫ ଦି ସିରିଜ ନିରଞ୍ଜନ ବେହେରା, ମ୍ୟାନ ଅଫ ଦି ମ୍ୟାଚ ଟିକୁ ସାହୁ, ଶ୍ରେଷ୍ଠ ବୋଲର ଶମ୍ଭୁନାଥ ସାହୁ ହେଇଥିଲେ। ଖେଳ ପରିଚାଳନା କରିଥିଲେ ମାନସ ନାଏକ, ଲୁଲୁ ନାଏକ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ସାମାଜସେବୀ ନିରଞ୍ଜନ ନାଏକ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗ୍ରାମ ସଭାପତି ସୁରେଶ ବେହେରା, ମହୁର ନାଏକ, ଦିବାକର ବାଘ, କଳାକାର ସିଂହ, ପ୍ରଦୀପ ନାଏକ, ସମାଜସେବୀ ବିରଞ୍ଚି ସାହୁ ଯୋଗ ଦେଇଥିଲେ। ମା' କାଳିକେଶ୍ୱରୀ କ୍ରିକେଟ କ୍ଲବର ସଦସ୍ୟ ମହାମାନି ସିଂହ, ଆଲୋକ ସିଂହ, ପିଙ୍କୁନ ବେହେରା, ବୁଦ୍ଧିଆ ବେହେରା, ଚନ୍ଦନ ସିଂହ, ପପୁ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଉମାକାନ୍ତ ପ୍ରଧାନ।

## ଛଦ୍ମବେଶରେ ଲେଡି କିଲର୍

# ଆଶ୍ରମ ଭିତରେ ଆତ୍ମଗୋପନ





**ସେବା ଓ ପବିତ୍ରତାର ପ୍ରତୀକ ଆଶ୍ରମ । କିନ୍ତୁ ଅନେକ ସମୟରେ ଆଶ୍ରମଗୁଡ଼ିକୁ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥାନ୍ତି ଅପରାଧୀ । ସେବା ଯୋଗାଇବା ଆଳରେ ଭଦ୍ରଖୋଳପା ଭିତରେ ଅନେକ ଅପରାଧୀ ଲୁଚି ରହିଥାଆନ୍ତି । ସେମିତି ଏକ ଘଟଣା ଏବେ ଲୋକଲୋଚନାକୁ ଆସିଛି । ଭୁବନେଶ୍ୱର ଉପକଣ୍ଠସ୍ଥ ହୀରାପୁରଠାରେ ଘଟିଥିବା ଏକ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ବାଲିଅନ୍ତା ପୁଲିସ ପୁରୀ ଚକ୍ରତୀର୍ଥ ରୋଡ୍ ଅଞ୍ଚଳରେ ଥିବା ସଙ୍କଟମୋଚନ ଆଶ୍ରମ ଭିତରୁ ଜଣେ ହତ୍ୟାକାରୀ ମହିଳାଙ୍କୁ ଗିରଫ କରିଛି । ଗିରଫ ମହିଳା ହେଉ ଝାରସୁଗୁଡ଼ାର ସୁଙ୍କି ରଣା (୩୬) । ସେ ପୂର୍ବରୁ ଦୁଇଦୁଇ ଜଣଙ୍କୁ ହତ୍ୟା କ ଆଶ୍ରମରେ ଆତ୍ମଗୋପନ କରିଥିବା ପୁଲିସ ଜାଣିବାକୁ ପାଇଛି ।**

**ରିପୋର୍ଟ: 'ସକାଳ' ବ୍ୟୁରୋ**

ଗତ ୧୩ ତାରିଖ ସନ୍ଧ୍ୟାରେ ବାଳକାଟି ଫାଣ୍ଡି ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ଅଧୀନ ସାଗୁଆ ଗ୍ରାମସ୍ଥିତ ନିଜଘରୁ ବିଶ୍ୱଜିତ ନାୟକଙ୍କ (୪୩) ଓରଫ ବାବୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରିଥିଲା ବାଲିଅନ୍ତା ଥାନା ପୁଲିସ । ବିଶ୍ୱଜିତଙ୍କ ରକ୍ତ ଜୁଡୁବୁଡୁ ମୃତଦେହର ଉପରେ ଆଣ୍ଠୁ ପର୍ଯ୍ୟନ୍ତ ଏକ କମ୍ବଳ ଘୋଡ଼ା ଯାଇଥିବା ଦେଖିବାକୁ ମିଳିଥିଲା । ଛାତ, ସିଲିଂ ଫ୍ୟାନ୍ ଏବଂ ଚଟାଣରେ ରକ୍ତଛିଟା ଲାଗିଥିଲା । ଗଳାରେ କଟାଦାଗ ଏବଂ ମୁହଁକୁ କୌଣସି ଓଜନିଆ ଜିନିଷରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ପୁଲିସ ଅନୁମାନ କରିଥିଲା । ପାରିପାର୍ଶ୍ୱିକ ସ୍ଥିତି, ବିଶ୍ୱଜିତ ଶୋଇଥିବା ଖଟ, ତକିଆ ଓ ଘର ବାହାରେ ଥିବା ବିଦ୍ୟୁତ ସୁଇଚ ବୋର୍ଡରେ ରକ୍ତର ଟିପଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା । ଏସବୁ ସ୍ଥିତିକୁ ଦେଖି ପୁଲିସ ଆରମ୍ଭ କରିଥିଲା ଅନୁସନ୍ଧାନ । ବିଶ୍ୱଜିତ ଅଧିକାଂଶ ଦିନ ଭୁବନେଶ୍ୱରରେ ରହୁଥିବାରୁ ପୁଲିସ ପ୍ରାଥମିକ ପର୍ଯ୍ୟାୟରେ ହତ୍ୟାକାଣ୍ଡ ସମ୍ପର୍କରେ କିଛି ବି ଜାଣିପାରି ନ ଥିଲା । ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଗୁରୁତ୍ୱଦେଇ ପୁଲିସ ଆରମ୍ଭ କରିଥିଲା ତଦନ୍ତ ।

ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିଥିଲା ସାଗୁଆ ଗ୍ରାମର ବିପିନ ବିହାରୀ ନାୟକଙ୍କ ଦୁଇ ପତ୍ନୀଙ୍କ ମଧ୍ୟରୁ ନିଶାମଣି ହେଉଛନ୍ତି ପ୍ରଥମ ପତ୍ନୀ । ନିଶାମଣିଙ୍କ ଦୁଇପୁଅ ମଧ୍ୟରୁ ବିଶ୍ୱଜିତ ବଡ଼ । ବିଶ୍ୱଜିତଙ୍କ ବୟସ ୪୩ ଓ ସେ ବିବାହିତ । ତାଙ୍କର ମଞ୍ଚେଶ୍ୱର ଥାନା ଅଧୀନ ଭିଏସ୍ଏସ୍ ନଗରରେ ହୋଟେଲ ବ୍ୟବସାୟ ରହିଛି । ମଝିରେ ମଝିରେ ଗାଁକୁ ଆସନ୍ତି । ବିଶ୍ୱଜିତଙ୍କ ବାପା ଗାଁରେ ଗୋଟିଏ ଘରେ ରହୁଥିବା ବେଳେ ସେ ଘରଠାରୁ କିଛି ଦୂରରେ ଅଲଗା ରହୁଥିଲେ । ବିଶ୍ୱଜିତଙ୍କ ମାଆ ପୁରୀରେ ରୁହନ୍ତି । ସାନଭାଇ ରଞ୍ଜିତ ନାୟକ ଧାମରାରେ ଚାକିରି କରିଛନ୍ତି । ବିଶ୍ୱଜିତଙ୍କର ୧୪ ବର୍ଷର ପୁଅ ହଷ୍ଟେଲରେ ରହି ପଢୁଛନ୍ତି । ଗତ ବର୍ଷକ ତଳେ ବିଶ୍ୱଜିତଙ୍କ ପତ୍ନୀ ଜଣେ ଯୁବକଙ୍କ ସହ ଫେରାର ହୋଇଯାଇଥିଲା ।

ଘଟଣାକ୍ରମରେ ବିଶ୍ୱଜିତ୍‌ଙ୍କର ମାଆ ନିଶାମଣୀ ପୁରୀରେ ରହୁଥିବାରୁ ସେ ନିୟମିତ ଏକ ଆଶ୍ରମକୁ ଚିକିତ୍ସା ନିମନ୍ତେ ଯାଉଥିଲେ । ସେଠାରେ ନିଶାମଣିଙ୍କ ସହ ଦେଖା ହୁଏ ଝାରସୁଗୁଡ଼ାର ସୁଙ୍କିଙ୍କ ସହ । ଆଶ୍ରମର ସେବା କରୁଥିବା ସୁଙ୍କି ସହ ନିଶାମଣିଙ୍କର ସମ୍ପର୍କ ଗଢ଼ିଉଠେ । ସୁଙ୍କି ମଧ ବିଶ୍ୱଜିତଙ୍କ ଘରକୁ ଆସି ତାଙ୍କ ମାଆଙ୍କ ସେବା କରୁଥିଲା । ସେହିଠାରେ ସୁଙ୍କି ସହ ବିଶ୍ୱଜିତ୍‌ଙ୍କର ମଧ୍ୟ ସମ୍ପର୍କ ଘନିଷ୍ଠ ହେବାରେ ଲାଗିଲା । ବିଭିନ୍ନ ସମୟରେ ସୁଙ୍କି ନିଜ ଘର ଝାରସୁଗୁଡ଼ାକୁ ଯାଉଛି ବୋଲି କହି ବିଶ୍ୱଜିତଙ୍କ ସହ ତାଙ୍କ ହୀରାପୁରସ୍ଥିତ ଘରେ ରହୁଥିଲେ । ବିଶ୍ୱଜିତଙ୍କ ଘରେ ୨ରୁ ୩ଦିନ ରହିବା ପରେ ସୁଙ୍କିର ଆଶ୍ରମ ପ୍ରତି ଶ୍ରଦ୍ଧା ଓ ଅସ୍ଥା ରହିଥିବାରୁ ପୁଣି ପୁରୀ ପଳାଉଥିଲା । ଗତ ଡିସେମ୍ବର ୩୦ରେ ବିଶ୍ୱଜିତଙ୍କ ଘରକୁ ସୁଙ୍କି ଆସି ରହିଥିଲା । ପୁରୀ ନ ଫେରିବାରୁ ଆଶ୍ରମ ପକ୍ଷରୁ ସୁଙ୍କିକୁ ଯୋଗାଯୋଗ କରିବା ସହ ବାରମ୍ବାର ଫୋନ୍ କରି ଡାକୁଥିଲେ । ଏପଟେ କିନ୍ତୁ ସୁଙ୍କିକୁ ଛାଡ଼ିବାକୁ ରାଜି ନ ଥିଲେ ବିଶ୍ୱଜିତ୍ । ଆଶ୍ରମରେ ସୁଙ୍କିଙ୍କ ମିଛ ଧରାପଡ଼ିଯିବା ଭୟରେ ପୁରୀ ଫେରିଯିବାକୁ ସୁଙ୍କି ଜିଦ୍ ଧରିଥିଲା । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହେଉଥିଲା । ଗତ ୧୨ ତାରିଖ ଦିନବେଳା ଉଭୟ ବାଲିଅନ୍ତାସ୍ଥିତ ଘରେ ଥିବା ବେଳେ ସେମାନଙ୍କ ଝଗଡ଼ା ଉଗ୍ରରୂପ ଧାରଣ କରିଥିଲା । ଏଥିରେ ନିଜ ହିତାହିତ ଜ୍ଞାନ ହରାଇ ବସି ସୁଙ୍କି ଏକ କାଠ ଫାଳିଆରେ ବିଶ୍ୱଜିତ ମୁଣ୍ଡକୁ ବାରମ୍ବାର ପିଟିବାରେ ଲାଗିଥିଲା । ପ୍ରବଳ ରକ୍ତସ୍ରାବ ହେବାରୁ ବିଶ୍ୱଜିତ୍ ତଳେ ପଡ଼ି ଯାଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା ।

## ପୁଲିସ୍ ପଞ୍ଝାରେ ସୁଙ୍କି



ହତ୍ୟାର ଦୁଇଦିନ ପରେ ବିଶ୍ୱଜିତ୍‌ଙ୍କ ଘରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଠାବ କରିଥିଲା ବାଲିଅନ୍ତା ଥାନା ପୁଲିସ । ମୃତଦେହକୁ ଜବତ କରି ହସ୍ପିଟାଲ୍ ପଠାଇଥିଲା ପୁଲିସ । ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲା । ଘଟଣାସ୍ଥଳରୁ କିଛି ବି ସୁରାକ୍ ମିଳି ନ ଥିଲା । କେବଳ ବିଶ୍ୱଜିତଙ୍କ ଘରକୁ ଜଣେ ମହିଳା ଆସୁଥିବାର ପ୍ରମାଣ ମିଳିଥିଲା । କିନ୍ତୁ ହତ୍ୟା ପରଠୁ ସେ ଫେରାର ହୋଇ ଯାଇଥିଲେ । ଏପରିକି ବିଶ୍ୱଜିତଙ୍କ ଫୋନ୍ ଗାଏବ୍ ହୋଇଯାଇଥିବାରୁ ସନ୍ଦେହ ଆହୁରି ବଢ଼ିଯାଇଥିଲା । ତେବେ ବିଶ୍ୱଜିତଙ୍କୁ ହତ୍ୟା କରିବା ପରେ ସେ ବ୍ୟବହାର କରୁଥିବା ମୋବାଇଲ ଫୋନ୍‌କୁ ସାଙ୍ଗରେ ନେଇ ପୁରୀ ପଳାଇଥିଲେ ସୁଙ୍କି । ଉକ୍ତ ଫୋନ୍‌କୁ ଟ୍ରାକିଂ କରିବା ସହ ଆଉ କିଛି ପ୍ରମାଣ ଆଧାରରେ ପୁରୀର ଆଶ୍ରମରୁ ସୁଙ୍କିକୁ କାବୁ କରିଥିଲା କମିସନରେଟ୍ ପୁଲିସ ।



## ସିଙ୍ଗାପୋକରୁ ଶ୍ରୀକ୍ଷେତ୍ର

ସୁଙ୍କିର ଘର ଝାରସୁଗୁଡ଼ା ସିଙ୍ଗାପୋକା ଗାଁରେ । ସୁଙ୍କି ସେଇ ଅଞ୍ଚଳରେ ଜଣେ ଯୁବକଙ୍କୁ ମଧ ବିବାହ କରିଥିଲେ । ସୁଙ୍କିକୁ ବିବାହ କରିଥିବା ଯୁବକ ଅନ୍ୟ ଜଣେ ଯୁବତୀଙ୍କୁ ପୂର୍ବରୁ ପ୍ରେମ କରୁଥିଲେ । କୌଣସି କାରଣବସତଃ ଉକ୍ତ ଯୁବତୀଙ୍କୁ ବିବାହ ନ କରି ଉକ୍ତ ବ୍ୟକ୍ତି ସୁଙ୍କିକୁ ବିବାହ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ଯୁବତୀ ଜଣକ ସୁଙ୍କି ସ୍ୱାମୀଙ୍କ ବଡ଼ଭାଇକୁ ବିବାହ କରିଥିଲା । ଏଇ ହିସାବର ଉକ୍ତ ଯୁବତୀ ସୁଙ୍କିଙ୍କ ସ୍ୱାମୀଙ୍କ ଭାଉଜ ହୋଇଥିଲା । ନିଜ ସ୍ୱାମୀ ସହ ଭାଉଜର ଅନୈତିକ ସମ୍ପର୍କ ଥିବା ସୁଙ୍କି



ସନ୍ଦେହ କରିଥିଲା । ପରବର୍ତ୍ତୀ ସମୟରେ ସେ ନିଜ ଯାଆ ଓ ତାଙ୍କର ଦେଢ଼ ମାସର ସନ୍ତାନକୁ କୂଅରେ ପକାଇ ହତ୍ୟା କରିଥିଲା । ଏହି ଡବଲ୍ ମର୍ଡର ଘଟଣାରେ ୨୦୦୫ ମସିହାରେ ଗିରଫ ହୋଇଥିଲା ସୁଙ୍କି । ପରବର୍ତ୍ତୀ ସମୟରେ ମାମଲାରେ ସେ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ୧୨ ବର୍ଷ ଜେଲ୍‌ରେ ରହିଥିଲା । ଜେଲ୍‌ରୁ ମୁକୁଳିବା ପରେ ସେ ସିଧା ପୁରୀ ପଳାଇ ଚକ୍ରତୀର୍ଥ ରୋଡ୍‌ରେ ଥିବା ସଙ୍କଟମୋଚନ ସେବାଶ୍ରମରେ ୪ବର୍ଷ ରହି ବିଭିନ୍ନ ଲୋକଙ୍କୁ ସେବା ଯୋଗାଇ ଭାବ ଓ ଭକ୍ତିରେ ରହୁଥିଲେ । ତେବେ ଗତ ୧୨ ତାରିଖ ଦିନ ୩ଟାରେ ବିଶ୍ୱଜିତ୍‌ଙ୍କୁ ହତ୍ୟା କରିବା ପରେ ମୃତଦେହରେ ଏକ କମଳ ଘୋଡ଼ାଇ ପ୍ରାୟ ୪ ଘଣ୍ଟା ପାଖରେ ବସି ରହିଥିଲା । ସନ୍ଧ୍ୟା ୬ଟାରେ ସୁଙ୍କି ଏକ ଅଟୋ ଭଡ଼ା କରି ପୁରୀକୁ ପଳାଇଥିଲା । ସେଠାରେ ରହୁଥିବା ଆଶ୍ରମରେ ରହି ପୂର୍ବବତ୍ ସେବା ଆରମ୍ଭ କରି ଦେଇଥିଲା ସୁଙ୍କି । ସେପଟେ ସୁଙ୍କିର ପୁରୁଣା ଅପରାଧ ରେକର୍ଡ ବିଷୟରେ ଅବଗତ ନ ଥିଲେ ଆଶ୍ରମ କର୍ତ୍ତୃପକ୍ଷ । ଆଶ୍ରମରେ ମିଛ କହି ସୁଙ୍କି ଦୀର୍ଘବର୍ଷ ହେବ ରହି ଆସୁଥିଲେ ବୋଲି ଆଶ୍ରମ କର୍ତ୍ତୃପକ୍ଷ କହିଛନ୍ତି ।

## କେମିତି ଜାଣିଲା ପୁଲିସ୍

ରବିବାର ସକାଳେ ସାନଭାଇ ରଞ୍ଜିତ ବଡ଼ଭାଇ ବିଶ୍ୱଜିତଙ୍କ ଫୋନକୁ କଲ୍ କରିଥିଲେ । ହେଲେ ଫୋନ ରିଂ ହୋଇ କଟି ଯାଇଥିଲା । ପୁଣି ଦ୍ୱିପହରେ କଲ କରିବାରୁ ସେମିତି ରିଂ ହୋଇଥିଲା । ରାତି ସାଢ଼େ ୯ଟାରେ ରଞ୍ଜିତ ତାଙ୍କର ଜଣେ ପଡ଼ୋଶୀଙ୍କୁ ବଡ଼ଭାଇ ଘରେ ଅଛି କି କ'ଣ ଦେଖିବାକୁ କହି ଥିଲେ । ସମ୍ପର୍କୀୟ ଭାଇ ରୋଷେଇ ଘର ଗ୍ରିଲ୍ ବାଟେ ଦେଖିଲା ବେଳକୁ ଘର ଅନ୍ଧାର ଥିବା ଜଣାପଡ଼ିଥିଲା । ଭିତରୁ ଦୁର୍ଗନ୍ଧ ବାହାରୁଥିଲା । ଏସମ୍ପର୍କରେ ସେ ରଞ୍ଜିତକୁ ଜଣାଇବା ପରେ ସେ ବାଲିଅନ୍ତା ଥାନା ପୁଲିସକୁ ଫୋନ୍‌କରି ଅବଗତ କରାଇଥିଲେ । ଖବର ପାଇ ବାଲିଅନ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲା ତଦନ୍ତ ।

---

## କ୍ଲିନିକ୍‌ରେ ଗୁଳିକାଣ୍ଡ

# ହତ୍ୟାକାରୀ ଆଉ କେତେଦୂର

**ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥର ବଡ଼ଶଙ୍ଖ ନିକଟରେ ଥିବା ପ୍ରତିଷ୍ଠିତ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ମାନସ ଦାସଙ୍କ କ୍ଲିନିକ୍ ଭିତରେ ପଶି ଦୁର୍ବୃତ୍ତମାନେ ଡାକ୍ତର ଦାସଙ୍କ ସମେତ ଔଷଧ ଦୋକାନୀ କୃଷ୍ଣଚନ୍ଦ୍ର ସାହୁ ଓରଫ୍ ସନ୍ତୁ (୪୨)ଙ୍କୁ ଗୁଳିମାଡ଼ କରିଥିଲେ । ଏହି ଘଟଣାରେ ଡାକ୍ତର ଦାସ ଗୁରୁତର ହୋଇଥିବା ବେଳେ ଦୋକାନୀ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା । ହତ୍ୟା ପଛରେ ସୁପାରିକିଲର୍‌ଙ୍କ ସମ୍ପୃକ୍ତି ନେଇ ସ୍କେଚ୍ ଓ ସିସିଟିଭି ଫୁଟେଜ୍ ଜାରି କରିଥିଲେ ତତ୍କାଳୀନ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ । ମାତ୍ର ଘଟଣାକୁ ଇତି ମଧ୍ୟରେ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ହତ୍ୟାକାରୀଙ୍କୁ ଗିରଫ କରିବା ତ ଦୂରର କଥା ଏଯାଏ ଚିହ୍ନଟ କରିପାରିନି ପୁଲିସ ।**

ଖୋର୍ଦ୍ଧାରୁ ରଞ୍ଜିତ୍ ସାମନ୍ତରାୟଙ୍କ ରିପୋର୍ଟ

୨୦୧୯ ଡିସେମ୍ବର ୧୫ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା । ନୂଆଡାକ୍ତରଖାନା ତଥା ବଡ଼ଶଙ୍ଖ ନିକଟରେ ଥିବା ଅବସରପ୍ରାପ୍ତ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ମାନସ ଦାସ କ୍ଲିନିକ୍‌ରେ ବସି ରୋଗୀ ଦେଖୁଥିଲେ । ହଠାତ୍ ନୀଳରଙ୍ଗର ପୋଷାକ ପିନ୍ଧିଥିବା ଜଣେ ଯୁବକ କ୍ଲିନିକ୍ ମଧ୍ୟରେ ପ୍ରବେଶ କରିଥିଲା । ଏହା ପରେ କିଛି ସମୟ ମଧ୍ୟରେ ଡା. ଶ୍ରୀ ଦାସ ଯେଉଁ କୋଠରୀ ମଧ୍ୟରେ ଚିକିତ୍ସା କରୁଥିଲେ ସେଠାରୁ ଗୁଳି ଶବ୍ଦ ଶୁଣାଯାଇଥିଲା । ଏହା ଜାଣିବା ପରେ କ୍ଲିନିକ ମଧ୍ୟରେ ଔଷଧ ଦୋକାନ କରିଥିବା ଦୋକାନ ମାଲିକ ସନ୍ତୁ ଡାକ୍ତର ଚିକିତ୍ସା କରୁଥିବା କୋଠରୀ ପାଖକୁ ଯିବା ସମୟରେ ଯୁବକ ଜଣକ ତାଙ୍କ ଉପରକୁ ମଧ୍ୟ ଗୁଳିଚଳାଇଥିଲେ । ଘଟଣାସ୍ଥଳରେ ଟଳିପଡ଼ିଥିଲେ ସନ୍ତୁ । ଅଚାନକ ଏସବୁ ଦେଖି ଉପସ୍ଥିତି ରୋଗୀ ଓ ସ୍ଥାନୀୟ ଲୋକେ ଭୟରେ ଛିନ୍‌ଚତ୍ର ହୋଇଥିଲେ । ଏହାର ସୁଯୋଗ ନେଇ ଗୁଳିମାଡ଼ କରିଥିବା ଯୁବକ ଜଣଙ୍କ ଫିଲ୍ମି ଷ୍ଟାଇଲରେ ବନ୍ଧୁକ ହାତରେ ଧରି କ୍ଲିନିକ୍ ବାହାରେ ରଖିଥିବା ଜୋତାକୁ ପିନ୍ଧି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ପରେ କ୍ଲିନିକ୍‌ର ଅନ୍ୟ କର୍ମଚାରୀମାନେ ସନ୍ତୁ ସମେତ ଡା.ଦାସଙ୍କୁ ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଉଭୟଙ୍କ ଛାତିରେ ଗୁଳିବାଜିଥିବା ଜଣାପଡ଼ିଥିଲା ।

ମାତ୍ର ସେମାନଙ୍କ ଅବସ୍ଥା ଗୁରୁତର ହୋଇଥିବାରୁ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ଆର୍ମି ହସପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଚିକିତ୍ସା ସମୟରେ ପରଦିନ ଭୋରରୁ ସନ୍ତୁର ମୃତ୍ୟୁ ହୋଇଥିଲା । ମୃତକ ସନ୍ତୁର ବାପା ଧୋବୀ ସାହୁଙ୍କ ଅଭିଯୋଗକ୍ରମେ ଥାନାରେ ୪୬୭/୧୯ ରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏ ଚର୍ଚ୍ଚିତ ଗୁଳିମାଡ଼ ଘଟଣା ପୁରେ ପୁଲିସ ସାଇଣ୍ଟିଫିକ୍ ଟିମ୍ ସାହାର୍ଯ୍ୟରେ ତଦନ୍ତ କରିଥିବାବେଳେ ୪ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ପୁଲିସ ଚଢ଼ଉ କରିଥିଲା । ଔଷଧ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି ସେଥିରୁ ଫୁଟେଜ୍ ସଂଗ୍ରହ କରାଯାଇଥିଲା । ସେହିଭଳି ନିକଟସ୍ଥ ସପିଙ୍ଗ୍ ମଲ୍‌ରେ ଲାଗିଥିବା ସିସିଟିଭିର ଫୁଟେଜ୍ ଓ ସ୍ଥାନୀୟ ଲୋକଙ୍କ ବୟାନକୁ ଆଧାର କରି ହତ୍ୟାକାରୀର ସ୍କେଚ୍ ଜାରି କରାଯାଇଥିଲା ଓ ସହରର ବିଭିନ୍ନ ଛକଜାଗାରେ ହତ୍ୟାକାରୀର ସ୍କେଚ୍ ସମ୍ବଳିତ ପୋଷ୍ଟର ଲଗାଯାଇଥିଲା । ଏସପି ଅଜୟ ପ୍ରତାପ ସ୍ୱାଇଁ ଜାରୀ କରିଥିଲେ । ମାତ୍ର ଦିନ ଓ ବର୍ଷ ବଦଳିଲା ଭଳି ଏସପି ଶ୍ରୀ ସ୍ୱାଇଁ ଆସିଥିବା ୨ଜଣ ଏସପି ବଦଳି ଗଲେଣି, ମାତ୍ର ହତ୍ୟାକାରୀ ନିକଟରେ ଆଜି ପର୍ଯ୍ୟନ୍ତ ପହଞ୍ଚିପାରିନି ପୁଲିସ ।







ଓସ୍‌ଜା ବାର୍ଷିକ କ୍ରୀଡ଼ା ପୁରସ୍କାର ସମାରୋହ

# ଶୃଙ୍ଖଳା ହିଁ ସଫଳତାର ମାପକାଠି: କିଶୋର




ଭୁବନେଶ୍ୱର, ୧୭। ୧ (ସମିସ) : ଶୃଙ୍ଖଳା ଓ କଠିନ ପରିଶ୍ରମ ହିଁ ସଫଳତାର ମାପକାଠି। ଏହି ଦୁଇ ନିୟମ ସହ ପ୍ରଶିକ୍ଷକଙ୍କ ନିର୍ଦ୍ଦେଶାବଳୀକୁ ମାନି ଖେଳିଲେ ଦିନେ ସଫଳତା ନିଶ୍ଚିତ ଆସିବ ବୋଲି ଏସିଆଡ଼ କ୍ରୀଡ଼ା ପଦକ ବିଜେତା ଜାଭେଲିନ୍ ଫିଙ୍ଗାଳି କିଶୋର ଜେନା କହିଛନ୍ତି। କଳିଙ୍ଗ ଷ୍ଟାଡିୟମ୍ ଟେନିସ ସେଣ୍ଟରରେ ଆୟୋଜିତ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଦ୍ୱାରା ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶାର ଏହି ତାରକା ଆଥଲେଟ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ରଙ୍କ ପୌରୋହିତ୍ୱରେ ବୁଧବାର ଅନୁଷ୍ଠିତ ଏହି ପୁରସ୍କାର ଉତ୍ସବରେ ଅଲିମ୍ପିଆନ ଆଥଲେଟ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଓ ଅର୍ଜୁନ ପୁରସ୍କାର ଭାରୋତ୍ତୋଳକ କାଟୁଲୁ ରବି କୁମାର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ତଥା ଓଡ଼ିଶା ଭାରୋତ୍ତୋଳନର ପିତାମହ ବିଜୟ ଶତପଥୀଙ୍କୁ ଜୀବନବ୍ୟାପି ସାଧନା ନିମନ୍ତେ ପୁରସ୍କୃତ କରାଯାଇଛି। ସେ ଅସୁସ୍ଥ ଥିବାରୁ ରବି କୁମାର ତାଙ୍କ ଲାଗି ପୁରସ୍କାର ଗ୍ରହଣ କରିଛନ୍ତି। ପୁରସ୍କାର ବାବଦରେ ଟ୍ରଫି, ଉତ୍ତରୀୟ, ମାନପତ୍ର ଓ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ କିଶୋରଙ୍କ ପ୍ରଶିକ୍ଷକ ସମରଜିତ ମଲ୍ଲୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଓସ୍‌ଜା କାର୍ଯ୍ୟକାରୀ ସଭାପତି କେ. ରବି ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଓସ୍‌ଜାର ଏଭଳି କାର୍ଯ୍ୟକ୍ରମକୁ ପୁରସ୍କାର ବିଜେତା କିଶୋର ଜେନା ଓ ରବି କୁମାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ଅନେକ ପ୍ରଶିକ୍ଷକ, କ୍ରୀଡ଼ାବିତ ଏବଂ ଓସ୍‌ଜାର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ କିଶୋରଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

ପୂର୍ବରୁ ଏହି ପୁରସ୍କାର ପୂର୍ଣ୍ଣିମା ହେମ୍ବ୍ରମ ଓ ଦେବପ୍ରସାଦ ସିଂ, ସ୍ୱସ୍ତି ସିଂ ଓ ପିଟର ତିର୍କୀ, ଅମିତ ରୋହିଦାସ ଓ ବ୍ରଜଭୂଷଣ ମହାନ୍ତି, ପ୍ରମୋଦ ଭଗତ ଓ ପଞ୍ଚାନନ ଗନ୍ତାୟତ, ସ୍ୱୟମ୍ଭୁ ମିଶ୍ର ଓ ଅରୁଣ ଦାସ, ବୀରେନ୍ଦ୍ର ଲାକ୍ରା ଓ ଅରୂପାନନ୍ଦ ରାଉତରାୟଙ୍କୁ ଦିଆଯାଇଛି।

# ପ୍ରଜ୍ଞାନନ୍ଦ ଭାରତର ନଂ ୧ ଖେଳାଳି

● ଚେସ୍ ଗ୍ରାଣ୍ଡ ମାଷ୍ଟର ଆନନ୍ଦଙ୍କୁ ପଛରେ ପକାଇଲେ

ନୂଆଦିଲ୍ଲୀ, ୧୭ ।୧(ଏଜେନ୍ସି): ଭାରତୀୟ ଗ୍ରାଣ୍ଡ ମାଷ୍ଟର ଆର ପ୍ରଜ୍ଞାନନ୍ଦ ବୁଧବାର ଭାରତର ୧ ନଂ ଚେସ୍ ଖେଳାଳି ବିବେଚିତ ହୋଇଛନ୍ତି। ନେଦରଲାଣ୍ଡସର ଭିଜକ୍‌ରେ ଚାଲିଥିବା ଟାଟା ଷ୍ଟିଲ ଚେସ୍ ଟୁର୍ଣ୍ଣାମେଣ୍ଟରେ ସେ ବିଶ୍ୱ ଚାମ୍ପିଅନ ଡିଙ୍ଗ ଲିରେନଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏହି କ୍ରମରେ ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ କିମ୍ବଦନ୍ତୀ ଚେସ୍ ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କୁ ପଛରେ ପକାଇଛନ୍ତି। ବୃହତ୍ ବିଜୟ ସହ ସେ ଟୁର୍ଣ୍ଣାମେଣ୍ଟର ୫ମ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଆନନ୍ଦଙ୍କ ପରେ ସେ କ୍ଲାସିକାଲ ଚେସ୍‌ରେ ଡିଫେଣ୍ଡିଂ ଚାମ୍ପିଅନଙ୍କୁ ହରାଇବାରେ ଦ୍ୱିତୀୟ ଭାରତୀୟ ସାବ୍ୟସ୍ତ ହୋଇଛନ୍ତି। ସେ ୨୭୪୮ . ୩ ରେଟିଂ ପଏଣ୍ଟ ହାସଲ କରି ଦୁଇଟି ପାହଚ ଉପରକୁ ଉଠି ମୋଟ୍ ଉପରେ ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ଫଳରେ ସେ ଆନନ୍ଦଙ୍କଠାରୁ ୦.୩ ପଏଣ୍ଟ ଅଧିକ ହାସଲ କରି ଭାରତର ଶୀର୍ଷ ଖେଳାଳି ବିବେଚିତ ହୋଇଛନ୍ତି। ଏହି ଚେସ୍ ପ୍ରତିଯୋଗିତା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।



କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ନିଜ ଏକ୍ସ ହ୍ୟାଣ୍ଡଲରେ ପୋଷ୍ଟ କରି ପ୍ରଜ୍ଞାନନ୍ଦଙ୍କୁ ପ୍ରଶଂସା କରିଛନ୍ତି। ବିଶ୍ୱ ଚାମ୍ପିଅନ ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରିଥିବାରୁ ତାଙ୍କୁ ବହୁତ ବହୁତ ଅଭିନନ୍ଦନ ବୋଲି ସେ ଉଲ୍ଲେଖ କରିଛନ୍ତି। ଚେନ୍ନାଇର ପ୍ରଜ୍ଞାନନ୍ଦ ୨୦୧୮ ରେ ଭାରତର ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଥିଲେ। ସେତେବେଳେ ସେ ବିଶ୍ୱର ଦ୍ୱିତୀୟ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ବିବେଚିତ ହୋଇଥିଲେ। ସେ ମାତ୍ର ୧୦ ବର୍ଷ ବୟସରେ ଅନ୍ତର୍ଜାତୀୟ ମାଷ୍ଟର ବନିଯାଇଥିଲେ।

● ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

# ସର୍ବାଧିକ ଛକାରେ ଫିନ୍ ସମକକ୍ଷ

ଡୁନେଡିନ୍, ୧୭ ।୧(ଏଜେନ୍ସି): ପାକିସ୍ତାନ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ୪୫ ରନରେ ବିଜୟ ହାସଲ କରିଛି। ଏଥିସହ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୩-୦ରେ ଅଗ୍ରଣୀ ହେବା ସହ



ଆଗୁଆ ସିରିଜ ହାତେଇ ନେଇଛି। ନ୍ୟୁଜିଲାଣ୍ଡ ଓପନର ଫିନ୍ ଆଲେନ୍ ୬୨ ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୧୬ ଛକା ସହ ୧୩୭ ରନର ବିସ୍ଫୋରକ ଶତକୀୟ ପାଳି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୧୬ଟି ଛକା ମାରି ଫିନ୍ ପୂର୍ବ ରେକର୍ଡ ସମକକ୍ଷ ହୋଇଛନ୍ତି। ପୂର୍ବରୁ ଆଫଗାନିସ୍ତାନର ହଜରତୁଲ୍ଲା ଜଜାୟୀ ଆୟର୍ଲାଣ୍ଡ ବିପକ୍ଷରେ ୨୦୧୯ ରେ ୧୬ଟି ଛକା ମାରି ବିଶ୍ୱ ରେକର୍ଡ କରିଥିଲେ। ଫିନ୍ କେବଳ ବାଉଣ୍ଡାରୀରେ ୧୧୬ ରନ ସଂଗ୍ରହ କରିଥିଲେ। ଏଥିସହ ଗୋଟିଏ ପାଳିରେ ବାଉଣ୍ଡରୀ ମାଧ୍ୟମରେ ସର୍ବାଧିକ ରନ ସଂଗ୍ରହ କରିବାରେ ସେ ରେକର୍ଡ କରିଛନ୍ତି।

ଟସ୍ ଜିତି ପାକିସ୍ତାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୭ ୱିକେଟରେ ହରାଇ ୨୨୪ ରନ ସଂଗ୍ରହ କରିଥିଲା। ଫିନ୍‌ଙ୍କ ବିସ୍ଫୋରକ ଶତକକୁ ବାଦ୍ ଦେଲେ ଅନ୍ୟମାନଙ୍କ ମଧ୍ୟରେ ୱିକେଟରକ୍ଷକ ବ୍ୟାଟର ଟିମ୍ ସିଫର୍ଟ ୩୧, ଗ୍ଲେନ ଫିଲିପ୍ସ ୧୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ପାକିସ୍ତାନ ପାଇଁ ହାରିସ ରୌଫ ଦୁଇଟି, ଶାହିନ ଶାହା ଆଫ୍ରିଦି, ଜମାନ ଖାନ୍, ମହମ୍ମଦ ନୱାଜ ଓ ମହମ୍ମଦ ୱାସିମ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ପାକିସ୍ତାନ ୨୦ ଓଭରରେ ୭ ୱିକେଟ ହରାଇ ୧୭ ୯ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ବାବର ଆଜମ ସର୍ବାଧିକ ୫୮, ମହମ୍ମଦ ନୱାଜ ୨୮, ମହମ୍ମଦ ରିଜୱାନ ୨୪, ଫକର ଜାମାନ ୧୯, ଆଜମ ଖାନ୍ ୧୦, ସଇମ ଆୟୁବ ୧୦ ରନ କରି ଆଉଟ ହୋଇଥିବା ବେଳେ ଶାହିନ ଆଫ୍ରିଦି ୧୬ ରନକରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଟିମ୍ ସାଉଦି ୨, ମ୍ୟାଟ ହେନରୀ, ଲକି ଫର୍ଗୁସନ, ମିଚେଲ ସାଣ୍ଟନର ଓ ଇଶ୍ ସୋଧୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

# ପ୍ରଥମ ଟେଷ୍ଟ: ୧୮୮ ରେ ଅଟକିଲା ୱେଷ୍ଟଇଣ୍ଡିଜ୍



ଆଡିଲେଡ୍, ୧୭। ୧ (ଏଜେନ୍ସି) : ଜୋଶ ହାଜ୍‌ଲେଉଡ୍ ଓ ପ୍ୟାଟ କମିନ୍ସଙ୍କ ଘାତକ ବୋଲିଂ ଫଳରେ ଏଠାରେ ବୁଧବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ପାଳିରେ ୧୮୮ ରନ୍ କରିଛି। ଦଳ ପକ୍ଷରୁ କିର୍କି ମ୍ୟାକେଞ୍ଜି ସର୍ବାଧିକ ୫୦ ରନ୍ କରିଥିଲାବେଳେ ନଂ-୧୧ ବ୍ୟାଟର ଶାମର ଯୋଶେଫ ଦ୍ୱିତୀୟ ଟପ୍ ସ୍କୋର ୩୬ ରନ୍ କରିଛନ୍ତି। ଉଭୟ ହାଜ୍‌ଲେଉଡ୍ ଓ କମିନ୍ସ ୪ଟି ଲେଖାଏଁ ୱିକେଟ ପାଇଛନ୍ତି। ଜବାବରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୨ ୱିକେଟ ହରାଇ ୫୯ ରନ୍ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଉସ୍‌ମାନ ଖୱାଜା ୩୦ ଓ କାମେରନ ଗ୍ରୀନ୍ ୬ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟିଭେନ ସ୍ମିଥ ୧୨ ଓ ମାର୍ନସ ଲାବୁସେନ ୬ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଦୁଇଟିଯାକ ୱିକେଟ ଶାମର ଯୋଶେଫଙ୍କୁ ମିଳିଛି। ଏଠାରେ ଡେବ୍ୟୁ କରିଥିବା ଯୋଶେଫଙ୍କୁ ଅଲରାଉଣ୍ଡ ସଫଳତା ମିଳିଛି।

# CBSE BOARD EXAMINATION (2023-24)
# PROBABLE QUESTION PAPER
# CLASS-X, SUB- ENGLISH

### SECTION – A READING SKILLS

**1. Read the following Text.** **(10)**

1 The film industry is facing the challenge of the television screen which, because of its ready availability and nearness to entertainment seekers, is becoming very popular, particularly in
the West where television programs are as indispensable to people as newspaper material.
Sustained entertainment for multitudes lasting two or three hours is possible only in big cinema halls. Scenic beauty, background effects and colour techniques which have made the products of cinema industry so attractive and delightful may not be reproduced by television programme organisers, and therefore, this important invention in the field of wireless communication, in spite of having become a big rival of the cinema, may not succeed in replacing it.

2. The motion picture has also stepped into the international sphere as an agent of goodwill and co-operation among nations. Cultural contacts which tend to reduce tension in the world and bring harmony in international relations have been established through the medium of films. ement ties of love and brotherhood among nations and teach them to confer on each other the benefits of all the rich and glorious achievements of the present enlightened age.

3. In recent years, artists of the film world have been visiting foreign lands with a view to resenting before audience in those countries the best products of their cultural heritage. Film
festivals which many European and Asian countries have been organising from time to time
have also proved to be of immense value in reducing social barriers, colour prejudices and other causes of friction between nations.

**Based on your understanding of the passage, answer the questions given below.**

i. The film industry is facing the challenge of:
(A) the theatre (B) financial crunch
(C) waning people's interest (D) the television screen

ii. The TV has become popular because of:
(A) its entertaining programmes (B) its educative value
(C) its ready availability and nearness (D) its wide appeal

iii. Three things which make cinema so attractive are:
(A) scenic beauty, background effects and beautiful faces
(B) scenic beauty, good sets and colour techniques
(C) scenic beauty, gaudy dresses and colourful techniques
(D) scenic beauty, background effects and colour techniques

iv. Films have become agents of:
(A) pioneering (B) providing
(C) confercing (D) goodwill and cooperation

v. Which of these reduces the tension of the people and bring harmony?
(A) film industry (B) television programme
(C) beauty of nature (D) cultural context

vi. The artists of the film industry visit foreign lands with the purpose of:
(A) establishing friendly relations with them
(B) presenting best products of their cultural heritage
(C) bringing harmony in international relations
(D) getting better opportunity.

vii. Film festivals have proved to be of immense value in reducing social barriers and colour ________.

viii. Irritants only breed mistrust and conflicts among nations. (True/False)

ix. Which industry is facing the challenge of television screen?

x. What are the products that have made cinema industry attractive and delightful?
(A) Scenic beauty (B) Background effects
(C) Colour techniques (D) All of these

### SECTION – B- WRITING AND GRAMMAR

**2. Fill in the blanks with the correct passive form of verb:**

Last year Science Fair (a)_____ in Government Girls Senior Secondary School, Pitampura. The volunteers (b)_____duties to (c)_____ posters and models. The Director of Education (d)_____ as the Chief Guest.

**(A)** (a)was helding (b)was assigned (c)displaying (d)was inviting
**(B)** (a)was held (b)were assign (c)displays (d)were invited
**(C)** (a)were held (b)was assigned (c)display (d)was invites
**(D)** (a)was held (b)were assigned (c)display (d)was invited

**3. Attempt the questions given below :** **(5x2)**

(A) When you think about your city, you feel proud of its historical monuments, museums, Parliament House, Rashtrapati Bhawan, Metro, Delhi Haat, shopping malls and beautiful parks. Write a letter in 100-120 words to the editor of the national daily expressing your views on 'Delhi- the city of my dreams.' You are Akshay/Akshita living at 121, Lake View Colony, Delhi.

(B) You have lost your original certificates of class X and XII. You want to get their duplicates issued but you do not know the procedure. Write a letter to the Chairman, CBSE, Preet Vihar, enquiring about the fee to be deposited, mode of payment, time taken by the board for issuing duplicate certificates and any other formalities. You are Tarun/Taruna, 7/9, Kunj Apartments, Shimla. (100-120) words

### SECTION C Literature Text Book and Supplementary Reading Text

**4. Read the following extract and answer the questions that follow :** (5)

During our childhood in Goa, the Baker used to be our friend, companion and guide. He used to come at least twice a day. Once when he set out in the morning, in his selling round and then again, when he returned after emptying his huge basket. The jingling of his bamboo woke us up from sleep and we ran to meet and greet him. Why was it so? Was it for the love of loaf? Not at all. The loaves were brought by some Pakskine or bastine, the maid servant of the house. What we longed for were those bread bangles which we chose carefully.

i. When the author says that the Baker was his friend, companion and guide, he meant that-
(A) During his childhood days he used to play with the baker
(B) The Baker even taught the author when he was a child
(C) In his childhood, the author was very fond of the baker
(D) The author learned the art of baking bread from the baker

ii. Choose the statement that is true about the baker-
(A) The Baker came everyday only in the morning
(B) The Baker carried bells and made a jingling sound
(C) The Baker brought different kinds of bread
(D) The servants did not like the baker

iii. Paskine and Bastine are the names of the _____ in the Goan household.
(A) Owners (B) Cooks (C) Bakers (D) Maid-servants

iv. The extract uses the phrase "longed for". Which of the following expressions is incorrect with respect to the phrase "longed for"?
(A) Vacation (B) Promotion (C) Exams (D) Delicious food

v. Choose the answer which list the correct option about what children loved to have-
(A) Donut (B) Loaves of bread (C) Cake (D) Sandwich

**5. Read the following extract and answer the questions that follow :** (5)

Think Tank: (alarmed) Stop! This is no time for levity. Don't you realise the seriousness of the discovery? The earthlings have discovered how to combine agriculture and mining. They can actually grow crops of rare metals such as silver and cockleshells. They can grow high explosives, too, Noddle, contact our invasion fleet

i. Think Tank is alarmed because-
(A) He thinks the earthlings have made preparations to attack Mars
(B) Martians are ready to attack Earth
(C) Martian invasion fleet is too weak as compared to Earthlings
(D) The Martians have send their invasion fleet to Earth

ii. What discovery is referred to here-
(A) Earthlings have learnt about the weapons of the Martians
(B) Earthlings have grown high explosives
(C) Earthlings can see Think Tank
(D) Earthlings have captured the Martians

iii. The word 'Levity' does not correspond to -
(A) Humour (B) Jokes (C) Amusement (D) Seriousness

iv. Pick out the correct line if the rhyme that Indicates that the Earthlings have combined the agriculture and the mining
(A) The cow jumped over the moon
(B) And the dish ran away from the spoon
(C) How does your garden grow? With cockle Shells and silver bells
(D) And pretty maids all in a row

v. In Think Tank's interpretation of the Nursery Rhyme—-which characteristic does he imply?
(A) Very wise (B) Amusing (C) Boastful (D) Powerful

**6. Answer any 3 of the following questions in about 40 -50 words each :** (3x3)
a. Describe the pirate of the poem 'The tale of Custard the Dragon'.
b. Why is Mrs. Phumprey worried about Tricky?
c. Who was Max? How was Ausable able to Befool him?
d. How did a book become a turning point of Ebright's life?
e. How did the Parents react when the young seagull was finally able to fly?

**7. Answer any 2 of the following questions in about 40 - 50 words each :** (3x2)
a. Comment on the ending of the poem 'Fire and Ice'.
b. What is the point of Controversy between Natalya and Lomov? What arguments does Lomov put prove his point?
c. What did Valli found about the bus journey? How did she find out these details?

**8. Answer the following questions in about 100 - 120 words :** (6)
A thief in Hari Singh changes into a Good human being. What do you think is Anil's contribution in this?
OR
Horace Danby was a meticulous Planner but still made a mistake. Where did he go wrong and Why?

**9. Answer the following questions in about 100 - 120 words :** (6)
How do you usually understand the idea of selfishness? Do you agree with kisa gautami that she was selfish in her grief?
OR
What thing does Mij do which tells you that he is an intelligent, friendly and fun-loving animal who needs love?

*****

### ANSWER KEY

| | | | | | |
|---|---|---|---|---|---|
| 1. | i. (d), ii.(c), iii. (d), iv. (d), v.(d), vi. (b) vii. Prejudices, viii. True, ix. Film Industry, x. (d) | | | | |
| 4. | i. (a) | ii. (b) | (iii) (d) | iv. (c) | v. (b) |
| 5. | i. (a) | ii. (b) | (iii) (d) | iv. (a) | v. (a) |

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

ସାକ୍ଷାତକାର

# “ଚରିତ୍ର ଓ ଚତୁଃପାର୍ଶ୍ୱକୁ ଧ୍ୟାନ ଦେଲେ ଅଭିନୟ ଭଲ ହୁଏ”

**ସେ ଜଣେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟର, କିନ୍ତୁ ତାଙ୍କ ପେସା ପାଲଟିଯାଇଛି ଅଭିନୟ। ରିଆଲିଟି ଶୋ' 'ରଜ କୁଇନ୍'ର ଟାଇଟଲ୍ ଗ୍ରହଣ କରିବା ପରେ 'ହେ ପ୍ରଭୁ' ଓ 'ଝିଲି' ଧାରାବାହିକରେ ସେ ନଜର ଆସିଥିଲେ। 'ଝିଲି' ଧାରାବାହିକ 'ଏଲିନା' ଚରିତ୍ରର ଏହି ଅଭିନେତ୍ରୀ ଜଣକ, ବର୍ତ୍ତମାନ 'ମୋ ଶାଶୂର ଶାଶୂମା'ରେ 'ସୋନା' ଭୂମିକାରେ ଅଭିନୟ କରୁଛନ୍ତି। ସେ କେବଳ ଜଣେ ଅଭିନେତ୍ରୀ ନୁହଁନ୍ତି, ବରଂ ଦକ୍ଷ ନୃତ୍ୟଶିଳ୍ପୀ ଓ ୟୁଟ୍ୟୁବର୍ ମଧ୍ୟ। ଅନେକ ମ୍ୟୁଜିକ୍ ଭିଡିଓରେ ସେ କାମ କରିଛନ୍ତି। ସେହି ଚୁଲ୍‌ବୁଲି ଅଭିନେତ୍ରୀ ଜଣକ ହେଉଛନ୍ତି କଟକର ଅଦିତି ଦାଶ। ଇଞ୍ଜିନିୟରିଂରୁ ଅଭିନୟ ଆଡ଼କୁ କେମିତି ଥିଲା ତାଙ୍କର ଯାତ୍ରା, ଜାଣିବା ତାଙ୍କ ମୁହଁରୁ...**

## ଅଦିତି ଦାଶ, ଅଭିନେତ୍ରୀ



**ଅଭିନୟ କ୍ଷେତ୍ରକୁ କିଭଳି ଆସିଲେ?**

● ମୋ ଜେଜେବାପା ରେଭେନ୍ସାରେ ଅର୍ଥନୀତି ପ୍ରଫେସର ଥିବା ସତ୍ତ୍ୱେ ଡ୍ରାମାରେ ନିର୍ଦ୍ଦେଶନା ଦେଇଛନ୍ତି, ହୁଏତ ଅଭିନୟ କଳା ତାଙ୍କଠାରୁ ମୋତେ ମିଳିଥିଲା। ତେଣୁ ସପ୍ତମ ଶ୍ରେଣୀରେ ପଢ଼ିବା ସମୟରୁ ଅଭିନେତ୍ରୀ ହେବାକୁ ଇଚ୍ଛା ହେଲା। ଯେହେତୁ ମୁଁ ମୁମ୍ବାଇରେ ଥିଲି, ତେଣୁ ବିଭିନ୍ନ ଅଡିସନ୍ ଦେବାକୁ ଚାହୁଁଥିଲି। ତେବେ ପଢ଼ା ସାରି ମୁଁ ଅଭିନୟ କରେ ବୋଲି ବାପା ଓ ମା' ଚାହୁଁଥିଲେ। ପଢ଼ା ଶେଷ ହେବା ପରେ ୨୦୨୦ ମସିହାରେ ରଜ କୁଇନ୍‌ରେ ଭାଗ ନେଇ ବିଜେତା ହୋଇଥିଲି। ଏହା ପରେ 'ହେ ପ୍ରଭୁ'ରେ ମୋତେ କାମ ମିଳିଥିଲା। ଏହାରି ଭିତରେ 'ଝିଲି'ରେ ଏଲିନା ଚରିତ୍ର ମିଳିଥିଲା।

**'ଝିଲି'ରେ ଏଲିନା ଟିକେ ଟିକେ କଥାରେ କାନ୍ଦୁଥିଲା, ବାସ୍ତବରେ ଅଦିତି ଜଣେ ନାକକାନ୍ଦୁରୀ କି?**

● ମୁଁ ଆଦୌ ନାକକାନ୍ଦୁରୀ ନୁହେଁ, ମୁଁ ସମସ୍ତଙ୍କୁ କନ୍ଦାଇ ଦେବି ପଛେ, ନିଜେ କେବେ କାନ୍ଦିବିନି। ହଁ, ଏଲିନା ଚରିତ୍ରରେ ଯେମିତି ପିଲାଳିଆମି ଥିଲା, ମୋ ଭିତରେ ତାହା ରହିଛି। ସେଟ୍‌ରେ ସମସ୍ତଙ୍କଠାରୁ ମୁଁ ଛୋଟ ଥିବାରୁ ସମସ୍ତେ ମୋତେ 'ଚୁଇଁ' ଡାକନ୍ତି। ତେବେ ବିଭିନ୍ନ ପରିସ୍ଥିତିକୁ କେମିତି ମ୍ୟାନେଜ୍ କରିବାକୁ ହୁଏ, ସେ ଜ୍ଞାନ ମୋର ଯଥେଷ୍ଟ ଅଛି।

**'ମୋ ଶାଶୂର ଶାଶୂମା'ରେ ଲିଡ୍ ରୋଲ୍ ମିଳିବାର ଅନୁଭୂତି କେମିତି ଥିଲା?**

● 'ଝିଲି' ଛାଡ଼ିବା ମାସକ ପରେ 'ମୋ ଶାଶୂର ଶାଶୂମା'ରେ କାମ ମିଳିଥିଲା। ପ୍ରତ୍ୟେକ କଳାକାରଙ୍କୁ ଲିଡ୍ ରୋଲ୍ କରିବାକୁ ଇଚ୍ଛା ଥାଏ। ତେଣୁ ପ୍ରଥମ ଥର କ୍ୟାରେକ୍ଟର ରୋଲରୁ ଲିଡ୍ ରୋଲ ପାଇ ଖୁସିରେ ମୁଁ ନାଚି ଉଠିଥିଲି। ସୋନା ଚରିତ୍ରକୁ ବେଶ୍ ନିଖୁଣ ଭାବେ ଫୁଟାଇବି ବୋଲି ଚିନ୍ତା କରିଥିଲି। କାରଣ ପ୍ରତ୍ୟେକ କଳାକାରଙ୍କ ପାଇଁ ଚରିତ୍ର ହିଁ ଗୁରୁତ୍ୱ ରଖେ।

**'ସୋନା' ଚରିତ୍ର ସମ୍ପର୍କରେ କ'ଣ କହିବେ?**

● 'ମୋ ଶାଶୂର ଶାଶୂମା' ଏକ ହରର କମେଡି। ଏଥିରେ ସୋନାର ଚରିତ୍ର ଅଦିତି ସହିତ ସମାନ। କାରଣ ସୋନା ପୂରା ନିର୍ଭୀକ, ସେ ଭୂତପ୍ରେତ କାହାକୁ ବି ଡରୁନି। ଚଳଚଞ୍ଚଳ ହୋଇ କଥା କହେ। ତାକୁ କୌଣସି କଥା ଫରକ୍ ପଡ଼େନି। ବିବାହ ପୂର୍ବରୁ ସୋନା ଖପୁରି ଧରି ବୁଲୁଛି, ଭୂତକୁ ବୋତଲରେ ରଖୁଛି। ଭୂତକୁ ଦେଖିବା ଆଉ ଧରିବା ସୋନାର କାମ। ସ୍ୱାମୀ ଅଭି ଓ ତାଙ୍କ ଘରଲୋକ ସମସ୍ତେ ଭୂତୁଣୀକୁ ଭୟ କରୁଥିବାବେଳେ ସୋନା ସେହି ଭୂତୁଣୀକୁ ଧରିବାକୁ ଚାହୁଁଛି। ସେଥିପାଇଁ ସୋନା ଅଭିକୁ ବିବାହ କରିଛି। ରିଅଲ୍ ଲାଇଫ୍‌ରେ ବି ଅଦିତି ସେମିତି ନିର୍ଭୀକ ଥିବାରୁ ଏହି ଚରିତ୍ର କରିବାକୁ କୌଣସି ସମସ୍ୟା ହୋଇନି।

**ରିଲ୍‌ରେ ଅଭି ଓ ସୋନା ଯୋଡ଼ିକୁ ଦର୍ଶକେ ପସନ୍ଦ କରୁଛନ୍ତି? ରିଅଲ୍‌ରେ ଦୁହିଁଙ୍କ ସମ୍ପର୍କ କେମିତି?**

● ରିଅଲ୍ ଲାଇଫ୍‌ରେ ଅଭି ମୋର ଜଣେ ଭଲ ବନ୍ଧୁ। ଆଉ ପୂରା ୟୁନିଟ୍ ହିଁ ମୋର ପରିବାର।

**ଅଦିତି ଭଲ ଡ୍ୟାନ୍ସ କରନ୍ତି, ବିଧିବଦ୍ଧ ଭାବେ କେଉଁଠି ତାଲିମ ନେଇଛନ୍ତି କି?**

● ହଁ, ରାୟପୁରରୁ ଭାରତ ନାଟ୍ୟମ୍ ଓ ମୁମ୍ବାଇରୁ ଓଡ଼ିଶୀ ନୃତ୍ୟ ତାଲିମ ନେଇଛି।

**ଫିଟ୍ ରହିବାକୁ ଅଦିତି କ'ଣ କରନ୍ତି?**

● 'ହେ ପ୍ରଭୁ' କରିବା ସମୟରେ ବହୁତ ମୋଟା ଥିଲି। ନିଜକୁ ଫିଟ୍ ରଖିବାକୁ ଯଦିଓ ଜିମ୍ ଯାଏନି, କିନ୍ତୁ ଘରେ ନିୟମିତ ୱାର୍କଆଉଟ୍ କରେ। ଡାଏଟ୍ ବି ମେଣ୍ଟେନ୍ କରେ।

**ଫିଲ୍ମରେ କାମ କରିବାକୁ ଇଚ୍ଛା ଅଛି କି?**

● ଫିଲ୍ମ କରିବାକୁ କାହାକୁ ଇଚ୍ଛା ନଥାଏ। ଭଲ ଚରିତ୍ର ମିଳିଲେ ନିଶ୍ଚୟ କରିବି। କିନ୍ତୁ ଏବେ ସୋନା ଚରିତ୍ରରେ ୧୪ରୁ ୧୮ ଘଣ୍ଟା ରହିବାକୁ ପଡୁଥିବାରୁ ବାକି ସମୟ ମୋ ନିଜକୁ ଦେଉଛି। ତେଣୁ ୱେବ୍‌ସିରିଜ୍ ଓ ମ୍ୟୁଜିକ୍ ଭିଡିଓ କାମ ମିଳିଲେ କରିବି। ମୋର ଡ୍ରିମ୍ ରୋଲ୍ ହେଉଛି ସାଇକୋଟିକ୍ ଚରିତ୍ର।

**ସୁଟିଂ ନ ଥିଲେ କ'ଣ କରନ୍ତି?**

● ସିନ୍ ମଝିରେ ସମୟ ମିଳିଲେ, ମୁଁ ଶୋଇପଡ଼େ। ସହକଳାକାରଙ୍କ ସହ ମଜାମସ୍ତି ବି କରେ।

**ଆପଣଙ୍କର ୟୁଟ୍ୟୁବ୍ ଚ୍ୟାନେଲ ଅଛି, ଏଥିପାଇଁ କିଭଳି ସମୟ ବାହାର କରନ୍ତି?**

● ମୁଁ କ'ଣ କରୁଛି, କେଉଁଠି କି ଯାଏଁ, ନାଚ ଗୀତ, ଜନ୍ମଦିନ କେମିତି ପାଳିଲି, ମୋ ଘରେ କେମିତି ପୂଜା ହେଉଛି, ସୁଟିଂ ସେଟ୍‌ର ସିନ୍ ଆଦିକୁ ନେଇ ବ୍ଲଗ୍‌ସ କରେ। କିନ୍ତୁ ବ୍ୟସ୍ତତା ଯୋଗୁଁ ଏବେ କିଛିଦିନ ହେବ ପୋଷ୍ଟ କରିପାରୁନି।

**ଅଭିନୟ ଜଗତ ପ୍ରତି ଆଗ୍ରହ ଥିବା ପିଲାଙ୍କୁ କ'ଣ ପରାମର୍ଶ ଦେବେ?**

● ଅଭିନେତା କି ଅଭିନେତ୍ରୀ ହେବାକୁ ପ୍ରଥମେ ମାନସିକ ଭାବେ ପ୍ରସ୍ତୁତି ରହିବା ଦରକାର। ଏ ଲାଇନ୍‌କୁ ଆସିବା ପୂର୍ବରୁ ସ୍ମାର୍ଟ ଲୁକ୍, ଫିଟ୍, ଆଉ ଅଭିନୟ ବିଷୟରେ ଜ୍ଞାନ ଥିବା ଆବଶ୍ୟକ। ମୋ ମତରେ ଜଣେ କଳାକାର ତା'ର ଚରିତ୍ର ଓ ତା'ର ଚତୁଃପାର୍ଶ୍ୱକୁ ଧ୍ୟାନ ଦେଲେ ହିଁ ଭଲ ଅଭିନୟ କରିପାରିବ। ■



ପୁରୁଷଙ୍କ କାହାଣୀ

## 'ଡିୟର୍ ପୁରୁଷ'



ଜାନୁଆରୀ ୧୧ ତାରିଖରେ ମୁକ୍ତିଲାଭ କରିଥିବା 'ଡିୟର୍ ପୁରୁଷ'କୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଝିଲିକ୍ ମୋସନ୍ ପିକଚର୍ସ ବ୍ୟାନର୍‌ରେ ନିର୍ମିତ ଏହି ଦ୍ୱିଭାଷୀ ସିନେମାର ପ୍ରଯୋଜନାରେ ଅଭିନେତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ ଥିବା ବେଳେ ନିର୍ଦ୍ଦେଶନାରେ ଅଛନ୍ତି ଜିତ୍ ଚକ୍ରବର୍ତ୍ତୀ। ଚିତ୍ରନାଟ୍ୟ ଓ ସଂଳାପରେ ଜିତ୍ ଦତ୍ତ ଥିବା ବେଳେ ସୁମଧୁର ସଙ୍ଗୀତରେ ସଜାଇଛନ୍ତି ଗୌରବ ଆନନ୍ଦ। ସବୁ ଦୃଷ୍ଟିରୁ ଏହି ସିନେମାକୁ ସୁନ୍ଦର ଭାବେ କରିବାକୁ ପ୍ରଯୋଜନା ସଂସ୍ଥା ପୂରା ପ୍ରୟାସ କରିଛି। ସିନେମାରେ ନାରୀ-ପୁରୁଷର ସମ୍ପର୍କ ତଥା ସମାଜରେ ପୁରୁଷ ସାମ୍ନା କରୁଥିବା ବିଭିନ୍ନ ଆହ୍ୱାନକୁ ଖୁବ୍ ସୁନ୍ଦର ଭାବେ ଦୃଶ୍ୟାୟିତ କରାଯାଇଛି। ମୁଖ୍ୟତଃ ସିନେମାରେ ୬ଜଣ ଦମ୍ପତିଙ୍କ ଜୀବନଯାତ୍ରାକୁ ଅତି ସୁନ୍ଦର ଭାବେ ଚିତ୍ରାୟିତ କରାଯାଇଛି। ଅନ୍ୟପଟେ ଚଳଚ୍ଚିତ୍ରରେ ଭିନ୍ନ ଏକ ଲୁକ୍‌ରେ ନଜର ଆସିଛନ୍ତି ଝିଲିକ୍। ଯାହାକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ତେବେ ଏହି ସିନେମାର ଅନ୍ୟତମ ବିଶେଷତ୍ୱ ହେଉଛି ଏଥିରେ ଦମଦାର କଳାକାରଙ୍କ ଜବରଦସ୍ତ ଅଭିନୟ ଦର୍ଶକେ ଦେଖିବାକୁ ପାଇଛନ୍ତି। ସିନେମାର ବିଭିନ୍ନ ଚରିତ୍ରରେ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତାଙ୍କ ସହ ସିଦ୍ଧାନ୍ତ ମହାପାତ୍ର, ନୀତୁ ସିଂ, ସମରେଶ ରାଉତରାୟ, ଦେବାଶିଷ ପାତ୍ର, ଦ୍ୱୀପନ୍ୱିତ ଦାସ, ପିଙ୍କି ପ୍ରଧାନ, ପାର୍ଥସାରଥି, ଦିବ୍ୟା, ହିମାଗ୍ନି, ପ୍ରଦ୍ୟୁମ୍ନ ଲେଙ୍କା, କୁନା ତ୍ରିପାଠୀ, ସୁକାନ୍ତ ରଥ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସେହିପରି ସିନେମାର କାହାଣୀ, ଗୀତ ଓ କଳାକାରଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଏବେ ପ୍ରେକ୍ଷାଳୟରେ 'ଡିୟର୍ ପୁରୁଷ' ଦେଖିବାକୁ ସିନେ ଦର୍ଶକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଅନ୍ୟପଟେ ପ୍ରଥମ ଓଡ଼ିଆ ସିନେମା ଭାବେ ନ୍ୟୁୟର୍କ ସହରର 'ଟାଇମ୍ସ ସ୍କୋୟାର୍' ବିଲ୍‌ବୋର୍ଡରେ ଏହା ପ୍ରଦର୍ଶିତ ହୋଇଥିଲା। ■

## ତାମିଲ୍ ଧାରାବାହିକରେ ଜସ୍ମିନ୍

ଓଡ଼ିଆ ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ଜସ୍ମିନ୍ ରଥଙ୍କୁ ଖୁବ୍‌ଶୀଘ୍ର ଜି-ତାମିଲ୍‌ରେ ପ୍ରସାରିତ ହେବାକୁ ଥିବା ନୂଆ ଧାରାବାହିକ 'ନିନାଇଥେନ୍ ଭନଧାଇ'ରେ ଦେଖିବାକୁ ମିଳିବ। ଏହାର ଏକ ଭିଡିଓ ସେ ତାଙ୍କ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଯାହାକୁ ଲୋକମାନେ ବେଶ୍ ପସନ୍ଦ କରିବା ସହ ତାଙ୍କର ଆଗାମୀ ନୂଆ ମେଗାଧାରାବାହିକ ପାଇଁ ତାଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ନୂଆ ଧାରାବାହିକକୁ ନେଇ ଜସ୍ମିନ୍ ଖୁବ୍ ଉତ୍ସାହିତ ବି ଅଛନ୍ତି। ସେହିପରି ଓଡ଼ିଆ କଳାକାର ଭାବେ ତାମିଲ୍ ଇଣ୍ଡଷ୍ଟ୍ରିରେ କାମ କରି ସେ ଏବେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି। ତେବେ ଏହାପୂର୍ବରୁ ଜସ୍ମିନ୍ ଷ୍ଟାର୍ ମା' ଚ୍ୟାନେଲରେ ପ୍ରସାରିତ 'କ୍ରିଷ୍ଣନମା କଲିପିନ୍ଦି ଇଦ୍ଦରିନୀ' ସିରିଏଲ୍‌ରେ ନଜର ଆସିଥିଲେ। ଏଥିରେ କନ୍ନଡ଼ର ଲୋକପ୍ରିୟ ଅଭିନେତା ବିଜୟ ସୂର୍ଯ୍ୟାଙ୍କ ବିପକ୍ଷରେ ତାଙ୍କୁ ନାୟିକା ଭାବେ ଦେଖିବାକୁ ମିଳିଥିଲା। ଧାରାବାହିକଟି ଥିଲା ପ୍ରେମ କାହାଣୀ ଉପରେ ଆଧାରିତ। ଅନ୍ୟପଟେ ଜସ୍ମିନ୍ 'ମାୟା', 'ସରଗମ୍', 'ମା' ଯାହାର ସାହା' ଭଳି ଓଡ଼ିଆ ମେଗାଧାରାବାହିକ ସମେତ ଏକାଧିକ ମ୍ୟୁଜିକ୍ ଭିଡିଓରେ ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହୋଇଛନ୍ତି। ଏହା ବାଦ୍ ତାଙ୍କୁ ଜୀ-ସାର୍ଥକର ଡିଆଇଡି ଡ୍ୟାନ୍ସ ଲିଗ୍‌ରେ ଚମତ୍କାର ନୃତ୍ୟ କରିଥିବା ଦେଖିବାକୁ ମିଳିଥିଲା। ତେବେ ଏବେ ସେ ତାଙ୍କର ନୂଆ ଅଭିନୟ ଯାତ୍ରାକୁ ନେଇ ଖୁବ୍ ଖୁସି ଅଛନ୍ତି। ଓଡ଼ିଆ ସିରିଏଲ୍‌ରେ ଯେଭଳି ତାଙ୍କୁ ଦର୍ଶକୀୟ ଆଦୃତି ମିଳିଛି, ଠିକ୍ ସେଭଳି ଏହି ନୂଆ ଧାରାବାହିକ ପାଇଁ ସେ ତାଙ୍କ ପ୍ରଶଂସକଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି। ■



## ଫ୍ରାଇଡେ ରିଲିଜ୍
### ୧୯ ଜାନୁଆରୀ (ଓଡ଼ିଆ)




**ଦଶମ**

ନିର୍ଦ୍ଦେଶକ: ରାଜା ଡି
ପ୍ରଯୋଜକ: ଦୀପକ ଜେନା
କଳାକାର: ଶୈଳେନ୍ଦ୍ର, ଆକାଶ, ଫନୀ ପ୍ରତୀକ, ନୀଳାକ୍ଷୀ



## ଘୁଞ୍ଚିଲା 'ଅପରେସନ ୧୨/୧୭'ର ରିଲିଜ୍ ତାରିଖ

ସାଇ ଲୁମ୍ବିନୀ ପ୍ରଡକ୍ସନ୍ ନିର୍ମିତ ତଥା ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ 'ଅପରେସନ୍ ୧୨/୧୭' ଚଳଚ୍ଚିତ୍ର ଜାନୁଆରୀ ମାସରେ ରିଲିଜ୍ ହୋଇଥାନ୍ତା। ଏବେ କିନ୍ତୁ ଏହା ମାର୍ଚ୍ଚ ୨୨ରେ ପ୍ରେକ୍ଷାଳୟକୁ ଆସିବ ବୋଲି ଜଣାପଡ଼ିଛି। ଶୁଭ୍ରା ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ମୋଟ ୪ଟି ଗୀତ ରହିଛି। ଗୀତିକାର ଅରୁଣ ମନ୍ତ୍ରୀ ଓ ଡକ୍ଟର ନିର୍ମଳ ନାୟକ ଗୀତ ରଚନା କରିଥିବାବେଳେ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। ସିନେମାରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଋତୁରାଜ ମହାନ୍ତି, ସତ୍ୟଜିତ୍ ପ୍ରଧାନ, ଅସୀମା ପଣ୍ଡା ଏବଂ ଅନନ୍ୟା ଶ୍ରୀତମ ନନ୍ଦ। ସିନେମାର ମୁଖ୍ୟ ଚରିତ୍ରରେ ଅଛନ୍ତି ଶ୍ରେୟାନ୍ ଏବଂ ଭୂମିକା। ■

ଗ୍ରାଣ୍ଡ ପ୍ରିମିୟର୍

## ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ: ଡବଲ୍ସ ଲିଗ୍

ଜାନୁଆରୀ ୨୦ ତାରିଖରେ ଡ୍ୟାନ୍ସ ରିଆଲିଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ଡବଲ୍ସ ଲିଗ୍'ର ଗ୍ରାଣ୍ଡ ପ୍ରିମିୟର୍ ହେବ। ଏହି ଶୋ'ରେ ଟେଲିଭିଜନର ଲୋକପ୍ରିୟ ଯୋଡ଼ିଙ୍କ ଦମ୍ଦାର୍ ଡ୍ୟାନ୍ସ ଦେଖିବାକୁ ମିଳିବ। ବିଭିନ୍ନ ଧାରାବାହିକରୁ ସମୁଦାୟ ୧୨ ଜଣ ଯୋଡ଼ି ଏଥିରେ ନଜର ଆସିବେ। ତେବେ ୧୨ ଯୋଡ଼ିଙ୍କ ମଧ୍ୟରେ ଅଛନ୍ତି ସଙ୍ଗୀତ-ରାଗିଣୀ, ଅରୁ-ଧ୍ରୁବ୍, ପ୍ରିୟା-ବିଷ୍ଣୁ, ସନ୍ଧ୍ୟା-ସନ୍ଦୀପ, ମଧୁ-ମାନସ, ନୀହାରିକା-ଶ୍ରୀ, ନେତ୍ରା-ଅଭିନବ, ମାନିନୀ-ଏଜେ, ସାର-ଅମନ, ଅମ୍ବିକା-ଭବାନୀ, ରାଜଲକ୍ଷ୍ମୀ-ସରସ୍ୱତୀ, ଧାରା-ଅମ୍ବର। ସେହିପରି ଶୋ'ରେ କେବଳ ଏହି ଯୋଡ଼ିମାନଙ୍କ ଡ୍ୟାନ୍ସ ଦେଖିବାକୁ ମିଳିବ ତାହା ନୁହେଁ, ବିଭିନ୍ନ ମଜାଦାର୍ ଗେମ୍ ମଧ୍ୟ ସେମାନେ ଖେଳିବେ। ଶୋ'ରେ ହରିହର ଓ ଦେବାଶିଷ ବିଚାରପତି ଭାବେ ନଜର ଆସିବେ ଏବଂ ଶୋ'କୁ ସଞ୍ଚାଳନ କରିବେ ସୁଜିତ୍ ଏବଂ ଚାନ୍ଦିନୀ। ଏହା ପ୍ରତ୍ୟେକ ଶନିବାର ଓ ରବିବାର ରାତି ୯ଟା ୩୦ରେ ଜି ସାର୍ଥକରେ ପ୍ରସାରିତ ହେବ। ■



### ରୋହିତ ଶର୍ମା ଓ ରିଙ୍କୁ ସିଂଙ୍କ ରେକର୍ଡ ଭାଗୀଦାରି

# ଦ୍ୱିତୀୟ ସୁପର ଓଭରରେ ଜିତିଲା ଭାରତ

ବେଙ୍ଗାଲୁରୁ, ୧୭।୧(ସମିସ): ଏଠାରେ ବୁଧବାର ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଉତ୍କଣ୍ଠାପୂର୍ଣ୍ଣ ତୃତୀୟ ତଥା ଶେଷ ଟି-୨୦ ମୁକାବିଲାକୁ ଭାରତ ଦ୍ୱିତୀୟ ସୁପର ଓଭରରେ ଜିତି ନେଇଛି। ଏହି ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ୧୨୧* ଓ ରିଙ୍କୁ ସିଂଙ୍କ ୬୯* ରନ୍ ଫଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୪ ୱିକେଟରେ ୨୧୨ ରନ୍ କରିଥିଲା। ଜବାବରେ ଗୁଲବଦିନ ନାଏବଙ୍କ ଅପରାଜିତ ୫୫, ରହମନୁଲ୍ଲା ଗୁରବାଜଙ୍କ ୫୦ ଓ ଇବ୍ରାହିମ୍ ଜଦ୍ରାନଙ୍କ ୫୦ ରନ୍ ସହାୟତାରେ ଆଫଗାନିସ୍ତାନ ମଧ୍ୟ ୬ ୱିକେଟ ହରାଇ ୨୧୨ ରନ୍ କରିଥିଲା। ଉଭୟ ଦଳର ସ୍କୋର ସମାନ ହେବା ଫଳରେ ମ୍ୟାଚ୍‌ର ଫଳାଫଳ ପାଇବା ଲାଗି ସୁପର ଓଭରର ସହାୟତା ନିଆଯାଇଥିଲା। ମୁକେଶ କୁମାର ବୋଲିଂ କରିଥିବା ପ୍ରଥମ ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୧ ୱିକେଟ ହରାଇ ୧୬ ରନ୍ କରିଥିଲା। ୧୭ ରନ୍‌ର ଲକ୍ଷ୍ୟକୁ ପିଛା କରି ଭାରତ ମଧ୍ୟ ୧୬ ରନ୍ କରିଥିଲା। ଫଳରେ ପୁଣିଥରେ ସୁପର ଓଭର ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଭାରତ ୧୧ ରନ୍‌ରେ ଅଲ୍‌ଆଉଟ (୨ୱିକେଟ) ହୋଇଥିଲା। ଜବାବରେ ଆଫଗାନିସ୍ତାନ ମାତ୍ର ୩ଟି ବଲ୍‌ରେ ୧ ରନ୍ କରି ୨ଟି ୱିକେଟ ହରାଇବା ଫଳରେ ଭାରତ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଭାରତ ପକ୍ଷରୁ ଦ୍ୱିତୀୟ ସୁପର ଓଭର ବୋଲିଂ କରିଥିବା ଲେଗ୍ ସ୍ପିନର ରବି ବିଷ୍ଣୋଇ ସୁପର ହିରୋ ବନିଯାଇଥିଲେ। ସୂଚନା ଯୋଗ୍ୟ ସୁପର ଓଭରରେ ୨ଜଣ ଖେଳାଳି ଆଉଟ ହେଲେ ପାଳି ଶେଷ ହୋଇଥାଏ ଓ ମ୍ୟାଚ୍‌ର ଫଳାଫଳ ନ ବାହାରିବା ଯାଏ ସୁପର ଓଭର ବୋଲିଂ କରାଯାଇଥାଏ। ଏହି ଉତ୍କଣ୍ଠାପୂର୍ଣ୍ଣ ବିଜୟ ଫଳରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ୩-୦ରେ ଜିତିନେଇଛି। ଏହି ମ୍ୟାଚ୍‌ରେ ଅପରାଜିତ ଶତକ ହାସଲ କରିଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ମ୍ୟାଚ୍‌ର ଓ ଶିବମ ଦୁବେଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୧୨ ରନ୍ କରିଥିଲା। ଦଳ ୨୫ ରନ୍‌ରେ ୪ ୱିକେଟ ହରାଇବା ପରେ ରୋହିତ ଓ ରିଙ୍କୁ ୫ମ ୱିକେଟରୁ ୯୫ ବଲ୍‌ରେ ରେକର୍ଡ ୧୯୦ ରନ୍ (ଭାରତ ଲାଗି ଯେକୌଣସି ୱିକେଟରେ ସର୍ବାଧିକ) କରି ଭାରତକୁ ଏକ ବିଶାଳ ସ୍କୋର ଦେଇଥିଲେ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଖାତା ଖୋଲି ପାରି ନଥିବା ରୋହିତ ଏଠାରେ ୬୯ ବଲ୍ ଖେଳି ୧୧ ଚୌକା ଓ ୮ ଛକା ସହ ୧୨୧ ଏବଂ ରିଙ୍କୁ ସିଂ ମାତ୍ର ୩୯ ବଲ୍ ଖେଳି ୨ଚୌକା ଓ ୩ ଛକା ସହ ୬୯ ରନ୍ କରି ଅପରାଜିତ ରହିଥିଲେ। ଏମାନେ ଶେଷ ୧୯ ବଲ୍‌ରେ ୭୨ ରନ୍ ଉଠାଇଥିଲେ। ଏହା ମଧ୍ୟରୁ କରିମ ଜାନତ ବୋଲିଂ କରିଥିବା ଶେଷ ଓଭରରେ ଏହି ଯୋଡି ୩୬ ରନ୍ ଉଠାଇଥିଲେ। ରୋହିତ ବିଶ୍ୱର ପ୍ରଥମ ଖେଳାଳି ଭାବେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୫ମ ଶତକ ହାସଲ କରିଥିଲେ।

ଜବାବରେ ୨୧୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆଫଗାନିସ୍ତାନ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରିବା ସହ ପ୍ରଥମ ୱିକେଟରୁ ୧୧ ଓଭରରେ ୯୩ ରନ୍ ଉଠାଇଥିଲା। ଦୁଇ ଓପନର ରହମନୁଲ୍ଲା ଗୁରବାଜ୍ ୩୨ ବଲ୍‌ରେ ୫୦ ଓ ଅଧିନାୟକ ଇବ୍ରାହିମ୍ ଜଦ୍ରାନ ୪୧ ବଲ୍‌ରେ ୫୦ ରନ୍ କରି ଆଉଟ ହେବା ପରେ ରନ୍ ହାର କମିଯାଇଥିଲା। ଦଳ ୧୦୭ ରନ୍‌ରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଗୁଲବଦିନ ନାଏବ ଓ ମହମ୍ମଦ ନବି (୧୬ବଲ୍‌ରେ ୩୪ରନ୍) ୪ର୍ଥ ୱିକେଟରୁ ୨୨ ବଲ୍‌ରେ ୫୬ ରନ୍ ଉଠାଇବା ଫଳରେ ଦଳର ବିଜୟ ଆଶା ସଞ୍ଚାର ହୋଇଥିଲା। ନବିଙ୍କ ଆଉଟ ପରେ ନାଏବ ଏକାକୀ ଲଢୁଆ ବ୍ୟାଟିଂ କରିବା ସହ ମ୍ୟାଚ୍‌କୁ ଟାଇ ରଖିବାରେ ସମର୍ଥ ହୋଇଥିଲେ। ସେ ମାତ୍ର ୨୩ଟି ବଲ ଖେଳି ୪ ଚୌକା ଓ ୪ଛକା ସହ ୫୫ ରନ୍‌ରେ ଅପରାଜିତ ରହିଥିଲେ।



**ସଂକ୍ଷିପ୍ତ ସ୍କୋର**

ଭାରତ : ୨୧୨/୪, ୨୦ ଓଭର (ରୋହିତ ଶର୍ମା- ଅପରାଜିତ -୧୨୧, ରିଙ୍କୁ ସିଂ- ଅପରାଜିତ- ୬୯, ବିରାଟ କୋହଲି-୦, ସଞ୍ଜୁ ସାମସନ-୦, ଫରିଦ୍ ଅହମ୍ମଦ ମଲ୍ଲିକ-୩/୨୦)।

ଆଫଗାନିସ୍ତାନ : ୨୧୨/୬, ୫୦ ଓଭର (ଗୁଲବଦିନ ନାଏବ-୫୫*, ଇବ୍ରାହିମ ଜଦ୍ରାନ- ୫୦, ରହମନୁଲ୍ଲା ଗୁରବାଜ-୫୦, ୱାଶିଂଟନ ସୁନ୍ଦର-୩/୧୮)।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀ ହାଫ୍ ମାରାଥନ୍‌କୁ ଅନ୍ତର୍ଜାତୀୟ ମାନ୍ୟତା

ଢେଙ୍କାନାଳ, ୧୭ ।୧(ସମିସ): ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜନ ହେବାକୁ ଯାଉଥିବା ଟାଟା ଷ୍ଟିଲ୍ ମେରାମଣ୍ଡଳି ହାଫ୍ ମାରାଥନ୍‌କୁ ଆସୋସିଏସନ ଅଫ ଇଣ୍ଟରନ୍ୟାସନାଲ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସେସ୍ (ଏଆଇଏମ୍‌ଏସ୍) ଅନ୍ତର୍ଜାତୀୟ ମାନ୍ୟତା ପ୍ରଦାନ କରିଛି। ହାଇଦ୍ରାବାଦର ଏଆଇଏମ୍‌ଏସ୍‌ର ଦୂରତା ମାପକ (ଡିଷ୍ଟାନ୍ସ ମେଜରର) ଆମ୍ରି ସେନେଦିୱାନ ଟାଟା ଷ୍ଟିଲ୍‌ର କ୍ରୀଡ଼ା ଟିମ୍ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହଯୋଗରେ କପିଳାସ ଅଭୟାରଣ୍ୟ ବାହ୍ୟ ଅଞ୍ଚଳରେ ହାଫ୍ ମାରାଥନ୍ ପଥ (ରୁଟ୍)କୁ ଆଗରୁ ଅନୁଶୀଳନ କରି ଏଆଇଏମ୍‌ଏସ୍ ନିକଟରେ ସ୍ୱୀକୃତି ପାଇଁ ସୁପାରିସ କରିଥିଲେ। ମୋନାକୋସ୍ଥିତ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଏଆଇଏମ୍‌ଏସ୍ ସାରା ବିଶ୍ୱରେ ମାରାଥନ୍ ଓ ଦୂରଦୌଡ଼ର ପ୍ରତିନିଧିତ୍ୱ କରୁଛି। ଏହି ଅନୁଷ୍ଠାନ ଦ୍ୱାରା ଉକ୍ତ ହାଫ୍ ମାରାଥନ୍ ପଥ ଯାଞ୍ଚ କରି ମାନ୍ୟତା ପ୍ରଦାନ କରାଯାଇଛି। ଏଆଇଏମଏସ୍ ଦ୍ୱାରା ପ୍ରମାଣିତ ହୋଇଥିବାରୁ ଏଥିରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀମାନେ ଭବିଷ୍ୟତରେ ଯେକୌଣସି ଅନ୍ତର୍ଜାତୀୟ ମାରାଥନରେ ଅଂଶଗ୍ରହଣ କରିପାରିବେ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ ହାଫ୍ ମାରାଥନ୍ ୨୦୨୪ ଫେବ୍ରୁଆରି ୪ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଢେଙ୍କାନାଳ ସହର ନିକଟସ୍ଥ କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳରେ ଆୟୋଜନ କରାଯିବ। ଏହି ହାଫ୍ ମାରାଥନ୍‌ରେ ୧୯ ବର୍ଷ ଓ ତା'ଠାରୁ ଅଧିକ ବୟସ ବର୍ଗ ଲାଗି ୨୧ କିମି ଓ ୧୦ କିମି ଏବଂ ୧୪ରୁ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ୫ କିମି ଭଳି ତିନିଟି ଦୌଡ଼ ବର୍ଗ ରହିବ।

• ସିକେ ନାଇଡୁ ଟ୍ରଫି

## ଝାଡଖଣ୍ଡଠାରୁ ହାରିଲା ଓଡ଼ିଶା



ଅନିଲ ପରିଡ଼ା



ରଘୁନାଥ ମଲ୍ଲ

କଟକ/ସମ୍ବଲପୁର, ୧୭।୧(ସମିସ): ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ୯ ୱିକେଟରେ ଝାଡଖଣ୍ଡ ଠାରୁ ହାରିଯାଇଛି। ପ୍ରଥମ ଇନିଂସ୍‌ରେ ୩୧୯ରନ ପଛୁଆ ରହି ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଘରୋଇ ଓଡ଼ିଶା ଦଳ ବୁଧବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ ବିନିମୟରେ ୧୯୨ରନ ସଂଗ୍ରହ କରିଥିଲା। ରଘୁନାଥ ମଲ୍ଲ ୧୦୩ରନରେ ଅପରାଜିତ ଥିଲେ। ଚତୁର୍ଥ ତଥା ଶେଷଦିନ ଖେଳରେ ରଘୁନାଥ ମଲ୍ଲ ୧୬୬ରନରେ ଆଉଟ ହେବା ପରେ ଅଧିନାୟକ ଅନୀଲ ପରିଡ଼ା ୬୬ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଅନ୍ୟ କୌଣସି ବ୍ୟାଟର ଅଧିକ ସମୟ କ୍ରିଜରେ ଟିକି ପାରିନଥିଲେ। ଦଳ ସମସ୍ତ ୱିକେଟ ହରାଇ ୩୬୧ରନ କରିଥିଲା। ଝାଡଖଣ୍ଡର ମାନିଷି ସର୍ବାଧିକ ୫ଟି ୱିକେଟ ଅକ୍ତିଆର କରିଥିଲେ। ଝାଡଖଣ୍ଡ ସମ୍ମୁଖରେ ମାତ୍ର ୪୩ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଗୋଟିଏ ୱିକେଟ ହରାଇ ଝାଡଖଣ୍ଡ ବିଜୟ ହାସଲ କରିଛି।

• ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ

## ଶୁଭ୍ର ନିର୍ଝରିଣୀଙ୍କୁ ଓଡ଼ିଶା ନେତୃତ୍ୱ

କଟକ, ୧୭।୧(ସମିସ): ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି ଆସନ୍ତା ୨୬ରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ତିନୋଟି ମ୍ୟାଚ୍ ନିମନ୍ତେ ଓଡ଼ିଶା ଦଳ ଘୋଷଣା କରାଯାଇଛି। ରାଜ୍ୟ ମହିଳା ଦଳ ଚୟନ କମିଟି ଅଧକ୍ଷା ରଶ୍ମିତା ମହାନ୍ତି ଓ ୨୩ବର୍ଷରୁ କମ୍ ମହିଳା ରାଜ୍ୟ ଦଳ ପ୍ରଶିକ୍ଷିକା କାଦମ୍ବିନୀ ମହାକୁଡ଼ ଓସିଏ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ। ଘୋଷିତ ୧୬ଜଣିଆ ରାଜ୍ୟ ଦଳରେ ଶୁଭ୍ର ନିର୍ଝରିଣୀ ସ୍ୱାଇଁଙ୍କୁ ଦଳର ଅଧିନାୟିକା ଦାୟିତ୍ୱ ଦିଆଯାଇଛି। ତରନ୍ନା ପ୍ରଧାନ ଉପଅଧିନାୟିକା ଦାୟିତ୍ୱ ତୁଲାଇବେ। ତନ୍ମୟୀ ବେହେରା, ପୂଜାରାଣୀ ଦାସ, ଅଲିସ୍ମା ବିଶ୍ୱାଳ, ଜୋଏସ ନାୟକ(ୱିକେଟ କିପର), କୁସୁମ ତିରିଆ, ରୋଶନୀ ବରୱା, ମଧୁସ୍ମିତା ଦଳାଇ(ୱିକେଟ କିପର), ସୋନାଲୀ ହେମ୍ବ୍ରମ, ଜିଏମ ଅଳକାନନ୍ଦା, ସୁଶ୍ରୀ ଅନିତା ସିଂହ, ବିଜୟଲକ୍ଷ୍ମୀ ବେହେରା, ଶାନ୍ତିଲତା ପୁର୍ତ୍ତି, ସୂର୍ଯ୍ୟସ୍ନାତା ସ୍ୱାଇଁ, ମିତାଲି ଶର୍ମା ଦଳରେ ସ୍ଥାନ ପାଇଛନ୍ତି। ମୁମ୍ବାଇର ଏମଆଇଜି କ୍ରିକେଟ କ୍ଲବରେ ଜମ୍ମୁ ଓ କଶ୍ମୀର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ ଖେଳିବ।

## ଇତିହାସ ରଚିବ ଓଡ଼ିଶା ଟେବୁଲ ଟେନିସ୍ ଦଳ

### ପ୍ରଥମଥର ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବା ନିଶ୍ଚିତ

କଟକ, ୧୭।୧(ସମିସ): ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରଥମଥର ନିମନ୍ତେ ପଦକ ମିଳିବ। ଦୀର୍ଘ ବର୍ଷ ଅନ୍ତରାଳରେ ଏହି ଆଶା ପୂରଣ ହେବାକୁ ଯାଉଛି। ମଧ୍ୟପ୍ରଦେଶର ଇନ୍ଦୋର ଠାରେ ଚାଲିଥିବା ୮୫ତମ ଆନ୍ତଃ ରାଜ୍ୟ ଉପକନିଷ୍ଠ ଏବଂ କ୍ୟାଡେଟ ଟିଟି ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା ଖେଳାଳିମାନେ ପଦକ ନିଶ୍ଚିତ କରିଛନ୍ତି। ୧୫ବର୍ଷରୁ କମ୍ ବାଳକ ଦଳଗତ ଇଭେଣ୍ଟରେ ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ସେମିଫାଇନାଲ ମୁକାବିଲାରେ ଦଳ ପେଟ୍ରୋଲିୟମ ସ୍ପୋର୍ଟସ ପ୍ରମୋସନ ବୋର୍ଡ(ପିଏସ୍‌ପିବି)କୁ ଭେଟିବ। ସେମିଫାଇନାଲରେ ପରାସ୍ତ ହେଲେ ଓଡ଼ିଶାକୁ କାଂସ୍ୟ ପଦକ ମିଳିବ। ତେବେ ଓଡ଼ିଶା ଅଧିକ ସଫଳତା ପାଇବା ଆଶା ରହିଛି ବୋଲି ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା କହିଛନ୍ତି।



ଜାତୀୟ ସ୍ତରର ଟିଟି ପ୍ରତିଯୋଗିତାରେ ପୂର୍ବରୁ ଓଡ଼ିଶା କୌଣସି ବି ବୟସ ବର୍ଗରେ ପଦକ ଜିତି ପାରିନଥିଲା। ଏହା ଧାରା ଏବେ ଭାଙ୍ଗିଛି। ଜିଜ୍ଞାସୁ ସାଇ କିରଣ ପ୍ରଧାନ, ଟି. ମହମ୍ମଦ, ଅନିନ୍ଦ୍ୟ ଅନୁପମ ଦାସ ଓ ଜିଜ୍ଞାସୁ ସାହୁଙ୍କୁ ନେଇ ଗଠିତ ରାଜ୍ୟ ଦଳ ଚଳିତ ଆନ୍ତଃରାଜ୍ୟ ଉପକନିଷ୍ଠ ଏବଂ କ୍ୟାଡେଟ ଟିଟି ଜାତୀୟ ଚାମ୍ପିଅନସିପ୍‌ରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରଥମେ ଗୁଜରାଟ ଠାରୁ ୨-୩ ଗେମ୍‌ରେ ପରାସ୍ତ ହୋଇଥିଲା। ପରେ ମଧ୍ୟପ୍ରଦେଶ ଓ ଟିଟିଏଫଆଇ-୨(ରାଜସ୍ଥାନ)କୁ ପରାସ୍ତ କରି ଦଳ ପ୍ରି-କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ଏହି ରାଉଣ୍ଡରେ ୩-୧ ଗେମରେ ତେଲଙ୍ଗାନାକୁ ପରାସ୍ତ କରି ଦଳ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଉକ୍ତ ନକଆଉଟ ପର୍ଯ୍ୟାୟରେ ଓଡ଼ିଶା ଖେଳାଳିମାନେ ୩-୧ ଗେମରେ ତାମିଲନାଡୁକୁ ପରାସ୍ତ କରିବା ସହ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ମ୍ୟାନେଜର ସମ୍ବିତ ଦାସ ଓ ପ୍ରଶିକ୍ଷକ ରାଜ ଏସ୍ ସୁବ୍ରମଣ୍ୟମ ଦଳ ସହ ଅଛନ୍ତି।

• କଳିଙ୍ଗ ସୁପର କପ୍

## ଓଡ଼ିଶା ଏଫ୍‌ସିର କ୍ରମାଗତ ଦ୍ୱିତୀୟ ବିଜୟ



ଭୁବନେଶ୍ୱର, ୧୭ ।୧(ସମିସ): ଚଳିତ କଳିଙ୍ଗ ସୁପର କପ୍‌ରେ ଆୟୋଜକ ଓଡ଼ିଶା ଏଫ୍‌ସି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ମୁଖ୍ୟ ପିଚ୍‌ରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୩-୦ ଗୋଲରେ ଇଣ୍ଟର କାଶୀକୁ ପରାସ୍ତ କରିଛି। ଓଡ଼ିଶା ତରଫରୁ ୪୫ତମ ମିନିଟ୍‌ରେ ଲାଲଥାଥାଙ୍ଗା ଖଲହିରିଙ୍ଗ ପ୍ରଥମ, ୬୦ତମ ମିନିଟ୍‌ରେ ଡିଏଗୋ ମୌରିସିଓ ଦ୍ୱିତୀୟ, ୭୯ତମ ମିନିଟ୍‌ରେ ଆଜାକ ଭାନଲାଲରୁଆତଫେଲା ଗୋଲ ସ୍କୋର କରିଥିଲେ। ଓଡ଼ିଶାର ମୌରିସିଓ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ଓଡ଼ିଶା ଗତ ୧୨ ତାରିଖରେ ୧-୦ ଗୋଲରେ ବେଙ୍ଗାଲୁରୁକୁ ହରାଇଥିଲା।

**ବେଙ୍ଗାଲୁରୁକୁ ହରାଇଲା ଗୋଆ ଏଫ୍‌ସି:** ବୁଧବାର ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଏଫ୍‌ସି ଗୋଆ ୧-୦ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। କଳିଙ୍ଗ ଷ୍ଟାଡିୟମ ପିଚ୍-୧ରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଗୋଆ ପାଇଁ ବ୍ରିସନ ଦେଉବେନ ଫର୍ଣ୍ଣାଣ୍ଡିଜ୍ ଅନ୍ତିମ ମୂହୂର୍ତ୍ତରେ ଅର୍ଥାତ ଇଞ୍ଜୁରି ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

• ଏଏଫ୍‌ସି ଏସିଆନ୍ କପ୍

## ଲେବାନନ- ଚୀନ୍ ମ୍ୟାଚ୍ ଅମୀମାଂସିତ



ଦୋହା, ୧୭ ।୧(ଏଜେନ୍ସି): କତାରରେ ଚାଲିଥିବା ଏଏଫ୍‌ସି ଏସିଆନ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ଲେବାନନ ଓ ଚୀନ୍ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍ ଏ'ର ଏକ ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଚୀନ ଅପେକ୍ଷାକୃତ ଭଲ ଖେଳ ପ୍ରଦର୍ଶନ କରିଥିଲା। ବଲ୍ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଚୀନ୍ ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନଥିଲା। ଗ୍ରୁପ୍ ଏ'ରେ କାତାର ୨ଟି ମ୍ୟାଚ୍ ଖେଳି ୨ଟି ବିଜୟୀ ହୋଇ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିପରି ଚୀନ ୨ ମ୍ୟାଚ୍ ଖେଳି ୨ଟି ଡ୍ର ସହ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

## ତ୍ରିପୁରା ବିପକ୍ଷ ମ୍ୟାଚ୍ ପାଇଁ ଓଡ଼ିଶା ଦଳ

କଟକ, ୧୭।୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ସି.କେ. ନାଇଡୁ ଟ୍ରଫିର ଚଳିତ ସଂସ୍କରଣର ପ୍ରଥମ ଦୁଇଟି ଯାକ ମ୍ୟାଚ୍‌ରେ ଓଡ଼ିଶା ପରାଜୟର ସମ୍ମୁଖୀନ ହୋଇଛି। ଆସନ୍ତା ୨୧ରୁ ଅଗରତାଲାର ପୁଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ଦଳ ତ୍ରିପୁରା ବିପକ୍ଷରେ ୩ୟ ମ୍ୟାଚ୍ ଖେଳିବ। ଏଥି ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବୁଧବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଅନୀଲ ପରିଡ଼ାଙ୍କ ନେତୃତ୍ୱରେ ଘୋଷିତ ରାଜ୍ୟ ଦଳରେ ଓମଟି ମୁଣ୍ଡେ, ସାୱନ ପହରିଆ (ୱିକେଟ କିପର), ଶାଶ୍ୱତ ମହାନ୍ତି, ରଘୁନାଥ ମଲ୍ଲ, ହେମନ୍ତ ନାୟକ, ସାଇଦୀପ ମହାପାତ୍ର, ବିଶ୍ୱ ବୈଭବ ମୁଦୁଲି, ଅଭିନବ ନନ୍ଦ, ଦେବବ୍ରତ ପ୍ରଧାନ(ୱିକେଟ କିପର), ମିଳନ ସାମଲ, ବାଦଲ କୁମାର ବିଶ୍ୱାଳ, ସମ୍ବିତ ବରାଳ, ସତ୍ୟକାମ ଭରଦ୍ୱାଜ, ଆଶୁତୋଷ ଛୁରିଆ ଓ ଆଦିତ୍ୟ ଜୟସିଂହ ସ୍ଥାନ ପାଇଛନ୍ତି।

# ୧୬ ବର୍ଷୀୟା ଆନ୍ଦ୍ରିଭାଙ୍କଠାରୁ ହାରିଲେ ଜାବେଉର

**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍**

ମେଲବୋର୍ଣ୍ଣ, ୧୭ ।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ପ୍ରତିଯୋଗିତାରେ ବୁଧବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ରୁଷିଆର ୧୬ ବୟସ୍କା ଖେଳାଳି ମୀରା ଆନ୍ଦ୍ରିଭା ୬-୦, ୬-୨ ସିଧାସଳଖ ସେଟ୍‌ରେ ଷଷ୍ଠ ସିଡ୍ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ବେଲାରୁଷର ଅରିନା ସବାଲେଙ୍କା ୬-୩, ୬-୨ ସେଟ୍‌ରେ ଚେକ ଗଣରାଜ୍ୟର ବ୍ରେଣ୍ଡା ଫ୍ରୁଭିରୋଟୋଭାଙ୍କୁ, ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫ୍ ୭-୬, ୬-୨ ସେଟ୍‌ରେ ନିଜ ଦେଶରୁ କାରୋଲିନ୍ ଡୋଲେହାଇଡ୍‌ଙ୍କୁ, ୯ମ ସିଡ୍ ଚେକ୍ ଖେଳାଳି ବାର୍ବୋରା କ୍ରେଜିସିକୋଭା ୬-୨, ୬-୨ ସେଟ୍‌ରେ ଜର୍ମାନୀର ତମରା କୋସପାସ୍କଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ୮ମ ସିଡ୍ ଗ୍ରୀସ୍‌ର ମାରିଆ ସାକାରି ୪-୬, ୪-୬ ସେଟ୍‌ରେ ରୁଷିଆର ଏଲିନା ଆଭାନେସିଆନଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି।

**ଜୋକୋଭିଚ୍, ରୁବ୍‌ଲେଭ ତୃତୀୟ ରାଉଣ୍ଡରେ**

ପୁରୁଷ ଏକକରେ ଶ୍ରେଷ୍ଠ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍, ୫ମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ, ୭ମ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ୍ ସିତସିପାସ, ଚତୁର୍ଥ ସିଡ୍ ଇଟାଲୀର ଜାନିକ ସିନର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଜୋକୋଭିଚ୍ ୬-୩, ୪-୬, ୭-୬, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସେଇ ପୋପିରିନଙ୍କୁ, ରୁବଲେଭ ୬-୪, ୬-୪, ୬-୪ ସେଟ୍‌ରେ ଆମେରିକାର କ୍ରିଷ୍ଟୋଫର ୟୁବ୍ୟାଙ୍କସଙ୍କୁ, ସିତସିପାସ୍ ୪-୬, ୭-୬, ୬-୨, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କୁ, ଦ୍ୱାଦଶ ସିଡ୍ ଆମେରିକାର ଟେଲର ଫ୍ରିଜ୍ ୬-୦, ୬-୩, ୬-୧ ସେଟ୍‌ରେ ଫ୍ରାନ୍ସର ହୁଗୋ ଗାଷ୍ଟନଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ବୋପାନ୍ନାଙ୍କ ଅଭିଯାନ ଆଜି**

ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ ଗୁରୁବାର ଅଭିଯାନ ଆରମ୍ଭ କରିବେ। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ପ୍ରଥମ ରାଉଣ୍ଡରେ ଅଷ୍ଟ୍ରେଲିଆର ଜେମ୍ସ ଡକଓ୍ୱର୍ଥ ଓ ମାର୍କ ପୋଲମାନ୍ସଙ୍କୁ ଭେଟିବେ। ସେହିପରି ବିଜୟ ସୁନ୍ଦର ପ୍ରଶାନ୍ତ ଓ ଅନିରୁଦ୍ଧ ଚନ୍ଦ୍ରଶେଖରଙ୍କୁ ନେଇ ଗଠିତ ଅନ୍ୟତମ ଭାରତୀୟ ଯୋଡି ପ୍ରଥମ ରାଉଣ୍ଡରେ ହଙ୍ଗେରୀ ଯୋଡି ମାର୍ଟିନ ଫୁକ୍‌ସୋଭିକ୍ସ ଓ ଫବିଆନ ମାରୋଜସାନଙ୍କୁ ଭେଟି ଅଭିଯାନ ଆରମ୍ଭ କରିବେ।



ମୀରା ଆନ୍ଦ୍ରିଭା

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର